## ଅଲ୍ଲାଃତାଲାଙ୍କ ବାଣୀ

اَلَّذِیۡنَ یَقُوۡلُوۡنَ
رَبَّنَاۤ اِنَّنَاۤ اٰمَنَّا فَاغۡفِرۡ لَنَا
ذُنُوۡبَنَا وَقِنَا عَذَابَ النَّارِ ۝

(سورۃ ال عمران:17)

**ଅନୁବାଦ** - ଯେଉଁମାନେ କୁହନ୍ତି ''ହେ ଆମମାନଙ୍କର ପାଳନକର୍ତା ! ଆମେମାନେ ନିଶ୍ଚୟ ବିଶ୍ୱାସ ସ୍ଥାପନ କରିଅଛୁ; ସୁତରାଂ ତୁମେ ଆମମାନଙ୍କର ଦୋଷ କ୍ଷମା କର ଓ ଆମମାନଙ୍କୁ ନର୍କର ଶାସ୍ତିରୁ ରକ୍ଷା କର'' ।

(ଆଲେ ଇମ୍ରାନ୍:୧୭)


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 4

ସାପ୍ତାହିକ

# ବଦର

The Weekly କାଦିଆନ
**BADAR** Qadian
**ODIA**

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

24 ଜାନୁଆରୀ 2019 24 ସୁଲାହ୍ 1398 ହି.ଶ 17 ଜମାଦିଲ୍ ଅୱଲ୍ 1440 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବଂ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର ଅ.ବଂଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଂଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ସଂସାର ଓ ତା ସୌନ୍ଦର୍ଯ୍ୟ ସହିତ ବହୁମାତ୍ରାରେ ମନ ଲଗାଅ ନାହିଁ । ଜାତିଆଣ ଗର୍ବ କରନାହିଁ । କୌଣସି ମହିଳାଙ୍କୁ ଥଟ୍ଟା ପରିହାସ କରନାହିଁ । ସ୍ୱାମୀଙ୍କ ଠାରୁ ଏପରି ଆଶା ରଖନାହିଁ ଯାହା ତା ସାମର୍ଥ୍ୟ ବାହାରେ ରହିଛି । ନିରୀହ ଓ ପବିତ୍ର ଅବସ୍ଥାରେ କବର୍‌ରେ ଦାଖିଲ ହେବା ପାଇଁ ଚେଷ୍ଟା କର ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ଏହି ମୌଲବୀ ମାନଙ୍କ ଉପରେ ଅଫ୍‌ସୋସ୍ (ଦୁଃଖ) ଲାଗୁଛି କି ଯଦି ତାଙ୍କ ନିକଟରେ ଦିଆନତ୍ (ସତ୍ୟତା) ଥାଆନ୍ତା ତେବେ ସେମାନେ ତକ୍‌ୱା (ଧର୍ମପରାୟଣତା) ମାର୍ଗରେ ନିଜର ସନ୍ତୁଷ୍ଟି ପ୍ରତ୍ୟେକ କ୍ଷେତ୍ରରୁ କରିପାରନ୍ତେ । ଏବଂ ଇଶ୍ୱର ତ ପବିତ୍ର ଆତ୍ମାକୁ ଶାନ୍ତ୍ୱନା ଦେଇଦେଲେ । କିନ୍ତୁ ଯେଉଁମାନେ ଅବୁ ଜହଲ୍‌ର ମାଟିରୁ ସୃଷ୍ଟି ହୋଇଛନ୍ତି ସେମାନେ ସେହି ଶୈଳୀକୁ ଗ୍ରହଣ କରିଛନ୍ତି ଯାହାକୁ ଅବୁ ଜହଲ୍ ଗ୍ରହଣ କରିଥିଲା । ଜଣେ ମୌଲବୀ ସାହେବ୍ ମେରଠ୍‌ରୁ ମୋ ନିକଟକୁ ରେଜିଷ୍ଟ୍ରି କରି ଏତେଲା ଦେଇଛନ୍ତି କି ଅମୃତସର୍‌ରେ ନଦୱ୍‌ତୁଲ୍ ଓ୍ୱଲେମା ମାନଙ୍କର ଜଲ୍‌ସା ଅଛି । ସେଠାରେ ଆସି ଯୁକ୍ତି କରିବା ଉଚିତ୍ । କିନ୍ତୁ ସ୍ପଷ୍ଟ ହେଉ ଯେ ଯଦି ସେହି ମୁଖାଲିଫ୍ (ବିରୋଧି) ମାନଙ୍କ ନିୟତ୍ ଠିକ୍ ଥାଆନ୍ତା ଓ ହାର୍ ଜିତ୍‌ର ମନୋଭାବ ନଥାନ୍ତା ତେବେ ସେମାନଙ୍କୁ ତାଙ୍କ ସନ୍ତୁଷ୍ଟି ନିମନ୍ତେ ନଦୱ୍ୱା ଇତ୍ୟାଦିର କଣ ଆବଶ୍ୟକତା ଥିଲା । ଆମେ ନଦ୍‌ୱାର ଓ୍ୱଲେମାମାନଙ୍କୁ ଅମୃତ୍‌ସର୍‌ର ଓ୍ୱଲେମାମାନଙ୍କଠାରୁ ଭିନ୍ନ ମଣୁନାହୁଁ । (ସେ ସମସ୍ତଙ୍କର) ଗୋଟିଏ ବିଶ୍ୱାସ, ଗୋଟିଏ ଜାତି ଓ ଗୋଟିଏ ହିଁ ଗୁଣ । ପ୍ରତ୍ୟେକଙ୍କୁ ଏ ଅଧିକାର ଅଛି କି ସେ କାଦିଆନ୍ ଆସନ୍ତୁ କିନ୍ତୁ ତର୍କ କରିବା ପାଇଁ ନୁହେଁ ବରଂ କେବଳ ସତ୍ୟ ପାଇବା ପାଇଁ ଆମ ତକ୍‌ରୀର୍ (କଥା)କୁ ଶୁଣିବେ । ଯଦି (କୌଣସି) ସନ୍ଦେହ ରହିଯିବ ତେବେ ବିନମ୍ରତାର ସହିତ ନିଜ ସନ୍ଦେହକୁ ଦୂର କରିପାରିବେ ଏବଂ ଯେପର୍ଯ୍ୟନ୍ତ କାଦିଆନ୍‌ରେ ରହିବେ (ତାଙ୍କୁ) ଜଣେ ଅତିଥି ରୂପେ ବୁଝାଯିବ । ଆମକୁ ନଦୱ୍ୱା ଇତ୍ୟାଦିର ଆବଶ୍ୟକତା ନାହିଁ ନା ତାଙ୍କ ପ୍ରତି କିଛି ଆବଶ୍ୟକତା ରହିଛି । ଏ ସମସ୍ତ ଲୋକେ ହେଉଛନ୍ତି ସତ୍ୟର ଶତ୍ରୁ କିନ୍ତୁ (ଏହାସତ୍ତ୍ୱେ ମଧ୍ୟ) ସତ୍ୟ ସଂସାରରେ ପ୍ରସାର ହୋଇଚାଲିଛି । ଏହା କଣ ଇଶ୍ୱରଙ୍କର ମହାନ ଚମତ୍କାର ନୁହେଁ କି । ସେ ଆଜିଠାରୁ କୋଡିଏ ବର୍ଷ ପୂର୍ବେ ବରାହିନେ ଅହେମଦୀୟାରେ ନିଜ ଏଲ୍‌ହାମ୍ (ସ୍ୱର୍ଗବାଣୀ) ଦ୍ୱାରା ପ୍ରକାଶ କରିଥିଲେ କି ଲୋକମାନେ ତୁମର ଅସଫଳ ଚାହିଁବା ପାଇଁ ବହୁତ ଚେଷ୍ଟା କରିବେ ଏବଂ ପ୍ରାଣପଣେ ଚେଷ୍ଟା କରିବେ । ପରିଶେଷରେ ମୁଁ ତୁମକୁ ଏକ ବଡ ଜମାତ୍ (ସମ୍ପ୍ରଦାୟ ରୂପେ) ତିଆରି କରିବି । ଏହା ହେଉଛି ସେ ସମୟର ଐଶ୍ୱର୍ଗିକ ବାଣୀ ଯେତେବେଳେ ମୋ ସହିତ ଜଣେ ମଧ୍ୟ ନଥିଲେ । ପୁଣି ମୋର ଦାବୀ ପ୍ରକାଶ ହେବା ପରେ ବିରୋଧୀମାନେ ପ୍ରାଣପଣେ ଚେଷ୍ଟା କଲେ । ପରିଶେଷରେ ଉପରୋକ୍ତ ଭବିଷ୍ୟବାଣୀ ମୁତାବକ ଏହି ସିଲ୍‌ସିଲା (ସମ୍ପ୍ରଦାୟ) ବ୍ୟାପିଗଲା ଏବଂ ଏବେ ଆଜିର ତାରିଖ ପର୍ଯ୍ୟନ୍ତ ବ୍ରିଟିଶ୍ ଇଣ୍ଡିଆର ଏ ଜମାତ୍ ଏକଲକ୍ଷରୁ ମଧ୍ୟ କିଛି ଅଧିକା ହୋଇଯାଇଛି । ନଦୱ୍‌ତୁଲ୍ ଓ୍ୱଲେମାଙ୍କୁ ଯଦି ମୃତ୍ୟୁ ମନେଅଛି ତେବେ ବରାହିନେ ଅହେମଦୀୟା ଓ ସରକାରୀ କାଗଜପତ୍ର ଦେଖି ବତାଇଦିଅନ୍ତୁ ଯେ କଣ ଏହା (ଏକ) ଐଶି ଚମତ୍କାର ଅଟେ ବା ନୁହେଁ । ପୁଣି ଯେବେ ପବିତ୍ର କୋରାନ୍ ଏବଂ ଐଶି ଚମତ୍କାରିତା ଦୁଇଟିଯାକ ଉପସ୍ଥାପନ କରାଗଲା ତେବେ ବର୍ତମାନ ଯୁକ୍ତି କରିବା କେଉଁ ଉଦ୍ଦେଶ୍ୟ ପାଇଁ ?

ସେହିପରି ଏ ଦେଶର ଗଦିନଶିନ୍ ଏବଂ ପୀର୍ ଜାଦେ ଦୀନ୍ ସହିତ ଏପରି ସମ୍ପର୍କ ଛିନ୍ନ କରିଛନ୍ତି ଏବଂ କୁପ୍ରଥାରେ ଦିନରାତି ଏପରି ମସ୍‌ଗୁଲ୍ ଅଛନ୍ତି ଯେ ସେମାନଙ୍କୁ ଇସ୍‌ଲାମ୍‌ର ଦୁଃଖ ଏବଂ ଇସ୍‌ଲାମ୍ ପ୍ରତି ଥିବା ବିପତିର କିଛି ମଧ୍ୟ ଖବର ନାହିଁ । ସେମାନଙ୍କର ମଜ୍‌ଲିସ୍‌କୁ ଯଦି ଯାଅ ତେବେ ସେଠାରେ ପବିତ୍ର କୋରାନ୍ ଏବଂ ହଦିସ୍‌ର ପୁସ୍ତକ ଗୁଡିକ ବ୍ୟତୀତ କିସମ କିସମର ତମ୍ବୁର, ସାରଙ୍ଗୀ, ଢ଼ୋଲ ଏବଂ କୱ୍ୱାଲ୍ ଇତ୍ୟାଦି ଜିନିଷପତ୍ରର କୁପ୍ରଥା ଦେଖିବାକୁ ମିଳିବ । ଏବଂ ପୁଣି ସେମାନେ ମୁସଲ୍‌ମାନ୍ ମାନଙ୍କର ଧର୍ମ ନେତା ହେବାର ଦାବୀ ଓ ନବୀ ସ:ଆ:ସଙ୍କ ଅନୁସରଣକାରୀର ଦାବି କରୁଥିବାର ଡିଣ୍ଡିମ ପିଟୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କିଛି ଲୋକେ ମହିଳାମାନଙ୍କର ବସ୍ତ୍ର ପିନ୍ଧୁଛନ୍ତି ଏବଂ ହାତରେ ମେହେନ୍ଦୀ ଲଗାଉଛନ୍ତି ଓ ପୁଣି ଚୁଡି ପିନ୍ଧୁଛନ୍ତି ଓ ପବିତ୍ର କୋରାନ୍ ସମ୍ବନ୍ଧିତ ପଦ ପଢ଼ିବାକୁ ନିଜ ମଜ୍‌ଲିସ୍‌ରେ ପସନ୍ଦ କରୁଛନ୍ତି । ଏମାନେ ଏପରି ପୁରୁଣା କଳଙ୍କ ତାହା ଦୂର ହେବ ବୋଲି ଖିଆଲ୍ ମଧ୍ୟ ଆସିପାରେନାହିଁ । ତେବେ ମଧ୍ୟ ଅଲ୍ଲାଃତାଲା ନିଜର ଶକ୍ତି ଦେଖାଇବେ ଓ ଇସ୍‌ଲାମ୍‌ର ସାହାଯ୍ୟକାରୀ ହେବେ ।

### ମହିଳାମାନଙ୍କ ନିମନ୍ତେ କିଛି ଉପଦେଶ

ଆମର ଏ ଯୁଗରେ ମହିଳାମାନେ ଏକ ବିଶେଷ ବିଦ୍‌ଆତ୍ (କୁପ୍ରଥା)ରେ ଲିପ୍ତ ଅଛନ୍ତି । ସେମାନେ ବହୁ ବିବାହକୁ ଅତ୍ୟନ୍ତ ଖରାପ ଦୃଷ୍ଟିରେ ଦେଖୁଛନ୍ତି ଯେପରିକି ତା ଉପରେ ତାଙ୍କର ଇମାନ୍ ନାହିଁ । ସେମାନଙ୍କୁ ଜଣାନାହିଁ ଯେ ଖୁଦାତାଲାଙ୍କ ଶରୀୟତ୍ ପ୍ରତ୍ୟେକ ପ୍ରକାରର ଉପଚାର ନିଜ ଭିତରେ ରଖିଛି । ସୁତରାଂ ଯଦି ଇସ୍‌ଲାମ୍‌ରେ ବହୁ ବିବାହ କରିବା ବିଷୟ ନଥାଆନ୍ତା ତେବେ ଏପରି ପରିସ୍ଥିତିରେ ଯେତେବେଳେ ପୁରୁଷମାନଙ୍କ ପାଇଁ ଦ୍ୱିତୀୟ ବିବାହ କରିବାକୁ ଆବଶ୍ୟକ ପଡ଼ିଥାନ୍ତା ତେବେ ଏହି ଶରୀୟତ୍‌ରେ ତାଙ୍କ ପାଇଁ କୌଣସି ଉପଚାର ନଥାନ୍ତା । ଉଦାହରଣ ସ୍ୱରୂପ ଯଦି ସ୍ତ୍ରୀ ପାଗଳ ହୋଇଯାଏ ବା କୁଷ୍ଠରୋଗୀ ହୋଇଯାଏ ବା ସବୁବେଳ ପାଇଁ କୌଣସି ଏପରି ରୋଗରେ ପଡିଯାଏ ଯାହାତାକୁ ବେକାର କରିଦିଏ ବା ଆଉ କୌଣସି ଏପରି ସମସ୍ୟା ସୃଷ୍ଟି ହୋଇଯାଏ ଯଦ୍ୱାରା ସ୍ତ୍ରୀ ଦୟାର ପାତ୍ର ହୋଇ ବେକାର୍ ହୋଇଯିବ ଏବଂ ପୁରୁଷ ମଧ୍ୟ ଦୟାର ପାତ୍ର ହୋଇଯିବ ଓ ସେ ଏକାକୀ ଜୀବନଯାପନ ବିତାଇବା ପାଇଁ ଧୈର୍ଯ୍ୟ ଧରିପାରୁନଥିବ ଏପରି ପରିସ୍ଥିତିରେ ତାକୁ ଯଦି ଦ୍ୱିତୀୟ ବିବାହ ପାଇଁ ଅନୁମତି ନମିଳେ ତେବେ ପୁରୁଷର ଶକ୍ତି ଓ ସାମର୍ଥ୍ୟ ଉପରେ ଏହା ଅତ୍ୟାଚାର ହେବ । ଇଶ୍ୱରଙ୍କ ଶରୀୟତ୍ ଏହି ସବୁ କଥା ଗୁଡିକ ଉପରେ ଦୃଷ୍ଟିଦେଇ ପୁରୁଷମାନଙ୍କ ନିମନ୍ତେ ଏ ମାର୍ଗ ଉନ୍ମୁକ୍ତ ରଖିଛି ଏବଂ (ସେହିପରି) ମଜ୍‌ବୁରୀ ସମୟରେ ମହିଳାମାନଙ୍କ ପାଇଁ ମଧ୍ୟ ଏ ମାର୍ଗ ଉନ୍ମୁକ୍ତ ରହିଛି କି ଯଦି ପୁରୁଷ ବେକାର ହୋଇଯାଏ ତେବେ ହାକିମଙ୍କ ଜରିଆରେ ଖୁଲା କରାଇନେବ ଯାହା ତଲାକ୍‌ର ସମତୁଲ୍ୟ । ଖୁଦାଙ୍କ ଶରୀୟତ୍ ଔଷଧ ବିକ୍ରି ହେଉଥିବା ଦୋକାନ ସଦୃଶ ଅଟେ । ସୁତରାଂ ଯଦି ଏପରି ଦୋକାନ ନାହିଁ ଯେଉଁଥିରେ ପ୍ରତ୍ୟେକ ପ୍ରକାରର ରୋଗ ପାଇଁ ଔଷଧ ମିଳୁଥିବ ତେବେ ସେହି ଦୋକାନ୍ ଚାଲିପାରିବ ନାହିଁ । ସୁତରାଂ ଚିନ୍ତାକର ଯେ କଣ ଏହା ସତ୍ୟନୁହେଁ କି ପୁରୁଷମାନଙ୍କ ପାଇଁ କେତେକ କଠିନ ପରିସ୍ଥିତି ଏପରି ଉପୁଜି ଯାଇଥାଏ ଯେଉଁଥିପାଇଁ ସେ ଦ୍ୱିତୀୟ ବିବାହ କରିବା ପାଇଁ ବ୍ୟାକୁଳ ହୋଇଯାଇଥାଏ । ଏପରି ଶରୀୟତ୍ କେଉଁ କାମ ପାଇଁ ଯେଉଁଥିରେ ସମସ୍ତ ଅସୁବିଧା ପାଇଁ ଉପଚାର ନାହିଁ । ଦେଖନ୍ତୁ ଇଞ୍ଜିଲ୍‌ରେ ତଲାକ୍ ସମ୍ବନ୍ଧରେ କେବଳ ଜନାଃ (ବ୍ୟଭିଚାର)ର ସର୍ତ ଥିଲା ଏବଂ ଅନ୍ୟାନ୍ୟ ଶହଶହ ପ୍ରକାରର କାରଣ ଯାହା ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଜୀବନ ଶତୃତା ସୃଷ୍ଟି କରିଦିଏ, ସେ ବିଷୟରେ କିଛି ଚର୍ଚ୍ଚା କରାଯାଇନଥିଲା । ସେଥିପାଇଁ ଇସାଇ କୌମ୍ ଏହି ଅଭାବକୁ ବର୍‌ଦାସ୍ତ କରିପାରିଲା ନାହିଁ ଓ ପରିଶେଷରେ ଆମେରିକାରେ ଗୋଟିଏ ତଲାକ୍ ସମ୍ବନ୍ଧୀୟ କାନୁନ୍ ପାସ୍ କରିବାକୁ ପଡିଲା । ସୁତରାଂ ଏବେ ଚିନ୍ତା କର ଯେ ସେହି କାନୁନ୍ ହେବାଯୋଗୁ ଇଞ୍ଜିଲ୍ କୁଆଡେ ଗଲା । ଏବଂ ହେ ମହିଳାମାନେ ଚିନ୍ତା କରନାହିଁ, ତୁମକୁ ଯେଉଁ ପୁସ୍ତକ ମିଳିଛି ତାହା ଇଞ୍ଜିଲ୍ ସଦୃଶ ମନୁଷ୍ୟଗତ ସଂସ୍କରଣର ଆଶ୍ରିତ ନୁହେଁ ଏବଂ ସେହି ପୁସ୍ତକରେ ଯେପରି ପୁରୁଷମାନଙ୍କର ଅଧିକାରକୁ ସୁରକ୍ଷିତ ରଖାଯାଇଛି (ସେହିପରି) ମହିଳାମାନଙ୍କ ଅଧିକାରକୁ ମଧ୍ୟ ସୁରକ୍ଷିତ ରଖାଯାଇଛି । ଯଦି ମହିଳାମାନେ ପୁରୁଷଙ୍କ ବହୁ ବିବାହ ଯୋଗୁ ନାରାଜ ଅଛନ୍ତି ତେବେ ସେ ହାକିମଙ୍କ ଜରିଆରେ ଖୁଲା କରାଇପାରିବେ । ଇଶ୍ୱରଙ୍କର ଏ ଦାୟିତ୍ୱ ଥିଲା ଯେ ମୁସଲ୍‌ମାନ୍ ମାନଙ୍କ ପାଇଁ ଯେଉଁ ସମସ୍ତ ଭିନ୍ନଭିନ୍ନ ପ୍ରକାରର ଅବସ୍ଥା ପେଶ୍ ହେବାକୁ ଥିଲା (ସେ) ନିଜ ଶରୀୟତ୍‌ରେ ସେଗୁଡିକର ଚର୍ଚ୍ଚା କରିଦେଇଛି, ଯଦ୍ୱାରା ଶରୀୟତ୍ ଅସମ୍ପୂର୍ଣ୍ଣ ନରହିବ । ସୁତରାଂ ତୁମେ ହେ ମହିଳାମାନେ ନିଜ ସ୍ୱାମୀମାନଙ୍କର ଦ୍ୱିତୀୟ ବିବାହ କରିବାକୁ ଚାହୁଁଥିବା ସମୟରେ ଖୁଦାତାଲାଙ୍କ ଅଭିଯୋଗ କରନାହିଁ ବରଂ ତୁମେ ଦୁଆ କର ଯେ ଇଶ୍ୱର ତୁମକୁ ଦୁଃଖ ଦୁର୍ଦ୍ଦଶା ଓ ପରୀକ୍ଷାରୁ ସୁରକ୍ଷିତ ରଖନ୍ତୁ । ନିଶ୍ଚିତ ରୂପେ ସେହି ପୁରୁଷ ହେଉଛି ଭୀଷଣ ଅତ୍ୟାଚାରୀ ଏବଂ ଦଣ୍ଡ ପାଇବା ଯୋଗ୍ୟ ଯିଏ ଦୁଇଜଣ ସ୍ତ୍ରୀଙ୍କ ମଧ୍ୟରେ ନ୍ୟାୟ କରୁନାହିଁ କିନ୍ତୁ ତୁମେ ନିଜେ ଇଶ୍ୱରଙ୍କ କଥାକୁ ଅମାନ୍ୟ କରି ଇଶ୍ୱରଙ୍କ ଦଣ୍ଡ ପାଇବାର କାରଣ ହୁଅନାହିଁ । ପ୍ରତ୍ୟେକ ବ୍ୟକ୍ତି ନିଜ କର୍ମ ବିଷୟରେ ପଚରାଯିବେ । ଯଦି ତୁମେ ଇଶ୍ୱରଙ୍କ ଦୃଷ୍ଟିରେ ପୁଣ୍ୟବତୀ ହେବ ତେବେ ତୁମମାନଙ୍କର ସ୍ୱାମୀ ମଧ୍ୟ ପୁଣ୍ୟବାନ୍ ହେବେ । ଯଦିଚ ଶରୀୟତ୍ ଭିନ୍ନ ଭିନ୍ନ କାରଣ ଯୋଗୁ ବହୁ ପତ୍ନୀ ଧାରଣ କରିବାକୁ ଉଚିତ୍ ଅଭିହିତ କରିଛି କିନ୍ତୁ ବିଧିର ବିଧାନ ତୁମପାଇଁ ଖୋଲା ରହିଛି । ଯଦି ଶରୀୟତ୍‌ର କାନୁନ୍ ତୁମପାଇଁ ବର୍‌ଦାସ୍ତ ଯୋଗ୍ୟ ନୁହେଁ ତେବେ ଦୁଆ ଜରିଆରେ ବିଧିର ବିଧାନରୁ ଲାଭ ଉଠାଅ କାରଣ ବିଧି ଓ ବିଧାନର କାନୁନ୍ ଶରୀୟତ୍‌ର କାନୁନ୍ ଉପରେ ମଧ୍ୟ ଭାରିପଡିବ । ତକ୍‌ୱା ଗ୍ରହଣ କର । ସଂସାର ଏବଂ ତା ସୌନ୍ଦର୍ଯ୍ୟ ସହିତ ବହୁତ ମନଲଗାଅ ନାହିଁ । ଜାତିଆଣ ଗର୍ବ କରନାହିଁ । କୌଣସି ମହିଳାଙ୍କୁ ଥଟ୍ଟା ପରିହାସ କରନାହିଁ । ସ୍ୱାମୀଙ୍କଠାରୁ ସେ ଆଶା କରନାହିଁ ଯାହା ତା ସାମର୍ଥ୍ୟ ବାହାରେ ରହିଛି । ତୁମେ ନିରୀହ ଓ ପବିତ୍ରତା ଅବଲମ୍ବନ କରିବା ଅବସ୍ଥାରେ କବର୍‌ରେ ଦାଖିଲ୍ ହେବା ପାଇଁ ଚେଷ୍ଟା କର । ଇଶ୍ୱରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନମାଜ, ଜକାତ୍ ଇତ୍ୟାଦିରେ ଅବହେଳା କରନାହିଁ । ନିଜ ସ୍ୱାମୀମାନଙ୍କର ମନଧ୍ୟାନ ଦେଇ ଆଜ୍ଞା ପାଳନ କର । ସେମାନଙ୍କର ସମ୍ମାନର ବହୁତ ଭାଗ ତୁମ ହାତରେ ରହିଛି । ସୁତରାଂ ତୁମେ ନିଜର ଏହି ଦାୟିତ୍ୱକୁ ଏପରି ଉତମ ରୂପେ ନିର୍ବାହ କର କି ଇଶ୍ୱରଙ୍କ ନିକଟରେ ସ୍ୱାଲେହାତ୍ କାନେତାତ୍ (ସତ୍ୟବାଦୀ ଓ ନିଷ୍ଠାବାନ୍)ଙ୍କ ମଧ୍ୟରେ ଗଣାଯାଅ । ଅଯଥା ଖର୍ଚ୍ଚ କରନାହିଁ ଏବଂ ସ୍ୱାମୀଙ୍କ ମାଲ୍‌କୁ ଅନ୍ୟାୟାସରେ ଖର୍ଚ୍ଚ କରନାହିଁ, ଖୟାନତ୍ କରନାହିଁ, ଚୋରି କରନାହିଁ, ଅଭିଯୋଗ କରନାହିଁ । ଜଣେ ମହିଳା ଅନ୍ୟ ମହିଳା ଉପରେ ବା ପୁରୁଷ ଉପରେ ଦୋଷାରୋପ କରନାହିଁ ।

*(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୭୯-୮୧)*


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୬ ର ଅବଶିଷ୍ଟାଂଶ ...*

ସେ ଯାହାହେଉ ପୁଣି ଆପଣ ର:ଅ ଆଗକୁ ଏ ଘଟଣା ବିଷୟରେ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉମର୍ ର:ଅ, ହଜ୍‌ରତ୍ ଅଲୀ ର:ଅ ଏବଂ ଉସାମା ବିନ୍ ଜଏଦ୍ ର:ଅଙ୍କୁ ଡାକି ପରାମର୍ଶ ନେଲେ କି କଣ କରିବା ଉଚିତ୍ । ହଜ୍‌ରତ୍ ଉମର୍ ର:ଅ ଏବଂ ଉସାମା ବିନ୍ ଜଏଦ୍ ର:ଅ ଦୁଇଜଣଯାକ କହିଲେ ଯେ ଏହ ମୁନାଫିକ୍‌ମାନଙ୍କ ଦ୍ୱାରା ପ୍ରଘଟ କରାଯାଇଥିବା କଥା, ଏଥିରେ କୌଣସି ସତ୍ୟତା ନାହିଁ । କିନ୍ତୁ ହଜ୍‌ରତ୍ ଅଲୀ ର:ଅଙ୍କ ମିଜାଜ୍ ଟିକେ କଡା ଥିଲା । ସେ କହିଲେ କି କଥା କିଛି ହେଉ ବା ନହେଉ ଆପଣ ସ:ଆ:ସଙ୍କୁ ଏପରି ମହିଳାଙ୍କ ସହିତ, ଯାହାଙ୍କ ଉପରେ ଆରୋପ ଲାଗିସାରିଛି, ସମ୍ପର୍କ ରଖିବାର ଆବଶ୍ୟକତା ଅଛି କିନ୍ତୁ ତତ୍‌ସହିତ ଏହା ମଧ କହିଲେ ଯେପରିକି ବର୍ଣ୍ଣନା ହୋଇଛି ଯେ ଆପଣ ସ:ଆ:ସ ତାଙ୍କ ସେବିକାଙ୍କ ଠାରୁ ପଚାରି ବୁଝିନିଅ । ଯଦି କିଛି କଥା ଥିବ ତେବେ ସେ ବତାଇଦେବ । ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍ ଆଇଶା ର:ଅଙ୍କ ସେବିକା ବରିରାଙ୍କ ଠାରୁ ପଚାରି ବୁଝିଲେ କଣ ତୁମକୁ ଆଇଶା ର:ଅଙ୍କର କୌଣସି ଦୋଷ ଦୁର୍ବଳତା ଜଣାଅଛି କି ? ସେ କହିଲେ ଆଇଶା ର:ଅଙ୍କ ନିକଟରେ କୌଣସି ଖରାପ ଗୁଣ ନାହିଁ । କେବଳ ଏତିକି କି ଅଳ୍ପ ବୟସ ହୋଇଥିବା ଯୋଗୁ ସେ ଶୋଇପଡୁଛନ୍ତି । ଶିଘ୍ର ନିଦ ଲାଗିଯାଇଛି ଏବଂ ଏତେ ଗଭୀର ନିଦରେ ଶୋଇଯାଉଛନ୍ତି ଏବଂ ସେହି ଘଟଣା ବିଷୟରେ ପୁଣି ବର୍ଣ୍ଣନା କଲେ । ସେ ଯାହାହେଉ କହୁଛନ୍ତି ଯେ ପୁଣି ରସୁଲେ କରିମ୍ ସ:ଆ:ସ ବାହାରକୁ ଆସିଲେ, ସାହାବାମାନଙ୍କୁ ଏକାଠି କଲେ ଏବଂ କହିଲେ କି କିଏ ଅଛି ଯିଏ ମୋତେ ସେହି ବ୍ୟକ୍ତିଙ୍କଠାରୁ ବଂଚାଇବ, ଯିଏ ମୋତେ ଦୁଃଖ ଦେଇଛି । ଆପଣ ସ:ଆ:ସଙ୍କର କହିବାର ଅର୍ଥ ଏହା ଥିଲା କି ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଯିଏ ମୋତେ ଦୁଃଖ ଦେଇଛି । ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍ ଯିଏ ଅଓସ୍ କବିଲାର ସର୍ଦ୍ଦାର ଥିଲେ ସେ ଛିଡା ହେଲେ ଏବଂ କହିଲେ କି ହେ ଅଲ୍ଲାଃଙ୍କ ରସୁଲ୍, ଯଦି ସେ ବ୍ୟକ୍ତି ଜଣକ ଆମମାନଙ୍କ ମଧ୍ୟରୁ ଅଛି ତେବେ ଆମେ ତାକୁ ମାରିବା ପାଇଁ ପ୍ରସ୍ତୁତ ଅଛୁ ଏବଂ ଯଦି ସେ ଖଜ୍‌ରଜ୍ (କବିଲା)ର ତେବେ ମଧ ତାକୁ ମାରିବା ପାଇଁ ପ୍ରସ୍ତୁତ ଅଛୁ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି କି ସଇତାନ୍ ତ ସବୁବେଳେ ବିଭ୍ରାଟ ସୃଷ୍ଟି କରିବା ପାଇଁ ମୌକା ଖୋଜିଥାଏ । ଏହି ମୌକାରେ ମଧ ସଇତାନ୍ ଫାଇଦା ଉଠାଇଲା । ଖଜ୍‌ରଜ୍‌କୁ ଏ ଧ୍ୟାନ ନଥିଲା ଯେ ରସୁଲେ କରିମ୍ ସ:ଆ:ସଙ୍କୁ ଉକ୍ତ କଥାରେ କେତେ ଦୁଃଖ ପହଂଚିଛି । ଯେତେବେଳେ ସାଆଦ୍ ବିନ୍ ମାଆଜ୍ ର:ଅ ଏକଥା କହିଲେ ସେତେବେଳେ ଅନ୍ୟ କବିଲାକୁ କ୍ରୋଧ ଆସିଗଲା । ତେଣୁ ସାଆଦ୍ ବିନ୍ ଉବାଦା ର:ଅ ଛିଡା ହେଲେ ଏବଂ ସେ ସାଆଦ୍ ବିନ୍ ମାଆଜ୍ ର:ଅଙ୍କୁ କହିଲେ କି ତୁମେ ଆମ ଲୋକଙ୍କୁ ମାରିପାରିବ ନାହିଁ ନା ତୁମ ନିକଟରେ ଏପରି ଶକ୍ତି ଅଛି ଯଦ୍ୱାରା ତୁମେ ଏପରି କରିପାରିବ । ଏହି କଥାବାର୍ତାକୁ ଶୁଣି ଅନ୍ୟ ସାହାବୀମାନେ ମଧ ଉଠିପଡି କହିଲେ କି ଆମେ ତାକୁ ମାରିଦେବୁ ଏବଂ ଦେଖିବୁ ତାକୁ କିଏ ବଂଚାଇବ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି କି ଉକ୍ତ ମୁକାବିଲା କଥା ଭିତରେ ସିମୀତ ରହିବା ପରିବର୍ତେ ଅଓସ୍ ଏବଂ ଖଜ୍‌ରଜ୍‌ର ସଦସ୍ୟମାନେ ତରବାରୀ ବାହାର କରିବା ଆରମ୍ଭ କରିଦେଲେ ଓ ଏକ ଯୁଦ୍ଧ ଲାଗିଯାଇଥାଆନ୍ତା । ରସୁଲେ କରିମ୍ ସ:ଆ:ସ ବହୁତ କଷ୍ଟରେ ତାଙ୍କୁ ଥଣ୍ଡା କଲେ । ଅଓସ୍ କହୁଥିଲା କି ଯେଉଁ ବ୍ୟକ୍ତି ରସୁଲେ କରିମ୍ ସ:ଆ:ସଙ୍କୁ ଦୁଃଖ ଦେଇଛି ଆମେ ତାକୁ ମାରିଦେବୁ । ଖଜ୍‌ରଜ୍ କହୁଥିଲା କି ତୁମେମାନେ ଏକଥା ନିଷ୍ଠାର ସହିତ କରୁନାହଁ । ଯେହେତୁ ତୁମେ ଜାଣିଛି ଯେ ସେ ହେଉଛି ଆମମାନଙ୍କ ମଧ୍ୟରୁ ଜଣେ । ସେଇଥିପାଇଁ ଏପରି କଥା କହୁଛ । ସେ ଯାହାହେଉ ଏକଥା ମଧ ପ୍ରମାଣିତ ଯେ ସେହି ଦୁଇଦଳଙ୍କୁ ରସୁଲେ କରିମ୍ ସ:ଆ:ସଙ୍କ ସହିତ ପ୍ରେମ ମଧ ଥିଲା । କିନ୍ତୁ ସଇତାନ୍ ସେମାନଙ୍କ ମଧ୍ୟରେ ବିଭ୍ରାଟ ସୃଷ୍ଟି କରିଦେଲା । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି କି ସେ ସମୟର ଅବସ୍ଥା ସମ୍ବନ୍ଧରେ ପ୍ରତ୍ୟେକ ବ୍ୟକ୍ତି ବହୁତ ସହଜରେ ବୁଝିପାରୁଥିବ ଯେ କେତେ କଷ୍ଟକର ଅବସ୍ଥା ଥିବ । ଏପଟେ ରସୁଲେ କରିମ୍ ସ:ଆ:ସଙ୍କୁ ଏଭଳି କଷ୍ଟ ପହଂଚୁଥିଲା ଏବଂ ସେପଟେ ମୁସଲ୍‌ମାନ୍‌ମାନଙ୍କ ମଧ୍ୟରେ ତରବାରୀ ଚାଳନା କରିବାର ଅବସ୍ଥା ପହଂଚିଯାଇଥିଲା । ତେବେ ସଇତାନ୍ ବେଳେବେଳେ ପୁଣ୍ୟ କାର୍ଯ୍ୟରେ ମଧ ଏପରି ଅବସ୍ଥା ସୃଷ୍ଟି କରିଦେଇଥାଏ ।

ସେ ଯାହାହେଉ ପୁଣି ଆଗକୁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସେହି ଘଟଣା ବିଷୟରେ ବର୍ଣ୍ଣନା କରିଛନ୍ତି ଯାହାକୁ ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରିଛନ୍ତି ଯେ ଯେତେବେଳେ ହଜ୍‌ରତ୍ ଆଇଶା ର:ଅଙ୍କ ଠାରୁ ଏହି ସମସ୍ତ ଘଟଣା ବିଷୟ ପଚରାଗଲା ଏଥିରେ ସେ କହିଲେ କି ଯଦି ମୁଁ ଏକଥା ମାନିଯିବି ତେବେ ମିଛ କହିବି । ଯଦି ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବି ତେବେ ଆପଣମାନେ ବିଶ୍ୱାସ କରିବେ ନାହିଁ । ବର୍ତମାନ ମୁଁ ସେହିକଥା କହୁଅଛି ଯାହାକୁ ହଜ୍‌ରତ୍ ୟୁସୁଫ୍ ଆ:ସଙ୍କ ବାପା ହଜ୍‌ରତ୍ ୟାକୁବ୍ ଆ:ସ କହିଥିଲେ କି *ଫ ସବ୍‌ରୁନ୍ ଜମିଲୁନ୍ ୱଲ୍ଲାହୁଲ୍ ମୁସ୍‌ତଆନ୍* (ୟୁସୁଫ୍:୧୯) ଅର୍ଥାତ୍ କେବଳ ଧୈର୍ଯ୍ୟ ଧରିବା ହିଁ ମୋ ପାଇଁ ଉଚିତ୍ ହେବ ଓ ଏହିକଥା ନିମନ୍ତେ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ମଗାଯାଇପାରେ ଏବଂ ମଗାଯାଉଅଛି । ସେ ବର୍ଣ୍ଣନା କରୁଛନ୍ତି କି ହଜ୍‌ରତ୍ ଆଇଶା ର:ଅ ଏକଥା କହିଲେ କି ସେଠାରୁ ଉଠି ମୁଁ ନିଜ ବିଛଣା ଉପରକୁ ଚାଲିଗଲି । ତତ୍‌ସହିତ ଏହି ଆୟତ ଅବତୀର୍ଣ୍ଣ ହେଲା ଯାହାକୁ ମୁଁ ଏବେ ପାଠ କଲି ଯେ ଯେଉଁଲୋକମାନେ ଏକ ଭୟଙ୍କର ମିଥ୍ୟା କହିଛନ୍ତି ସେମାନେ ହେଉଛନ୍ତି ତୁମମାନଙ୍କ ମଧ୍ୟରୁ ଏକ ଗୋଷ୍ଠୀ । କିନ୍ତୁ ତୁମେମାନେ ତାଙ୍କର ସେହି ଅପବାଦକୁ ନିଜପାଇଁ କୌଣସି ଖରାପ କଥା ବୋଲି ମଣନାହିଁ ବରଂ ଏହାକୁ ତୁମପାଇଁ ଭଲ ବୋଲି ମଣ । କାରଣ ଉକ୍ତ ଅପବାଦ ଯୋଗୁ ମିଥ୍ୟାରୋପ ଲଗାଇଥିବା ଲୋକମାନଙ୍କ ନିମନ୍ତେ ଖୁବ୍ ଶିଘ୍ର ଦଣ୍ଡ ବିଧାନ ହୋଇଗଲା ଓ ତୁମକୁ ଏକ ତତ୍ୱପୁର୍ଣ୍ଣ ଶିକ୍ଷା ମିଳିଲା । ଏବଂ ନିଶ୍ଚିତ ରୂପେ ସେଥିରୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ପାପ ମୁତାବକ ଦଣ୍ଡ ପାଇବେ । ଏବଂ ଯେଉଁ ବ୍ୟକ୍ତି ଉକ୍ତ ପାପର ବଡଭାଗ ପାଇଁ ଦାୟୀ ତାକୁ ବଡ ଦଣ୍ଡ ମିଳିବ । ସେ ଯାହାହେଉ ଉକ୍ତ ସ୍ୱର୍ଗବାଣୀ ପରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚେହେରା ଚମକି ଉଠିଲା ଏବଂ ସେ ସମୟରେ ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି- ମୋ ମାଆ ମୋତେ କହିଲେ ଆଁ ହଜ୍‌ରତ୍ ସ:ଆ:ସଙ୍କର କୃତଜ୍ଞତା ଜ୍ଞାପନ କର, ତେବେ ମୁଁ କହିଲି ମୁଁ ତ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବି । (ତଫସିର୍ କବୀର୍, ଖଣ୍ଡ-୬, ପୃଷ୍ଠା-୨୬୯-୨୭୧)

ସେ ଯାହାହେଉ ଯେପରିକି ପୂର୍ବରୁ ମଧ ଚର୍ଚ୍ଚା ହୋଇସାରିଛି, ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ମଧ ଗୋଟିଏ ସ୍ଥାନରେ ଗୋଟିଏ ଖୁତ୍‌ବାରେ ଏକଥା ବର୍ଣ୍ଣନ କରିଛନ୍ତି କି ହଜ୍‌ରତ୍ ଆଇଶା ର:ଅଙ୍କ ଉପରେ ଅପବାଦ ଲଗାଯିବା ଯୋଗୁ ତିନିଜଣ ବ୍ୟକ୍ତିଙ୍କୁ ଚାବୁକ୍ ମାଡ ଲାଗିଥିଲା । ସେମାନଙ୍କ ମଧ୍ୟରୁ ଜଣେ ଥିଲେ - ହସାନ୍ ବିନ୍ ସାବିତ୍ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କର ଦରବାରୀ କବି ଥିଲେ । ଆଉଜଣେ ଥିଲେ ମିସ୍‌ତିହ୍, ଯିଏ ହଜ୍‌ରତ୍ ଆଇଶାଙ୍କ ଚଚ୍ଚା ପୁଅ ଭାଇ ଏବଂ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଖାଲା ପୁଅ ଭାଇ ଥିଲେ । ସେ ଏଭଳି ଜଣେ ଗରୀବ ବ୍ୟକ୍ତି ଥିଲା ଯେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଘରେ ରହି ଖିଆପିଆ କରୁଥିଲା । ଆପଣ ର:ଅ ହିଁ ତାଙ୍କ ପାଇଁ ଲୁଗାପଟା ବନାଉଥିଲେ । ଏବଂ ଆଉଜଣେ ମହିଳାଥିଲେ ଏହି ତିନିଜଣଙ୍କୁ ଦଣ୍ଡ ମିଳିଥିଲା । (ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୧୮, ପୃଷ୍ଠା-୨୭୯-୨୮୦)

ଏବଂ ସୁନନେ ଅବି ଦାଉଦ୍‌ରେ ମଧ ଏହି ଦଣ୍ଡ ବିଷୟରେ ଉଲ୍ଲେଖ ଅଛି । (ସୁନତେ ଅବୁ ଦାଉଦ୍, କିତାବୁଲ୍ ହୁଦୁଦ୍, ବାବ୍ ହଦୁଲ୍ କାଜିଫ୍, ହଦିସ୍ ୪୪୭୪-୪୪୭୫) ସେ ଯାହାହେଉ କିଛି ଲୋକଙ୍କ ନିକଟରେ ଏହି ଦଣ୍ଡ ହେଲା ଓ କେତେକଙ୍କ ନିକଟରେ ଦଣ୍ଡ ନଥିଲା । (ତଫସିର୍ ଅଲ୍ କର୍‌ତବି, ଭାଗ-୧୫, ପୃଷ୍ଠା-୧୬୯, ସୁରଃ ନୁର୍, ମୁଦ୍ରଣ- ମୁସିସତୁର ରିସାଲା, ବେରୁତ୍ ୨୦୦୬) କିନ୍ତୁ ଏହି ଯେଉଁ ସାହାବାମାନେ ଥିଲେ ତାଙ୍କୁ ଦଣ୍ଡ ମିଳୁ ବା ନମିଳୁ ଅଲ୍ଲାଃତାଲା ସେମାନଙ୍କୁ କ୍ଷମା କରିଦେଇଥିଲେ । ସଂସାରରେ ଯେଉଁ ଦଣ୍ଡ ତାକୁ ମିଳିବାର ଥିଲା ତାହା ତ ତାଙ୍କୁ ମିଳିଗଲା ଓ ପରେ ଯେଉଁ ଯୁଦ୍ଧ ଗୁଡିକ ହୋଇଥିଲା ସେଥିରେ ସେମାନେ ସାମିଲ୍ ହେଲେ ଯେପରିକି ମୁଁ କହିଛି ଯେ ସେହି ମିସ୍‌ତିହ୍ ଜଣେ ବଦ୍‌ରି ସାହାବା ଥିଲେ, ତାଙ୍କର୍ ଏକ ବହୁତ ବଡ ପଦମର୍ଯ୍ୟାଦା ଥିଲା । ଅଲ୍ଲାଃତାଲା ତାଙ୍କର ଶେଷ ପରିଣାମ ଉତମ କଲେ ଏବଂ ତାଙ୍କର ପଦମର୍ଯ୍ୟାଦାକୁ କାଏମ୍ ରଖିଲେ ଓ ପ୍ରତିଷ୍ଠା ରଖିଲେ । ଅଲ୍ଲାଃତାଲା ତାଙ୍କର ପଦମର୍ଯ୍ୟାଦାକୁ ଉନ୍ନତରୁ ଉନ୍ନତତର କରିଚାଲନ୍ତୁ ।

*ପୃଷ୍ଠା- ୧୦ ର ଅବଶିଷ୍ଟାଂଶ ...*

ଗଲି । ଏତେ କଷ୍ଟରେ ସେ ଥିଲେ ମଧ ସେତେବେଳେ ତାଙ୍କ ମୁହଁରେ ଅକ୍ସିଜେନ୍ ମାସ୍କ୍ ଲାଗିଥିଲା । ମୁଁ ଯେତେବେଳେ ଯାଇ ତାଙ୍କୁ ମୋ ପରିଚୟ ଦେଲି ସେ ନିଜେ ତାଙ୍କର ମାସ୍କ୍‌ଟିକୁ ବାହାର କରି ମୋ ସହିତ କଥାବାର୍ତା କରିବା ଆରମ୍ଭ କରିଦେଲେ । ଏଥିରେ ମୁଁ ତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ କହିଲି କି ମିଆଁ ସାହେବ୍ ଅଲ୍ଲାଃତାଲା ଇନ୍‌ଶାଅଲ୍ଲାଃ ଦୟା କରିବେ । ତେବେ ଏଥିରେ ସେ କହିଲେ କି ଅଲ୍ଲାଃତାଲା ତାଙ୍କ ନିକଟକୁ ଡକାଇନେବା ତ ହେଉଛି ଏକ ଫଜଲ୍ (ଦୟା) । କହୁଛନ୍ତି- ତାଙ୍କର ଏହି ଶବ୍ଦ ଶୁଣି ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଗଲି ଯେ ଏପରି ଅବସ୍ଥାରେ ମଧ ଅଲ୍ଲାଃତାଲାଙ୍କ ଉପରେ ଏତେ ଭରଷା ଓ ମୃତ୍ୟୁର କୌଣସି ଚିନ୍ତା ନାହିଁ ।

ତାଙ୍କର ଖିଲାଫତ୍ ସହିତ ଯେଉଁ ସମ୍ପର୍କ ଥିଲା ସେ ବାବଦରେ ବିଭିନ୍ନ ଲୋକମାନେ ଯାହାକିଛି ମୋ ପାଖକୁ ଲେଖିଛନ୍ତି ସେଥିରେ କୌଣସି ଶଙ୍କା ନାହିଁ ବା ସେମାନେ କୌଣସି ବଢ଼ାଇଚଢ଼ାଇ ଲେଖିନାହାଁନ୍ତି ବରଂ (ମୁଁ ଏହା କହିପାରିବି ଯେ) ତାଠାରୁ ବଳି ତାଙ୍କର ସମ୍ପର୍କ ଥିଲା ଏବଂ ସେ ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ଓ ପ୍ରତ୍ୟେକ ନମୁନା ଦ୍ୱାରା ଏହି ସମ୍ପର୍କକୁ ପ୍ରକାଶ କରିଛନ୍ତି ବରଂ ଯେତେବେଳେ ଖଲିଫତୁଲ୍ ମସିହ୍ ରାବେ ମୋତେ ଅମୀର୍ ମୁକାମି ଏବଂ ନାଜିର୍ ଆଲା ରୂପେ ମୃତୟନ କଲେ ସେ ସମୟରେ ମଧ ଖିଲାଫତ୍‌ର ଇତାଅତ୍ ଯୋଗୁଁ ସେ ଅମୀର୍‌ର ମଧ ସମ୍ପୂର୍ଣ୍ଣ ଇତାଅତ୍ କରିଛନ୍ତି ଏବଂ ବହୁତ ସମ୍ମାନ ଦେଇଛନ୍ତି । ତାଙ୍କର ବୟସ ଅଧିକ ହୋଇଥିଲେ ମଧ, ମୁଁ ତାଙ୍କଠାରୁ ଅତି କମ୍‌ରେ ୧୩-୧୪ ବର୍ଷ ସାନ ଥିଲି । ଏହା ସତ୍ୱେ ମଧ ସେ ସମ୍ପୂର୍ଣ୍ଣ ଇତାଅତ୍ କରିଛନ୍ତି ଏବଂ ମୁଁ ଖଲିଫା ହୋଇଯିବା ପରେ ମଧ ସେ ସର୍ବଦା ଅତ୍ୟନ୍ତ ଭକ୍ତିଭାବର ନମୁନା ଦେଖାଇଛନ୍ତି, ପୁର୍ଣ୍ଣ ଆଜ୍ଞାବହତାର ନମୁନା ଦେଖାଇଛନ୍ତି ।

ଅଲ୍ଲାଃତାଲା ତାଙ୍କ ଉପରେ ଦୟା କରନ୍ତୁ ଏବଂ ତାଙ୍କ ସହିତ ମଗ୍‌ଫିରତ୍‌ର ବ୍ୟବହାର କରନ୍ତୁ ଏବଂ ଅଲ୍ଲାଃତାଲାଙ୍କର କରୁଣା ପ୍ରାପ୍ତ କରିବା ପାଇଁ ସେ ଯେଉଁ କଥାକୁ ପ୍ରକାଶ କରିଛନ୍ତି ଅଲ୍ଲାଃତାଲା ତାଙ୍କର ଆନ୍ତରିକ ମନୋବାଞ୍ଛାକୁ ମଧ ପୂରଣ କରନ୍ତୁ । ତାଙ୍କ ପ୍ରିୟଜନଙ୍କ ଗହଣରେ ତାଙ୍କୁ ସ୍ଥାନ ଦିଅନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ମଧ ଖିଲାଫତ୍ ସହିତ ଭକ୍ତିଭାବର ସମ୍ପର୍କ ରଖିବାବାଲା ବନାନ୍ତୁ ।

ଯେତେବେଳେ ମୋକରମ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍‌ଙ୍କର ଦେହାନ୍ତ ହେଲା ସେତେବେଳେ ସେ ଏ ସ୍ୱପ୍ନ ଦେଖିଥିଲେ ଯାହାକୁ ମୁଁ ଉକ୍ତ ଖୁତ୍‌ବାରେ ମଧ ବର୍ଣ୍ଣନା କରିଥିଲି । ମୋତେ ଲେଖିଲେ କି ଗତକାଲିର ରାତିରେ ଯେବେ ମିଆଁ ସାହେବ୍‌ଙ୍କ ଦେହାନ୍ତ ହେଲା ସେତେବେଳେ ମୁଁ ସ୍ୱପ୍ନ ଦେଖୁଥିଲି ଯେ ଭାଇ ଖୁର୍‌ସିଦ୍ ଏବଂ ମିଆଁ ଅହେମଦ୍ ଅଲ୍ଲାଃତାଲାଙ୍କ ନିକଟକୁ ଚାଲିଯାଇଛନ୍ତି ଏବଂ ତାଙ୍କର ସାକ୍ଷାତ୍‌କାର୍ ଆଁ ହଜ୍‌ରତ୍ ସ:ଆ:ସ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ହେଉଅଛି । ସେ ସମୟରେ ମୋ ହୃଦୟରେ ଏ ଇଛା ସୃଷ୍ଟିହେଲା କି ଅଲ୍ଲାଃତାଲା କରନ୍ତୁ ଯେ ମୋ ସାକ୍ଷାତ୍‌କାର୍ ମଧ ଏହିପରି ହୋଇଯାଉ । ତେଣୁ ମୁଁ କହିଲି ଯେ ହେ ଅଲ୍ଲାଃ ! ମୋତେ ମଧ ନିଜ ନିକଟକୁ ଡାକି ନିଅନ୍ତୁ । ଏଥିରେ ଅଲ୍ଲାଃତାଲା କହିଲେ ତୁମେ ଆଗକୁ ଆସ । ଏହିଭଳି ଅଲ୍ଲାଃତାଲା ତାଙ୍କୁ ନିଜ ନିକଟରେ ସ୍ଥାନ ଦେଲେ । ଅଲ୍ଲାଃତାଲା ତାଙ୍କ ମଗ୍‌ଫିରତ୍ ଓ ତାଙ୍କ ଉପରେ ଦୟା କରିବାର ଖବର ତାଙ୍କୁ ଦେଇଦେଇଥିଲେ । ସେ ଯାହାହେଉ ଅଲ୍ଲାଃତାଲା ତାଙ୍କ ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରିଚାଲନ୍ତୁ ଏବଂ ଆଗକୁ ତାଙ୍କ ସନ୍ତାନମାନେ ମଧ ପୁଣ୍ୟବାନ୍ ଓ ସଦାଚରୀ ହୁଅନ୍ତୁ ।

# ଖୁତ୍‌ବା ଜୁମା

## ‘‘ମୁଁ ଅଲ୍ଲାଃଙ୍କ ରାଣ ଖାଇ କହୁଅଛି ଯେ ମୋ ସ୍ତ୍ରୀଙ୍କ ନିକଟରେ ଭଲ ଗୁଣ ବ୍ୟତୀତ ଆଉ କୌଣସି କଥା ମୋତେ ଜଣାନାହିଁ ।

## ବଦ୍‌ରି ସାହାବୀ ହଜ୍‌ରତ୍ ମିସ୍‌ତାହ୍ ବିନ୍ ଉସାସା ର:ଅଙ୍କ ପବିତ୍ର ଜୀବନ ଚରିତର ଚର୍ଚ୍ଚା

## ‘‘ଅଲ୍ଲାଃତାଲା ତାଙ୍କ ପଦମର୍ଯ୍ୟାଦାକୁ ଉନ୍ନତରୁ ଉନ୍ନତତର କରିଚାଲନ୍ତୁ’’ ।

## ‘‘ଇଫକ୍ ଘଟଣା’’ ଉପରେ ବିସ୍ତାରପୂର୍ଣ୍ଣ ଚର୍ଚ୍ଚା

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍**[ଅ.ବ]
**(ପ୍ରଦତ୍ତ: ୧୪ ଡିସେମ୍ବର୍ ୨୦୧୮ ଅନୁଯାୟୀ ୧୪ ଫତାହ୍ ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِينَ ۔ اَلرَّحْمٰنِ الرَّحِيمِ ۔ مٰلِكِ يَوْمِ الدِّينِ ۔ إِيَّاكَ نَعْبُدُ وَإِيَّاكَ نَسْتَعِينُ ۔
اِهْدِنَا الصِّرَاطَ الْمُسْتَقِيمَ ۔ صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ ۔

ସାହାବା ମାନଙ୍କ ଗୁଣଗାନ କରିବାରେ ମୁଁ ଆଜି ହଜ୍‌ରତ୍ ମିସ୍‌ତିହ୍ ବିନ୍ ଉସାସାଙ୍କ ଚର୍ଚ୍ଚା କରିବି । ତାଙ୍କ ନାମ ହେଉଛି ଅଓଫ୍ ଏବଂ ତାଙ୍କର ଲକବ୍ (ଉପାଧି) ହେଉଛି ମିସ୍‌ତିହ୍ । ତାଙ୍କ ମାଆ ହଜ୍‌ରତ୍ ଉମେ ମିସ୍‌ତିହ୍ ସଲ୍‌ମା ବିନ୍‌ତ୍ ସଖର୍ ଥିଲେ ଯିଏ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଖାଲା ରୈତା ବିନ୍‌ତ୍ ସଖର୍‌ଙ୍କ ଝିଅ ଥିଲେ । (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୬, ପୃଷ୍ଠା-୭୪, ମିସ୍‌ତିହ୍ ବିନ୍ ଉସାସା ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୫), (ଉସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୧୫୦, ‘‘ମିସ୍‌ତିହ୍ ବିନ୍ ଉସାସା ର:ଅ’’, ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩), (ଅଲ୍ ଇସ୍‌ତିଆବ୍, ଖଣ୍ଡ-୪, ପୃଷ୍ଠା-୧୪୭୨, ‘‘ମିସ୍‌ତିହ୍ ବିନ୍ ଉସାସା ର:ଅ’’, ମୁଦ୍ରଣ ଦାରୁଲ୍ ଜଏଲ୍ ବେରୁତ୍ ୧୯୯୨)

ହଜ୍‌ରତ୍ ମିସ୍‌ତିହ୍ ବିନ୍ ଉସାସା ର:ଅ ହଜ୍‌ରତ୍ ଉବୈଦା ବିନ୍ ହାରିସ୍ ଏବଂ ତାଙ୍କର ଦୁଇଜଣ ଭାଇ ହଜ୍‌ରତ୍ ତୁଫୈଲ୍ ବିନ୍ ହାରିସ୍ ଓ ହଜ୍‌ରତ୍ ହୁସୈନ୍ ବିନ୍ ହାରିସ୍‌ଙ୍କ ସହିତ ମକାରୁ ହିଜ୍‌ରତ୍ କଲେ । ଯାତ୍ରା କରିବା ପୂର୍ବରୁ ଏକଥା ନିର୍ଦ୍ଧାରଣ କରାଗଲା କି ଏମାନେ ସମସ୍ତେ ନାବିହ୍ ନାମକ ଉପତ୍ୟକାଠାରେ ଏକାଠି ହେବେ କିନ୍ତୁ ହଜ୍‌ରତ୍ ମିସ୍‌ତିହ୍ ବିନ୍ ଉସାସା ର:ଅ ପଛରେ ରହିଗଲେ । କାରଣ ଯାତ୍ରା ସମୟରେ ତାଙ୍କୁ ସାପ କାମୁଡି ଦେଇଥିଲା । ତା ପରଦିନ ସେମାନଙ୍କୁ ଯେଉଁମାନେ ପ୍ରଥମେ ଚାଲିଯାଇଥିଲେ, ହଜ୍‌ରତ୍ ମିସ୍‌ତିହ୍‌ଙ୍କୁ ସାପ କାମୁଡିଥିବା ବିଷୟରୁ ଏତେଲା ମିଳିଲା । ତେଣୁ ଏମାନେ ମଧ୍ୟ ଫେରିଯାଇ ତାଙ୍କୁ ସାଥିରେ ଧରି ମଦିନା ଚାଲି ଆସିଲେ । ମଦିନାରେ ଏମାନେ ସମସ୍ତେ ହଜ୍‌ରତ୍ ଅବ୍‌ଦୁର୍ ରହେମାନ୍ ବିନ୍ ସଲ୍‌ମାଙ୍କ ଘରେ ରହିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୭, ଉବୈଦା ବିନ୍ ହାରିସ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ମିସ୍‌ତିହ୍ ବିନ ଉସାସା ଏବଂ ଜଏଦ୍ ବିନ୍ ମୁଜୈୟନ୍‌ଙ୍କ ମଧ୍ୟରେ ମୁଆଖାତ୍‌ର ବନ୍ଧୁତ୍ୱ ପ୍ରତିଷ୍ଠା କରିଥିଲେ । ହଜ୍‌ରତ୍ ମିସ୍‌ତିହ୍ ବଦର୍ ଯୁଦ୍ଧ ସମେତ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଙ୍ଗେ ଅନ୍ୟ ସମସ୍ତ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୯, ମିସ୍‌ତିହ୍ ବିନ ଉସାସା ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ହିଜ୍‌ରତ୍ କରିବାର ଆଠମାସପରେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଉବୈଦା ବିନ୍ ହାରିସ୍‌ଙ୍କୁ ଷାଠିଏଟି ଆରୋହୀ ବା ଗୋଟିଏ ରିଓ୍ୱାୟତ୍ ମୁତାବକ ଅଶୀଟି ଆରୋହୀ ସହିତ ବିଦା କଲେ । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଉବୈଦା ବିନ୍ ହାରିସ୍‌ଙ୍କ ପାଇଁ ଗୋଟିଏ ଧଳା ରଙ୍ଗର ଧ୍ୱଜା ପ୍ରସ୍ତୁତ କଲେ ଯାହାକୁ ମିସ୍‌ତିହ୍ ବିନ୍ ଉସାସା ଧରି ରଖିଲେ । ଏହି ଯୁଦ୍ଧର ଅର୍ଥ ଥିଲା କି କୁରୈଶ୍‌ର ବଣିକ ଦଳକୁ ରାସ୍ତାରେ ରୋକି ଦିଆଯାଉ । କୁରୈଶ୍‌ଦଳର ଅମୀର୍ ଅବୁ ସୁଫିୟାନ୍ ଥିଲା ।  ଆଉ କେତେକଙ୍କ ମତରେ ଇକ୍‌ରିମା ବିନ୍ ଅବୁ ଜହଲ୍ ଥିଲେ । ସେହିପରି ଆଉ କେତେକଙ୍କ ମତରେ ମିକ୍‌ରଜ୍ ବିନ୍ ହଫ୍‌ସ୍ ଅମୀର୍ ଥିଲେ । ଏହି କାଫିଲାରେ ୨୦୦ଜଣ ଲୋକଥିଲେ ଯେଉଁମାନେ ଧନ ସମ୍ପତି ନେଇ ଯାଉଥିଲେ । ସାହାବା ମାନଙ୍କର ଜମାତ୍ ଉକ୍ତ ବଣିକ ଗୋଷ୍ଠୀଙ୍କୁ ରାବିଗ୍ ଉପତ୍ୟକାଠାରେ ଧରିନେଲେ । ସେହି ସ୍ଥାନକୁ ଓ୍ୱଦ୍‌ଦାନ୍ ମଧ୍ୟ କୁହାଯାଏ । ସେହି କାଫିଲାଟି କେବଳ ବଣିକ ଦଳ ନଥିଲା ବରଂ ଯୁଦ୍ଧ ଅସ୍ତ୍ରରେ ପରିପୂର୍ଣ୍ଣ ମଧ୍ୟ ଥିଲା । ଏବଂ ସେହି କାଫିଲାରେ ଯେଉଁ ଆମଦାନୀ ହେଉଥିଲା ତାହା ମଧ୍ୟ ସେମାନେ ମୁସଲ୍‌ମାନ୍‌ଙ୍କ ବିରୋଧରେ ଯୁଦ୍ଧରେ ବ୍ୟବହାର କରିଥାଆନ୍ତେ କାରଣ ଘଟଣାବଳୀରୁ ଜଣାପଡୁଛି ଯେ ସେମାନେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଥିଲେ । ସେ ଯାହାହେଉ ଏହି ଦୁଇଦଳଙ୍କ ମଧ୍ୟରେ ତୀର ଚାଳନା ବ୍ୟତୀତ ଆଉ ଅନ୍ୟ କୌଣସି ଅସ୍ତ୍ରଶସ୍ତ୍ର ଦ୍ୱାରା ମୁକାବିଲା ହୋଇନାହିଁ । ସେହିପରି ନିୟମିତ ରୂପେ ଯୁଦ୍ଧ କରିବା ପାଇଁ ଧାଡି ମଧ୍ୟ ବନ୍ଧାଯାଇନାହିଁ । ପୂର୍ବରୁ ମଧ୍ୟ ଏ ଘଟଣାର ଚର୍ଚ୍ଚା ଜଣେ ସାହାବୀଙ୍କ ଚର୍ଚ୍ଚା କରିବା ସମୟରେ ହୋଇସାରିଛି । ଯେଉଁ ସାହାବୀଜଣକ ମୁସଲ୍‌ମାନ୍ ମାନଙ୍କ ତରଫରୁ ପ୍ରଥମ ତୀର ଚାଳନା କରିଥିଲେ ସେ ହେଉଛନ୍ତି ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍ ର:ଅ ଏବଂ ଏହା ଇସ୍‌ଲାମ୍ ତରଫରୁ ଚାଳନା କରାଯାଇଥିବା ପ୍ରଥମ ତୀର ଥିଲା । ଏହି ଅବସରରେ ହଜ୍‌ରତ୍ ମିକ୍‌ଦାଦ୍ ବିନ୍ ଅସ୍‌ଓ୍ୱଦ୍ ଏବଂ ହଜ୍‌ରତ୍ ଉଐନା ବିନ୍ ଗଜ୍‌ଓ୍ୱାନ୍, (ସିରତ୍ ଇବ୍‌ନେ ହୁଶାମ୍ ଏବଂ ତାରିଖେ ତିବ୍‌ରିରେ ଉତ୍‌ବା ବିନ୍ ଗଜ୍‌ଓ୍ୱାନ୍ ଲେଖାଯାଇଛି) । ମୁସ୍‌ରିକ୍ ମାନଙ୍କ ଦଳରୁ ବାହାରି ଆସି ମୁସଲ୍‌ମାନ୍‌ମାନଙ୍କ ସହିତ ମିଶିଗଲେ । କାରଣ ଏହି ଦୁଇଜଣ (ପୂର୍ବରୁ) ଇସ୍‌ଲାମ୍ ଗ୍ରହଣ କରିସାରିଥିଲେ ଏବଂ ଏମାନେ ମୁସଲ୍‌ମାନଙ୍କ ନିକଟକୁ ଯିବାକୁ ଚାହୁଁଥିଲେ । ହଜ୍‌ରତ୍ ଉବୈଦା ବିନ୍ ହାରିସ୍‌ଙ୍କ ତତ୍ୱବଧାନରେ ଏହା ଇସ୍‌ଲାମ୍‌ର ଦ୍ୱିତୀୟ ସରିୟା (ଏପରି ଛୋଟଛୋଟ ଯୁଦ୍ଧ ଯେଉଁ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସ ଯୋଗ ଦେଇନାହାଁନ୍ତି) ଥିଲା । ତୀର ଚାଳନା ପରେ ଦୁଇଦଳ ପଛକୁ ପଛ ଫେରିଗଲେ । (ପ୍ରଥମେ ମଧ୍ୟ କୌଣସି ଗୋଟିଏ ଖୁତ୍‌ବାରେ ଏକଦା ଚର୍ଚ୍ଚା ହୋଇସାରିଛି) ଏବଂ ମୁସ୍‌ରିକ୍ ମାନଙ୍କ ଉପରେ ମୁସଲ୍‌ମାନଙ୍କର ଏତେମାତ୍ରାରେ ପ୍ରଭାବ ପଡିଲା ଯେ ସେମାନେ ଏକଥା ଭାବିଲେ ଯେ ମୁସଲ୍‌ମାନ୍ ମାନଙ୍କର ବହୁତ ବଡ ସେନା ଏଠାରେ ଉପସ୍ଥିତି ଅଛି ଓ ତାଙ୍କୁ ସାହାଯ୍ୟ କରିପାରେ । ସୁତରାଂ ସେମାନେ ଭୟଭୀତ ହୋଇ ଫେରି ଚାଲିଗଲେ ଓ ମୁସଲ୍‌ମାନମାନେ ମଧ୍ୟ ତାଙ୍କୁ ଆଉ ଅନୁଧାବନ କଲେନାହିଁ । (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃଷ୍ଠାଂ ୨୧୫-୨୧୬, ସରିୟା ଉବୈଦା ବିନ୍ ହାରିସ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୨) (ସିରତେ ଇବ୍‌ନେ ହୁଶାମ୍, ଖଣ୍ଡ-୧, ପୃଷ୍ଠା-୫୯୨, ସରିୟା ଉବୈଦା ବିନ୍ ହାରିସ୍ ର:ଅ, ମୁଦ୍ରଣ-ମୁସ୍‌ତଫା ଅଲ୍‌ବାବୀ ମିଶର୍ ୧୯୫୫) (ତାରିଖୁଲ୍ ତିବ୍‌ରି, ଖଣ୍ଡ-୨, ପୃଷ୍ଠା-୧୨, ୧ ହିଜ୍‌ରି, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୮୭) କାରଣ ଯୁଦ୍ଧ କରିବାର ଉଦ୍ଦେଶ୍ୟ ନଥିଲା କେବଳ ସେମାନଙ୍କୁ ରୋକିବାର ଥିଲା ଓ ତାଙ୍କୁ ଏ ଶିକ୍ଷା ଦେବାର ଥିଲା ଯେ ଯଦି ମୁସଲ୍‌ମାନଙ୍କ ଖିଲାଫ୍‌ରେ କୌଣସି ପ୍ରସ୍ତୁତି କରିବ ତେବେ ଏଥିପାଇଁ ମୁସଲ୍‌ମାନମାନେ ମଧ୍ୟ ପ୍ରସ୍ତୁତ ଅଛନ୍ତି ।

ଆଁ ହଜ୍‌ରତ୍ ସ:ଆ:ସ ଖୈବର୍ (ଯୁଦ୍ଧ) ଅବସରରେ ହଜ୍‌ରତ୍ ମିସ୍‌ତାହ୍ ଏବଂ ଇବ୍‌ନେ ଇଲିୟାସ୍‌ଙ୍କୁ ପଚାଶ ଓ୍ୱସକ୍ ଶସ୍ୟ ପ୍ରଦାନ କଲେ । (ସେ ସମୟରେ ମାଲେ ଗନିମତ୍ ଅର୍ଥାତ୍ ଯୁଦ୍ଧ ଜିତିବା ପରେ ଯେଉଁ ଧନ ସମ୍ପତି ମିଳେ ତାହା ଦିଆଯାଉଥିଲା, ଏକଥା ତବ୍‌କାତୁଲ୍ କୁବ୍‌ରାରେ ଲେଖାଯାଇଛି) ତାଙ୍କର ଦେହାନ୍ତ ୫୬ବର୍ଷ ବୟସରେ ୩୪ ହିଜ୍‌ରିରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ସମୟରେ ହେଲା ଓ ଏକଥା ମଧ୍ୟ କୁହାଯାଇଛି ଯେ ସେ ହଜ୍‌ରତ୍ ଅଲୀଙ୍କ ଖିଲାଫତ୍ ପର୍ଯ୍ୟନ୍ତ ଜୀବିତ ରହିଛନ୍ତି ବୋଲି ଏବଂ ହଜ୍‌ରତ୍ ଅଲୀଙ୍କ ସହିତ ସିଫିନ୍ ଯୁଦ୍ଧରେ ସାମିଲ୍ ହୋଇଛନ୍ତି ଓ ସେହିବର୍ଷ ୩୭ ହିଜ୍‌ରିରେ ସେ ମୃତ୍ୟୁବରଣ କରିଛନ୍ତି । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୯, ମିସ୍‌ତିହ୍ ବିନ୍ ଉସାସା ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦),  (ଅଲ୍ ଅସାବା, ଖଣ୍ଡ-୬, ପୃଷ୍ଠା-୭୪, ମିସ୍‌ତିହ୍ ବିନ୍ ଉସାସା ର:ଅ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୫)

ହଜ୍‌ରତ୍ ମିସ୍‌ତିହ୍ ବିନ୍ ଉସାସା ର:ଅ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କ ଖାଇବା ପିନ୍ଧିବାର ବ୍ୟବସ୍ଥା ହଜ୍‌ରତ୍ ଅବୁ ବକର୍ ର:ଅ କରୁଥିଲେ ଅର୍ଥାତ୍ ତାଙ୍କ ଦାୟିତ୍ୱରେ ଥିଲା । କିନ୍ତୁ ଯେତେବେଳେ ହଜ୍‌ରତ୍ ଆଇଶା ର:ଅଙ୍କ ଉପରେ ତୋହମତ୍ (ମିଥ୍ୟାରୋପ) ଲଗାଗଲା । ସେହି ମିଥ୍ୟାରୋପ ଲଗାଇଥିବା ମଧ୍ୟରେ ମିସ୍‌ତିହ୍ ମଧ୍ୟ ସାମିଲ୍ ହୋଇଗଲେ । ଏବଂ ହଜ୍‌ରତ୍ ଅବୁ ବକର୍ ର:ଅ ସେ ସମୟରେ ଏ ରାଣ ଖାଇଥିଲେ ଯେ ଆସନ୍ତାକୁ ତାଙ୍କ ଭରଣପୋଷଣର ଦାୟିତ୍ୱ ସେ ଆଉ ନେବେନାହିଁ । ଏଥିରେ ଏହି ଆୟତ ଅବତୀର୍ଣ୍ଣ ହେଲା କି:-

وَلَا يَأْتَلِ أُولُو الْفَضْلِ مِنْكُمْ وَالسَّعَةِ أَنْ يُؤْتُوا أُولِي الْقُرْبٰى وَالْمَسٰكِينَ وَالْمُهٰجِرِينَ فِي
سَبِيلِ اللّٰهِ وَلْيَعْفُوا وَلْيَصْفَحُوا ۔ أَلَا تُحِبُّونَ أَنْ يَغْفِرَ اللّٰهُ لَكُمْ وَاللّٰهُ غَفُورٌ رَحِيمٌ (النور:23)

ଅର୍ଥାତ୍- ଏବଂ ତୁମମାନଙ୍କ ମଧ୍ୟରୁ (ଧର୍ମରେ ଓ ସଂସାରରେ) ଶ୍ରେଷ୍ଠ ଓ ସ୍ୱଚ୍ଛଳ ବ୍ୟକ୍ତିମାନେ ଶପଥ କରନ୍ତୁ ନାହିଁ ଯେ ନିଜ ନିକଟ ସମ୍ପର୍କୀୟ, ଦରିଦ୍ର ଏବଂ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ହିଜ୍‌ରତ୍‌କାରୀମାନଙ୍କୁ ସାହାଯ୍ୟ କରିବେ ନାହିଁ ଏବଂ ସେମାନଙ୍କୁ କ୍ଷମା କରିବା ଓ ମାର୍ଜନା କରିବା ଉଚିତ୍; କଣ ତୁମେମାନେ ଇଚ୍ଛା କରୁନାହଁ ଯେ ଅଲ୍ଲାଃ ତୁମମାନଙ୍କ ତ୍ରୁଟି ମାର୍ଜନା

କରନ୍ତୁ ? ଏବଂ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ (ଓ) ସଦା କରୁଣାମୟ ।

ସେ ଯାହାହେଉ ଏହି ଆୟତଟି ଅବତୀର୍ଣ୍ଣ ହେଲା । ଏଥିରେ ହଜ୍‌ରତ୍ ଅବୁ ବକର୍ ର:ଅ ପୁନର୍ବାର ତାଙ୍କର ଭରଣପୋଷଣର ଦାୟିତ୍ୱ ବହନ କରି ଖାଇବା ଓ ପିନ୍ଧିବାର ବ୍ୟବସ୍ଥା କରିଦେଲେ । ଏବଂ ଯେତେବେଳେ ଅଲ୍ଲାଃତାଲା ହଜ୍‌ରତ୍ ଆଇସା ର:ଅଙ୍କୁ ନିର୍ଦ୍ଦୋଷ ପ୍ରମାଣ କଲେ ସେତେବେଳେ ପୁଣି ମିଥ୍ୟାରୋପ ଲଗାଇଥିବା ଲୋକମାନଙ୍କୁ ଦଣ୍ଡିତ ମଧ୍ୟ କରାଗଲା । କିଛି ରିୱାୟତ୍‌ରେ ଆସୁଛି କି ହଜ୍‌ରତ୍ ଆଇସା ର:ଅଙ୍କ ଉପରେ ମିଥ୍ୟାରୋପ ଲଗାଇଥିବା ସାହାବାମାନଙ୍କୁ ଆଁ ହଜ୍‌ରତ୍ ସ:ଆ:ସ ଚାବୁକ ମାରିବାର ଦଣ୍ଡ ବିଧାନ କରିଥିଲେ, ସେମାନଙ୍କ ମଧ୍ୟରେ ହଜ୍‌ରତ୍ ମିସ୍‌ତିହ୍ ମଧ୍ୟ ସାମିଲ୍ ଥିଲେ । (ଅଲ୍ ଅସାବା, ଖଣ୍ଡ-୬, ପୃଷ୍ଠା-୭୪, ମିସ୍‌ତିହ୍ ବିନ୍ ଉସାସା ର:ଅ, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୫)

ଏହି ଇଫ଼କ୍ (ଯେଉଁ ସ୍ଥାନରେ ହଜ୍‌ରତ୍ ହଜ୍‌ରତ୍ ଆଇଶା ର:ଅଙ୍କ ଉପରେ ମିଥ୍ୟାରୋପ ଲଗାଯାଇଥିଲା) ମିଥ୍ୟାରୋପ ଲଗାଯିବାର ଯେଉଁ ଘଟଣାଟି ଥିଲା, ଏହା ଯେହେତୁ ଗୋଟିଏ ବଡ ଐତିହାସିକ ଓ ଗୁରୁତ୍ୱପୁର୍ଣ୍ଣ ଘଟଣା । ଐତିହାସିକ ତ ନୁହେଁ ବରଂ ଏହା ଏକ ଗୁରୁତ୍ୱପୁର୍ଣ୍ଣ ଘଟଣା ଏବଂ ମୁସଲ୍‌ମାନମାନଙ୍କ ପାଇଁ ଏଥିରେ ଶିକ୍ଷା ମଧ୍ୟ ରହିଛି । ସେଇଥିଯୋଗୁ ଏହାର ବହୁତ ବ୍ୟାଖ୍ୟା ମଧ୍ୟ କରାଯାଇଛି । ଏବଂ ଅଲ୍ଲାଃତାଲା ଏ ସମ୍ବନ୍ଧରେ ପବିତ୍ର କୋରାନ୍‌ରେ ଆୟତ ମଧ୍ୟ ଅବତୀର୍ଣ୍ଣ କରିଛନ୍ତି । ସେ ଯାହାହେଉ ଏ ବିଷୟରେ ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି:-

''ଖୁଦାତାଲା ନିଜ ଚରିତ୍ର ମଧ୍ୟରେ ଏକଥା ନିହିତ ରଖିଛନ୍ତି ଯେ ସେ ୱଇଦ୍ (ଦଣ୍ଡ ଦେବାର ଚେତାବନୀ) ର ଭବିଷ୍ୟବାଣୀକୁ ତୌବାଃ, ଇସ୍‌ତେଗ୍‌ଫାର୍, ଦୁଆ ଏବଂ ସଦ୍‌କା ଦ୍ୱାରା ଟାଳି ଦେଇଥାଏ । ସେହିପରି ମନୁଷ୍ୟକୁ ମଧ୍ୟ ସେ ଏହି ଚରିତ୍ର ଶିଖାଇଛି'' । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଉକ୍ତ ଘଟଣାର ଚର୍ଚ୍ଚା କରି (ସୁସମାଚର)ର ପ୍ରତିଶୃତି ଏବଂ ଦଣ୍ଡ ଦେବାର ଚେତାବନୀ ମଧ୍ୟରେ ଫରକ ପ୍ରକାଶ କରିଛନ୍ତି । ପୁଣି ଆପଣ ଆ:ସ କହୁଛନ୍ତି କି ''ଯେପରି ପବିତ୍ର କୋରାନ୍ ଏବଂ ହଦିସ୍‌ରୁ ଏକଥା ପ୍ରମାଣିତ ଯେ ହଜ୍‌ରତ୍ ଆଇଶା ର:ଅଙ୍କ ସମ୍ବନ୍ଧରେ ମୁନାଫିକ୍‌ମାନେ କେବଳ ଧୃଷ୍ଟତାର ସହିତ ଏପରି ଓଲଟା ମିଥ୍ୟାରୋପ ଲଗାଇଥିଲେ । ଏହି ଚର୍ଚ୍ଚାରେ କିଛି ସାଧାସିଧା ସାହାବାମାନେ ମଧ୍ୟ ସାମିଲ୍ ହୋଇଯାଇଥିଲେ'' । ସେମାନଙ୍କର ଉଦ୍ଦେଶ୍ୟ ବିଭ୍ରାଟ ସୃଷ୍ଟି କରିବାର ନଥିଲା । ସେମାନେ ସେମାନଙ୍କର ସାଧା ପଣିଆ ଯୋଗୁ ସାମିଲ୍ ହୋଇଯାଇଥିଲେ । ''ଜଣେ ସାହାବୀ ଏପରି ମଧ୍ୟ ଥିଲେ, ସେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଘରୁ ଦୁଇବେଳା ରୋଟି ଖାଉଥିଲେ । ହଜ୍‌ରତ୍ ଅବୁ ବକର୍ ର:ଅ ତାଙ୍କର ଉକ୍ତ କୁକର୍ମ ଯୋଗୁ ରାଣ ଖାଇଥିଲେ ଏବଂ ଚେତାବନୀ ସ୍ୱରୂପ ଏ ପ୍ରତିଜ୍ଞା କରିଥିଲେ କି ମୁଁ ତାଙ୍କର ଏହି ଅନୁଚିତ୍ ହର୍‌କତ୍ ଯୋଗୁ ତାଙ୍କୁ କୌଣସି ରୋଟି ଖାଇବାକୁ ଦେବିନାହିଁ । ଏଥିରେ ଏହି ଆୟତଟି ଅବତୀର୍ଣ୍ଣ ହୋଇଥିଲା ।

وَلْيَصْفَحُوا ۗ أَلَا تُحِبُّونَ أَن يَغْفِرَ اللَّهُ لَكُمْ ۗ وَاللَّهُ غَفُورٌ رَّحِيمٌ (النور:23)

ତା'ପରେ ହଜରତ ଅବୁ ବକର୍ ର:ଅ ନିଜର ପ୍ରତିଜ୍ଞାକୁ ଭାଙ୍ଗିଦେଲେ ଏବଂ ପୂର୍ବଭଳି ତାଙ୍କୁ ରୋଟି ଖାଇବାକୁ ଦେଲେ । ଏହି ଆଧାରରେ ଇସ୍‌ଲାମୀୟ ଚରିତ୍ରରେ ଯାହା ଦାଖଲ ଅଛି କି'' (ଏଠାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସମସ୍ୟାର ସମାଧାନ କରିଛନ୍ତି) କି ''ଯଦି ଚେତାବନୀ ସ୍ୱରୂପ କୌଣସି ପ୍ରତିଜ୍ଞା କରାଯାଏ ତେବେ ତାକୁ ଭଙ୍ଗ କରିଦେବା ହେଉଛି ଉତମ ଚରିତ୍ର ମଧ୍ୟରେ ଗଣା'' । (ଚେତାବନୀ କଣ ?) କହୁଛନ୍ତି କି- ''ଉଦାହରଣ ସ୍ୱରୂପ ଯଦି କେହି ନିଜ ସେବକଙ୍କ ପ୍ରତି ଏ ରାଣ ଖାଇଥାଏ ଯେ ମୁଁ ତାକୁ ନିଶ୍ଚିତ ରୂପେ ପଚାଶଥର ଜୋତାରେ ବାଡେଇବି । ତେବେ ତା'ର ତୌବା ଓ ବିନମ୍ରତା ଯୋଗୁ ତାକୁ କ୍ଷମା କରିଦେବା ହେଉଛି ଇସ୍‌ଲାମ୍‌ର କାର୍ଯ୍ୟ । ଫଳତଃ *ତଖଲ୍ଲକୁ ବି ଅଖ୍‌ଲାକିଲ୍ଲାଃ* (ଅର୍ଥାତ୍ ଅଲ୍ଲାଃଙ୍କର ବିଶେଷ ଗୁଣକୁ ଆଦରିନେବା) ହୋଇଯାଉ । କିନ୍ତୁ ୱାଦା (ପ୍ରତିଶୃତି)କୁ ଭଙ୍ଗ କରିବା ଉଚିତ୍ ନୁହେଁ । ପ୍ରତିଶୃତି ଭଙ୍ଗ କରିବା ଦ୍ୱାରା ହିସାବ ନିଆଯିବ କିନ୍ତୁ ଚେତାବନୀ ଭଙ୍ଗ କରିବାରେ ନୁହେଁ'' । (ଜମିମା ବରାହିନେ ଅହେମଦୀୟା ପଂଚମ ଭାଗ, ରୁହାନି ଖଜାଏନ୍, ଖଣ୍ଡ-୨୧, ପୃଷ୍ଠା-୧୮୧)

ପ୍ରତିଶୃତି ହେଉଛି ଏପରି ଏକ ପ୍ରତିଜ୍ଞା ଯାହା ସମସ୍ତ ବିଯୁକ୍ତାତ୍ମକ ଏବଂ ଯୁକ୍ତାତ୍ମକ ପାର୍ଶ୍ୱକୁ ସମ୍ମୁଖରେ ରଖି କରାଯାଇଥାଏ ଏବଂ ତା ଉପରେ ପରିଚାଳିତ ହେବା ଜରୁରୀ ଅଟେ । ତାକୁ ଭଙ୍ଗ କରିବା ଦ୍ୱାରା ତା'ର ହିସାବ ମଧ୍ୟ ନିଆଯିବ ବା ପୁଣି କିଛିଟା ଜୋରିମନା ମଧ୍ୟ କରାଯିବ ।

ସହି ବୁଖାରୀର ରିୱାୟତ୍ ମୁତାବକ ହଜ୍‌ରତ୍ ଆଇଶାଙ୍କ ଇଫକ୍ ଘଟଣା ବିଷୟରେ ବ୍ୟାଖ୍ୟା କରି କହୁଛନ୍ତି । ଏହାର ବ୍ୟାଖ୍ୟା ଯେହେତୁ ଗୁରୁତ୍ୱପୁର୍ଣ୍ଣ ସେଇଥିପାଇଁ ମୁଁ ମଧ୍ୟ ଏବେ ବର୍ଣ୍ଣନା କରୁଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ଯେବେ କୌଣସି ଯାତ୍ରାରେ ବାହାରିବାର ମନସ୍ତ କରିଥାନ୍ତି ସେତେବେଳେ ଆପଣ ସ:ଆ:ସ ନିଜ ସ୍ତ୍ରୀ ମାନଙ୍କ ମଧ୍ୟରେ ଗୋଳା ପକାଇଥାନ୍ତି । ଯାହାଙ୍କ ନାମରେ ଗୋଳା ବାହାରେ ଆପଣ ସ:ଆ:ସ ତାଙ୍କୁ ନିଜ ସହିତ ସାଥିରେ ନେଇ ଯାଇଥାନ୍ତି । ସୁତରାଂ ଆପଣ ସ:ଆ:ସ ଏକଦା ଗୋଟିଏ ଆକ୍ରମଣ ସମୟରେ ଆମ ମଧ୍ୟରେ ଗୋଳା ପକାଇଲେ । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି କି ସେ ଅବସରରେ ମୋ ନାଁ ବାହାରିଲା । ତେଣୁ ମୁଁ ଆପଣ ସ:ଆ:ସଙ୍କ ସାଥିରେ ଗଲି । ସେତେବେଳେ ହିଜାବ୍ (ପର୍ଦ୍ଦା କରିବା)ର ନିର୍ଦ୍ଦେଶ ଅବତୀର୍ଣ୍ଣ ହୋଇସାରିଥିଲା । ମୁଁ ହୁଦଜ୍‌ରେ ବସିଥିଲି (ହୁଦଜ୍ ଓଟ ଉପରେ ଯାତ୍ରୀ ବସିବା ସ୍ଥାନରେ ନିର୍ମାଣ କରାଯାଇଥାଏ ଓ ତାହା ଘୋଡାଇ ହୋଇଥିବା ଏକ ସ୍ଥାନ ହୋଇଥାଏ) ଏବଂ ହୁଦଜ୍ ସମେତ ତାକୁ ବାହାର କରାଯାଇଥାଏ । ସେ କହୁଛନ୍ତି କି ଆମେ ଏହିଭଳି ଯାତ୍ରାରେ ଥିଲୁ । ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଉକ୍ତ ଆକ୍ରମଣରୁ ବିଶ୍ରାମ ନେଇ ଫେରିଆସିଲେ ଓ ଆମେ ମଦିନାର ନିକଟରେ ପହଂଚିଥିଲୁ ଯେ (ପୁଣି) ଗୋଟିଏ ରାତିରେ ଆପଣ ସ:ଆ:ସ ଯାତ୍ରା କରିବା ପାଇଁ ନିର୍ଦ୍ଦେଶ ଦେଲେ । ଯେତେବେଳେ ଲୋକମାନେ ଯାତ୍ରା କରିବାର ଘୋଷଣା କଲେ ସେତେବେଳେ ମୁଁ ମଧ୍ୟ ବାହାରିପଡିଲି ଓ ସେନାଙ୍କ ଠାରୁ ଆଗକୁ ଚାଲିଗଲି । ସେ କହୁଛନ୍ତି ମୁଁ ପାଦରେ ହିଁ ଚାଲିବାକୁ ଲାଗିଲି କାରଣ ନିତ୍ୟକର୍ମ ନିମନ୍ତେ ମୋତେ ଯିବାର ଥିଲା । ତେଣୁ ମୁଁ ଗୋଟିଏ କଣକୁ ଚାଲିଗଲି । ଯେତେବେଳେ ମୁଁ ନିଜର ନିତ୍ୟକର୍ମ ଶେଷ କଲି ଓ ନିଜ ହୁଦଜ୍‌ଆଡକୁ ଆସିଲି ସେତେବେଳେ ମୁଁ ମୋ ଛାତିରେ ହାତ ଲଗାଇବା କ୍ଷଣି ଦେଖିବାକୁ ପାଇଲି ଯେ ଜଫାର୍‌ର କଳା ପଥରରେ ନିର୍ମିତ ମୋର ହାରଟି କେଉଁଠି ପଡିଯାଇଛି । ଗୋଟିଏ ହାର ପିନ୍ଧିଥିଲି ଯାହା କେଉଁଠି ପଡିଯାଇଥିଲା । କହୁଛନ୍ତି ମୁଁ ନିଜର ହାରଟିକୁ ଖୋଜିବା ପାଇଁ ପୁଣି ଫେରିଲି ଓ ଏହି ଖୋଜିବାରେ ମୋତେ କିଛି ସମୟ ଲାଗିଗଲା । ଏହି ଅବଧିରେ ଯେଉଁ ଲୋକମାନେ ମୋ ଓଟଟିକୁ ପ୍ରସ୍ତୁତ କରି ରଖିଥିଲେ ସେମାନେ ଆସିଲେ ଓ ମୋ ହୁଦଜ୍‌ଟିକୁ ଉଠାଇନେଲେ ଓ ମୋ ଓଟଉପରେ ନେଇ ରଖିଦେଲେ, ଯାହା ଉପରେ ମୁଁ ବସି ଯାତ୍ରା କରୁଥିଲି । ତାହା ଖାଲିଥିଲା । କିନ୍ତୁ ସେମାନେ ଏକଥା ଭାବିଲେ କି ତା ଭିତରେ ମୁଁ ଅଛି ବୋଲି । ସେ କହୁଛନ୍ତି କି ମହିଳାମାନେ ସେ ସମୟରେ ବହୁତ ହାଲ୍‌କା ଶରୀରର ଥିଲେ । ଭାରି ନଥିଲେ । ତାଙ୍କ ଶରୀର ଅଧିକ ସ୍ଥୁଳ ନଥିଲା । ସେ ଅଳ୍ପ ଖାଦ୍ୟ ଖାଉଥିଲେ । ଲୋକମାନେ ଯେତେବେଳେ ଲୋକମାନେ ହୁଦଜ୍‌ଟିକୁ ଉଠାଇଲେ ଏକଥା ଜାଣିପାରିଲେ ନାହିଁ । ଏ ଅନୁଭବ ହେଲାନାହିଁ କି ଏହା ହାଲ୍‌କା ଅଛି ବୋଲି । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି କି ସେମାନେ ଓଟଟିକୁ ଉଠାଇ ଚଲାଇଲେ ଓ ନିଜେ ମଧ୍ୟ ଚାଲିବାକୁ ଲାଗିଲେ । ସେତେବେଳେ ମୋର ବୟସ କମ୍ ଥିଲା । ଯେବେ ସମ୍ପୂର୍ଣ୍ଣ ସେନାଟି ଚାଲିଗଲା ଓ ମୁଁ ତା'ପରେ ମଧ୍ୟ ନିଜର ହାରଟିକୁ ଖୋଜି ପାଇଗଲି ଓ ଛାଉଣୀ ଆଡକୁ ଫେରିଆସିଲି, ଦେଖିଲି ସେଠାରେ କେହି ନଥିଲେ । ପୁଣି ମୁଁ ନିଜର ରହିବା ସ୍ଥାନ ଆଡକୁ ଗଲି ଯେଉଁଠି ମୁଁ ଥିଲି ଓ ମୁଁ ଏକଥା ଭାବିଲି ଯେ ଯେତେବେଳେ ସେମାନେ ମୋତେ ପାଇବେ ନାହିଁ, ଏହି ସ୍ଥାନକୁ ଫେରିଆସିବେ । କହୁଛନ୍ତି କି ମୁଁ (ଏକଥା ଭାବି) ବସିଥିଲି ଯେ ଏହି ସମୟ ଭିତରେ ମୋ ଆଖି ଲାଗିଗଲା ଓ ମୁଁ ଶୋଇଗଲି ।

ସଫ୍‌ୱାନ୍ ବିନ୍ ମୁଅତଲ୍ ସୁଲ୍‌ମି ଜକ୍‌ୱାନୀ ସେନାର ପଛେପଛେ ରହିଥାନ୍ତି । ଜଣେ ଲୋକ (ସେନା) ର ପଛେପଛେ ରହିଥାନ୍ତି ଯଦ୍ୱାରା ସେମାନେ ଏକଥା ଦେଖିଥାନ୍ତି ଯେ କାଫିଲାଟି ଚାଲିଯିବା ପରେ କୌଣସି ଜିନିଷପତ୍ର ତ ପଛରେ ରହିଯାଇନି । ସେ କହୁଛନ୍ତି କି ସେ ସକାଳେ ମୋ ଡେରା ପାଖକୁ ଆସିଲେ । ଦେଖିଲେ ଯେ ଜଣେ କେହି ଶୋଇପଡ଼ିଛି ଏବଂ ପର୍ଦ୍ଦା କରିବାର ନିର୍ଦ୍ଦେଶ ଅବତୀର୍ଣ୍ଣ ହେବା ପୂର୍ବରୁ ସେ ମୋତେ ଦେଖିଥିଲେ । ସେ ସେଠାରେ ପହଂଚି ଇନ୍ନାଲିଲ୍ଲାଃ ପଢ଼ିଲେ । ତାଙ୍କ ଇନ୍ନାଲିଲ୍ଲାଃ ପଢ଼ିବା ଦ୍ୱାରା ମୁଁ ଜାଗିଗଲି । ଏହାପରେ ସେ ଓଟଟିକୁ ନିକଟକୁ ନେଇ ଆସିଲେ ଓ ମୋ ନିକଟରେ ଯେତେବେଳେ ଓଟଟି ବସିପଡିଲା ମୁଁ ସେଥିରେ ଆରୋହଣ କଲି ଓ ଓଟଟିର ଲଗାମକୁ ଧରି ଚାଲିଲି । କହୁଛନ୍ତି- ଏପରିକି ଆମେ ଫୌଜଙ୍କ ସହିତ ସେତେବେଳେ ଯାଇ ମିଶିଲୁ ଯେତେବେଳେ ଲୋକମାନେ ଦୁଇପ୍ରହର ସମୟରେ ଆରାମ କରିବା ପାଇଁ ଡେରା ଲଗାଇଥିଲେ । ପୁଣି ଯାହାକୁ ନିଃଶେଷ ହେବାର ଥିଲା (ସେ) ନିଃଶେଷ ହୋଇଗଲା । ଅର୍ଥାତ୍ ଏହି କଥାରେ କିଛି ଲୋକେ ମିଥ୍ୟାରୋପ ଲଗାଇବା ଆରମ୍ଭ କରିଦେଲେ । ହଜ୍‌ରତ୍ ଆଇଶା ର:ଅଙ୍କ ପ୍ରତି ଖରାପ କଥା କହିବା ଆରମ୍ଭ କରିଦେଲେ ।

କହୁଛନ୍ତି ଏହି ମିଥ୍ୟାରୋପ ଲଗାଇବାର ମୂଳଲୋକ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଥିଲା । ଆମେ ମଦିନାରେ ପହଂଚିଲୁ । ମୁଁ ସେଠାରେ ଏକମାସ ପର୍ଯ୍ୟନ୍ତ ବେମାର ପଡ଼ିଲି । ମିଥ୍ୟାରୋପ ଲଗାଇଥିବା ଲୋକମାନଙ୍କର କଥାକୁ ଲୋକେ ଚର୍ଚ୍ଚା କରୁଥିଲେ ଏବଂ ମୋର ଏହି ବେମାର ପଡ଼ିବା ଅବସ୍ଥାରେ ଯେଉଁକଥା ମୋତେ ଶଙ୍କା ଥିଲା ତାହା ଥିଲା ଏପରିକି ମୁଁ ନବୀ ସ:ଆ:ସଙ୍କ ନିକଟରୁ ସେପରି ଆଦର ଦେଖିବାକୁ ପାଉନଥିଲି ଯାହା ମୁଁ ଆପଣ ସ:ଆ:ସଙ୍କ ଠାରୁ (ପୂର୍ବେ) ବେମାର ପଡ଼ିବା ସମୟରେ ପାଉଥିଲି । ଏକଥା ବହୁତ ଚର୍ଚ୍ଚା ହେଲା, ମିଥ୍ୟାରୋପ ଲଗାଗଲା, କଥା ବହୁତ ବ୍ୟାପିଗଲା । ଏପରିକି ଆଁ ହଜ୍‌ରତ୍ ସ:ଆ:ସଙ୍କ ପର୍ଯ୍ୟନ୍ତ ମଧ୍ୟ କଥା ପହଂଚିଗଲା । କହୁଛନ୍ତି ଆଁ ହଜ୍‌ରତ୍ ସ:ଆ:ସ ବେମାର ସମୟରେ ମୋ ସହିତ ଯେପରି ବ୍ୟବହାର କରୁଥିଲେ ତାହା ମୋତେ ଦେଖିବାକୁ ମିଳୁନଥିଲା । ଆପଣ ସ:ଆ:ସ କେବଳ ଭିତରକୁ ଆସନ୍ତି ଓ ଅସ୍‌ସଲାମୋ ଆଲୈକୁମ୍ କୁହନ୍ତି । ପୁଣି ପଚାରନ୍ତି କି ଏବେ ସେ କିପରି ଅଛନ୍ତି । ଏବଂ ତାହା ମଧ୍ୟ ତାଙ୍କ ମାଆ ବାପାଙ୍କୁ ପଚାରି ବୁଝନ୍ତି । କହୁଛନ୍ତି କି ମୋତେ ଉକ୍ତ ମିଥ୍ୟାରୋପ ବିଷୟରେ କିଛି ମଧ୍ୟ ଜ୍ଞାନ ନଥିଲା, ଏପରିକି ମୁଁ ରୋଗରୁ ଭଲ ମଧ୍ୟ ହୋଇଗଲି ଓ ମୋର ଦୁର୍ବଳତା ଅବସ୍ଥା ଥିଲା ଯେ ମୁଁ ଏବଂ ଉମ୍ମେ ମିସ୍‌ତହ୍ ମନାସିଗ୍ ଆଡକୁ ଗଲୁ ଯାହା ନିତ୍ୟକର୍ମ କରିବାର ସ୍ଥାନ ଥିଲା । ଆମେ ରାତିଓଳା ହିଁ ବାହାରୁଥିଲୁ ଓ ଏହା ସେ ସମୟର କଥା ଯେତେବେଳେ ଆମେ ନିଜ ଘରେ ଓ ଘର ନିକଟରେ ପାଇଖାନା ବନା ହୋଇନଥିଲା ଓ ନିତ୍ୟକର୍ମ ପାଇଁ ସେ ସମୟର ଲୋକମାନେ ବାହାରକୁ ଯାଆନ୍ତି ଓ ମହିଳାମାନେ ରାତି ସମୟରେ ଯେତେବେଳେ ଅନ୍ଧାର ହୋଇଯାଏ ବାହାରକୁ (ନିତ୍ୟକର୍ମ ପାଇଁ) ବାହାରୁଥିଲେ । (ହଜୁର୍ ଅନୁୱର୍ କହୁଛନ୍ତି) ସେ କହୁଛନ୍ତି କି ଏହା ପୂର୍ବରୁ ଆମର ଅବସ୍ଥା (ଇସ୍‌ଲାମ୍) ପୂର୍ବରୁ ଆରବ ଲୋକମାନଙ୍କର ଅବସ୍ଥା ପରି ଥିଲା କି ନିତ୍ୟକର୍ମ ପାଇଁ ମହିଳାମାନେ ଜଙ୍ଗଲଆଡକୁ ଓ ବାହାରକୁ ଯାଉଥିଲେ । ମୁଁ ଏବଂ ଉମ୍ମେ ମିସ୍‌ତହ୍ ବିନ୍‌ତ୍ ଅବି ରୁହମ୍ ଦୁଇଜଣଯାକ ଯାଉଥିଲୁ କି ଏତିକିବେଳେ ସେ ନିଜ ଓଢ଼ଣୀରେ ଝୁଂଟି ଠୋକର ଖାଇଲେ । ସେତେବେଳେ ସେ କହିଲେ କି ମିସ୍‌ତହ୍ ଦୁର୍ଭାଗା । ଏଥିରେ ମୁଁ ତାଙ୍କୁ କହିଲି କି ତୁମେ ଏପରି କଣ ଖରାପ କଥା କହୁଛ । କଣ ତୁମେ ଏପରି ବ୍ୟକ୍ତିଙ୍କ ପାଇଁ ଖରାପ କଥା କହୁଛି ଯିଏ ବଦର୍ ଯୁଦ୍ଧରେ ଉପସ୍ଥିତ ଥିଲେ । ଏଥିରେ ସେ କହିଲେ ହେ ସାଧାସିଧା ଝିଅ ! କଣ ତୁମେ ଏକଥା ଶୁଣିନାହଁ ଯାହା ଲୋକମାନେ ମିଥ୍ୟାରୋପ ଲଗାଇଛନ୍ତି ? ସେତେବେଳେ ଯାଇ ସେ ମୋତେ ମିଥ୍ୟାରୋପ ଲଗାଇଥିବା ଲୋକମାନଙ୍କର କଥା ଶୁଣାଇଲେ ଯେ ଏହି ଆରୋପ ମୋ ଉପରେ ଲଗାଯାଇଛି । ସେ କହୁଛନ୍ତି କି ମୁଁ ଏବେ ଏବେ ରୋଗରୁ ପଡି ଉଠିଥିଲି । ବହୁତ ଦୁର୍ବଳତା ଥିଲା । ଏକଥା ଶୁଣିବା ପରେ ମୋ ରୋଗ ପୁଣି ବଢ଼ିଗଲା ।

ଯେତେବେଳେ ନିଜ ଘରକୁ ଫେରିଲି ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ମୋ

ନିକଟକୁ ଆସିଲେ । ଆପଣ ସ:ଆ:ସ ଅସ୍‌ସଲାମୋ ଆଲୈକୁମ୍ କହିଲେ ଓ ମୋତେ ପଚାରିଲେ କି ତୁମେ କିପରି ଅଛ ? ମୁଁ କହିଲି ମୋତେ ମୋ ମାଆବାପାଙ୍କ ନିକଟକୁ ଯିବାପାଇଁ ଅନୁମତି ଦିଅ । ସେ କହୁଛନ୍ତି କି ସେ କହୁଛନ୍ତି କି ମୁଁ ସେ ସମୟରେ ଏକଥା ଚାହୁଁଥିଲି କି ମୁଁ ତାଙ୍କ ପାଖକୁ ଯାଇ ଏହି ଆରୋପ ଯାହା ମୋ ଉପରେ ଲଗାଯାଇଛି ସେ ବିଷୟରେ ଜାଣିବି । ଆପଣ ସ:ଆ:ସ ମୋତେ ଅନୁମତି ଦେଇଦେଲେ । ମୁଁ ମୋ ମାଆବାପାଙ୍କ ନିକଟକୁ ଆସି ଯେତେବେଳେ ମୋ ମାଆଙ୍କୁ ପଚାରି ବୁଝିଲି ଯେ ଲୋକମାନେ କଣ କଥା ହେଉଛନ୍ତି ? ମୋ ମାଆ ମୋତେ କହୁଛନ୍ତି କି ଝିଅ ଏକଥାରେ ନିଜ ଜୀବନକୁ ଜଞ୍ଜାଳରେ ପକାଓନାହିଁ, ବ୍ୟତିବ୍ୟସ୍ତ ହୁଅନାହିଁ, ଶାନ୍ତିର ସହିତ ରୁହ । ଇଶ୍ୱରଙ୍କ ରାଣ ? ଏପରି ବହୁତ କମ୍ ହୋଇଥାଏ କି କେବେ କୌଣସି ବ୍ୟକ୍ତିଙ୍କ ନିକଟରେ ଜଣେ ସୁନ୍ଦର ସ୍ତ୍ରୀ ଥିବ ଯାହାକୁ ସେ ପ୍ରେମ ମଧ୍ୟ କରୁଥିବ ଓ ସେହି ମହିଳାଙ୍କର ସଉତୁଣୀ ମଧ୍ୟ ଥିବେ ଓ ଲୋକମାନେ ତା ଖିଲାପ୍‌ରେ କଥା ହେଉନଥିବେ । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି- ମୁଁ ଏକଥା ଶୁଣି କହିଲି ସୁବ୍‌ହାନଲ୍ଲାଃ (ଅଲ୍ଲାଃ ହେଉଛନ୍ତି ପବିତ୍ର) । ଲୋକମାନେ ଏପରି କଥାକୁ ଚର୍ଚ୍ଚା କରୁଛନ୍ତି । ପୁଣି କହୁଛନ୍ତି କି ମୁଁ ସେହି ରାତିଟି ଏପରି କାଟିଲି କି ସକାଳ ପର୍ଯ୍ୟନ୍ତ ମୋର ଅଶ୍ରୁ ବନ୍ଦ୍ ହୋଇନଥିଲା । ଏତେବଡ ଆରୋପ ମୋ ଉପରେ ଲଗାଯାଇଥିଲା । ସାରା ରାତି ମୋତେ ନିଦ ହେଲାନାହିଁ ଓ ମୁଁ କାନ୍ଦି ଚାଲିଥିଲି ।

ଯେତେବେଳେ ସକାଳେ ଉଠିଲି ରସୁଲୁଲ୍ଲାଃ ସ:ଆ:ସ ଅଲୀ ବିନ୍ ଅବି ତାଲିବ୍ ଏବଂ ଉସାମା ବିନ୍ ଜଏଦ୍‌କୁ ଡକାଇ ପଠାଇଲେ, ଯେତେବେଳେ ସ୍ୱର୍ଗବାଣୀ ଆସିବାରେ ଡେରିହେଲା ଯଦ୍ୱାରା ସେହି ଦୁଇଜଣଙ୍କଠାରୁ ନିଜ ସ୍ତ୍ରୀକୁ ଛାଡିବା ପାଇଁ ପରାମର୍ଶ କରିବେ । ଅର୍ଥାତ୍ ଏ ନିଷ୍ପତି ନେବେ କି ଏପରି ଯେଉଁ ଆରୋପ ଲଗାଯାଇଛି ତା'ପରେ ସେ ତାଙ୍କୁ ରଖିବେ କି ନରଖିବେ ? ଉସାମା ର:ଅ ଆପଣ ସ:ଆ:ସଙ୍କୁ ସେହି ପ୍ରେମଭାବ ଆଧାରରେ ପରାମର୍ଶ ଦେଲେ ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ତାଙ୍କ ସ୍ତ୍ରୀମାନଙ୍କ ସହିତ ଥିଲା । ଉସାମା ର:ଅ କହିଲେ କି ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣଙ୍କର ସ୍ତ୍ରୀ ଏବଂ ଆମେ ଅଲ୍ଲାଃଙ୍କ ରାଣ ଖାଉଅଛୁ (ତାଙ୍କ ଭିତରେ) ଭଲ ବ୍ୟତୀତ ଆଉକିଛି ଆମେ ପାଉନାହୁଁ । ଆମେ ତ କୌଣସି ପ୍ରକାରର ଦୋଷ ଦେଖୁନାହୁଁ । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି କି କିନ୍ତୁ ଅଲୀ ବିନ୍ ଅବି ତାଲିବ୍ କହିଲେ କି ହେ ଅଲ୍ଲାଃଙ୍କ ରସୁଲ୍ ! ଅଲ୍ଲାଃତାଲା ଆପଣଙ୍କୁ ଅସୁବିଧାରେ ରଖିନାହାଁନ୍ତି । ହଜ୍‌ରତ୍ ଅଲୀ ର:ଅ ଟିକେ କଠିନ ସ୍ୱଭାବର ଥିଲେ । ସେଇଥିପାଇଁ ସେ ଏ ପରାମର୍ଶ ଦେଲେ କି ଆପଣ ସ:ଆ:ସଙ୍କ ପାଇଁ କିଛି ଅଭାବ ନାହିଁ । ତାଙ୍କ ବ୍ୟତୀତ ଆହୁରି ମଧ୍ୟ ମହିଳା ଅଛନ୍ତି । ପୁଣି ହଜ୍‌ରତ୍ ଅଲୀ କହିଲେ କି ଏହି ସେବିକାକୁ ପଚାରନ୍ତୁ ଯିଏ ହଜ୍‌ରତ୍ ଆଇଶାଙ୍କର ସେବିକା ଥିଲେ । ତାଙ୍କଠାରୁ ପଚାରି ବୁଝନ୍ତୁ କି କିପରି ହେବ (ସେ) ଆପଣଙ୍କୁ ସତ୍ୟକଥା କହିଦେବ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ ବରିରାକୁ ଡାକିଲେ । ସେ ଜଣେ ସେବିକା ଥିଲେ । ଆପଣ ସ:ଆ:ସ କହିଲେ- ବରାରାଃ ! କଣ ତୁମେ ହଜ୍‌ରତ୍ ଆଇଶା ର:ଅଙ୍କ ନିକଟରେ ଏପରି କୌଣସି କଥା ଦେଖିଛ ଯାହା ତୁମକୁ ସନ୍ଦେହରେ ପକାଉଥିବ ? ବରିରାଃ କହିଲେ କଦାପି ନୁହେଁ । ମୁଁ ତା ରାଣ ଖାଇ କହୁଛି ଯିଏ ଆପଣଙ୍କୁ ସତ୍ୟ ପ୍ରଦାନ କରି ପଠାଇଛନ୍ତି ଯେ ମୁଁ ହଜ୍‌ରତ୍ ଆଇଶା ର:ଅଙ୍କ ନିକଟରେ ଏହାଠାରୁ ବଳି ଆଉ କୌଣସି କଥା ଦେଖିନାହିଁ ଯାହାକୁ ମୁଁ ତାଙ୍କ ପାଇଁ ଦୁର୍ବଳତା ବିବେଚନା କରିପାରିବି କି ସେ ହେଉଛନ୍ତି କମ୍ ବୟସର ଝିଅ । ଅର୍ଥାତ୍ ଅଟାକୁ ଛାଡିଦେଇ ଶୋଇଯାଉଛନ୍ତି । ଟିକିଏ ଅବହେଳା କରନ୍ତି । ଏବଂ ଏତେ ଗଭୀର ନିଦ ତାକୁ ଲାଗିଯାଏ ଯେ ଘରର ଛେଳିମାନେ ଆସି ସେହି (ଅଟାକୁ) ଖାଇଯାଆନ୍ତି । ତାଙ୍କର ଏହି ଗୋଟିଏ ଉଦାହରଣ ଦେଇ ସେ ବତାଇଦେଲେ ଯେ କୌଣସି ଖରାପ କଥା ତାଙ୍କ ନିକଟରେ ନାହିଁ କିନ୍ତୁ ଏତିକି ଦୁର୍ବଳତା ରହିଛି (ଅର୍ଥାତ୍) ନିଦର ପ୍ରଭାବ ତାଙ୍କ ଉପରେ ଅଧିକ ଅଛି । ଏହା ଶୁଣି ସେହିଦିନ ରସୁଲୁଲ୍ଲାଃ ସ:ଆ:ସ ସାହାବାମାନଙ୍କୁ ସମ୍ବୋଧନ କରି କହିଲେ ଏବଂ ଅବ୍‌ଦୁଲ୍ଲାଃ ବିନ୍ ଉବୈଦ୍ ବିନ୍ ସଲୁଲ୍‌ଙ୍କ ଅଭିଯୋଗ କଲେ କାରଣ ସେ ହିଁ (ଉକ୍ତ କଥାକୁ) ପ୍ରସିଦ୍ଧ କରାଇଥିଲା । ରସୁଲୁଲ୍ଲାଃ ସ:ଆ:ସ କହିଲେ- ଏପରି ବ୍ୟକ୍ତିକୁ କିଏ ସମ୍ଭାଳିବ ଯିଏ ମୋ ସ୍ତ୍ରୀ ସମ୍ବନ୍ଧରେ ମୋତେ ଦୁଃଖ ଦେଇଛି । ମୁଁ ଅଲ୍ଲାଃଙ୍କ ରାଣ ଖାଇ କହୁଛି ଯେ ମୋ ସ୍ତ୍ରୀ ନିକଟରେ ଭଲ ଗୁଣ ବ୍ୟତୀତ ଆଉ କୌଣସି କଥା ମୁଁ ଦେଖିନାହିଁ ଏବଂ ସେ ଲୋକମାନେ ଏପରି ଜଣେ ବ୍ୟକ୍ତିଙ୍କ ବିଷୟରେ ଚର୍ଚ୍ଚା କରିଛନ୍ତି ଯାହା ସମ୍ବନ୍ଧରେ କେବଳ ଭଲ ବ୍ୟତୀତ ଆଉକିଛି ମୋତେ ଜଣାନାହିଁ ଅର୍ଥାତ୍ ହଜ୍‌ରତ୍ ଆଇଶାଙ୍କ ସମ୍ବନ୍ଧରେ ଯାହାଙ୍କ ଉପରେ ଆରୋପ ଲଗାଯାଇଛି । ଏବଂ ମୋ ଘର ଲୋକଙ୍କ ନିକଟକୁ ଯେବେମଧ୍ୟ ସେ ଆସୁଛନ୍ତି ମୋ ସହିତ ହିଁ ଆସୁଛନ୍ତି । ଏଥିରେ ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍ ଛିଡା ହୋଇ କହିଲେ- ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଇଶ୍ୱରଙ୍କ ରାଣ ମୁଁ ତାଠାରୁ ଆପଣଙ୍କ ପ୍ରତିଶୋଧ ନେବି, ଯିଏ ଏହି ମିଥ୍ୟାରୋପ ଲଗାଇଛି । ଯଦି ସେ ଅଓସ୍ (କବିଲା)ର ତେବେ ମୁଁ ତା ମୁଣ୍ଡ କାଟିଦେବି । ଯଦି ସେ ଆମ ଭାଇ ଖଜ୍‌ରଜ୍ (କବିଲାର) ତେବେ ଆପଣ ଯାହା ନିର୍ଦ୍ଦେଶ ଦେବେ ଆମେ ତାହା ମାନିବୁ । ଏଥିରେ ସାଆଦ୍ ବିନ୍ ଉବାଦା ଛିଡା ହେଲେ । ସେ ଖଜ୍‌ରଜ୍ କିବିଲାର ସର୍ଦ୍ଦାର ଥିଲେ । ଏହା ପୂର୍ବରୁ ସେ ଭଲଲୋକ ଥିଲେ । କିନ୍ତୁ ଜାତୀୟତାବାଦର ସମ୍ମାନ ତାଙ୍କୁ ଭଡକାଇଦେଲା । ତେଣୁ ସେ କହିଲେ ତୁମେ ଭୁଲ୍ କହୁଅଛ । ଇଶ୍ୱରଙ୍କ ରାଣ ! ତୁମେ ତାକୁ ମାରିବନାହିଁ ନା ଏପରି କରିପାରିବ । ଯୁକ୍ତି ଆରମ୍ଭ ହୋଇଗଲା । ଏହା ଦେଖି ଉସୈଦ୍ ବିନ୍ ହୁଜେର୍ ଛିଡା ହେଲେ । ତୃତୀୟ ବ୍ୟକ୍ତି ମଧ୍ୟ ଛିଡାହେଲା ଓ ସେମାନେ କହିଲେ କି ତୁମେ ଭୁଲ୍ କହିଛ । ଅଲ୍ଲାଃଙ୍କ ରାଣ ! ଅଲ୍ଲାଃଙ୍କ ରାଣ ! ଯିଏ ଏ ମିଥ୍ୟାରୋପ ଲଗାଇଛି ଆମେ ନିଶ୍ଚିତ ରୂପେ ତାକୁ ମାରିଦେବୁ । ଏବଂ ପୁଣି ଏକଥା କହିଦେଲେ କି ତୁମେ ତ ମୁନାଫିକ୍ ଅଟ ଯିଏ ମୁନାଫିକ୍‌ଙ୍କ ତରଫରୁ ଝଗଡା କରୁଥିଲା । ଏଥିରେ ଦୁଇ କବିଲା ଅଓସ୍ ଏବଂ ଖଜ୍‌ରଜ୍ ରାଗି ତାତି ଉଠିଲେ । ଆପୋଷରେ କ୍ରୋଧରେ ଜର୍ଜରିତ ହୋଇଗଲେ । ଏପରି ଅବସ୍ଥା ହେଲା କି ଝଗଡା ଆରମ୍ଭ ହୋଇଗଲା । ଆରମ୍ଭ ତ ହେଲାନାହିଁ କିନ୍ତୁ ଲଢ଼ିବାର ନିକଟତର ହୋଇଯାଇଥିଲେ । ରସୁଲୁଲ୍ଲାଃ ସ:ଆ:ସ ମେମ୍ବର୍ (ଡାଇସ୍) ଉପରେ ଛିଡା ହୋଇଥିଲେ । ଆପଣ ତଳକୁ ଓହ୍ଲାଇ ସେମାନଙ୍କୁ ଥଣ୍ଡା କଲେ । ଫଳତଃ ସେମାନେ୍ ଚୁପ୍ ହୋଇଗଲେ ଓ ରସୁଲୁଲ୍ଲାଃ ସ:ଆ:ସ ମଧ୍ୟ ଚୁପ୍ ଥିଲେ ।

ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି- ଏହି ରିଓ୍ୱାୟତ୍ ଚାଲିଆସିଛି । ବୁଖାରୀର ଏହା ହେଉଛି ଗୋଟିଏ ଲମ୍ବା ରିଓ୍ୱାୟତ୍ କି ମୁଁ ସାରାଦିନା କାନ୍ଦୁଥିଲି ନା ମୋର ଅଶ୍ରୁ ବହିବା ବନ୍ଦ ହୋଇଥିଲା ନା ମୋତେ ନିଦ ଆସୁଥିଲା । ମୋ ମା' ବାପା ମୋ ନିକଟକୁ ଆସିଲେ । ମୁଁ ଦୁଇରାତି ଓ ଗୋଟିଏ ଦିନ ଏତେମାତ୍ରାରେ କାନ୍ଦିଲି ଯେ ମୁଁ ଭାବୁଥିଲି କି ଏତେ କାନ୍ଦିବା ଦ୍ୱାରା ମୋ କଲିଜା ଶୁଖିଯିବ । ଫଳତଃ ମୁଁ ଶେଷ ହୋଇଯିବ । ସେ କହୁଛନ୍ତି କି ଯେତେବେଳେ ମୋ ମାଆ ବାପା ମୋ ସଙ୍ଗେ ବସିଥିଲେ ଓ ମୁଁ କାନ୍ଦିବାରେ ଲାଗିଥିଲି ସେହି ସମୟରେ ଜଣେ ଅନ୍‌ସାରୀ ମହିଳା ଭିତରକୁ ଆସିବା ପାଇଁ ଅନୁମତି ମାଗିଲେ । ମୁଁ ତାଙ୍କୁ ଅନୁମତି ଦେଇଦେଲି ସେ ମଧ୍ୟ ମୋ ସହିତ ବସି କାନ୍ଦିବାକୁ ଲାଗିଲେ । ଆମେ ଏହିପରି ଅବସ୍ଥାରେ ଥିଲୁ ଯେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଘର ଭିତରେ ଆସି ବସିଗଲେ । ଯେଉଁଦିନଠାରୁ ମୋ ଉପରେ ମିଥ୍ୟାରୋପ ଲଗାଯାଉଥିଲା ଆପଣ ସ:ଆ:ସ ମୋ ନିକଟରେ ଆସି ବସୁନଥିଲେ । ଦୂରରୁ ହାଲ୍‌ଚାଲ୍ ପଚାରି ଚାଲିଯାଉଥିଲେ ବା ସେବିକାଙ୍କ ଠାରୁ ମୋ ଅବସ୍ଥା ବିଷୟରେ ପଚାରି ଚାଲିଯାଉଥିଲେ । ସେ ଯାହାହେଉ ସେଦିନ ଆସି ମୋ ନିକଟରେ ବସିଲେ । ଆପଣ ସ:ଆ:ସ ଏକମାସ ପର୍ଯ୍ୟନ୍ତ (ସ୍ୱର୍ଗବାଣୀ)ର ଅପେକ୍ଷାରେ ରହିଲେ । କିନ୍ତୁ ମୋ ସମ୍ବନ୍ଧରେ ଆପଣଙ୍କୁ କୌଣସି ସ୍ୱର୍ଗବାଣୀ ହେଲାନାହିଁ । ଯେଉଁଦିନଠାରୁ ଏହି ମିଥ୍ୟାରୋପ ମୋ ଉପରେ ଲଗାଯାଇଥିଲା ପାଖାପାଖି ଏକମାସ ବିତିଯାଇଥିଲେ ମଧ୍ୟ ଆପଣ ସ:ଆ:ସ ମୋ ନିକଟରେ ଆସି ବସିନଥିଲେ କିନ୍ତୁ ସେଦିନ ଆସି ବସିପଡିଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସ ଏ ଅପେକ୍ଷାରେ ଥିଲେ କି ଅଲ୍ଲାଃତାଲା କିଛି ଜଣାଇବେ । ହଜ୍‌ରତ୍ ଆଇସା ର:ଅ କହୁଛନ୍ତି କି ଆପଣ ସ:ଆ:ସ ତଶହୁଦ୍ ପଢ଼ିଲେ । ପୁଣି ମୋତେ କହିଲେ କି ଆଇଶା ! ମୋତେ ତୁମ ସମ୍ବନ୍ଧରେ (ଇଶ୍ୱରଙ୍କ ନିକଟରୁ) ଏକଥା ପହଂଚିଛି । ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଆଇଶାଙ୍କ ସହିତ ପ୍ରଥମଥର ପାଇଁ କଥା ହେଉଥିଲେ । ସୁତରାଂ ଯଦି ତୁମେ ନିର୍ଦ୍ଦୋଶ ତେବେ ଅଲ୍ଲାଃତାଲା ନିଶ୍ଚିତ ରୂପେ ତୁମକୁ ନିର୍ଦ୍ଦୋଷ ଅଭିହିତ କରିବେ । ଏବଂ ଯଦି ତୁମଦ୍ୱାରା କୌଣସି ଦୋଷ ଦୁର୍ବଳତା ଦେଖାଦେଇଛି ତେବେ ଅଲ୍ଲାଃତାଲାଙ୍କ ନିକଟରୁ କ୍ଷମାମାଗ ଏବଂ ତା ନିକଟରେ ତୌବା କର କାଣ ଭକ୍ତ ଯେତେବେଳେ ନିଜର ପାପକୁ ମାନିଯାଏ ଏବଂ ତା'ପରେ ତୌବା କରେ ତେବେ ଅଲ୍ଲାଃତାଲା ମଧ୍ୟ ତା ଉପରେ କରୁଣା କରିଥାଏ । (ହଜ୍‌ରତ୍ ଆଇଶା) କହୁଛନ୍ତି ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ କଥା ଶେଷ କଲେ ପ୍ରଥମେ ଯେହେତୁ ମୁଁ ବହୁତ କାନ୍ଦୁଥିଲି, ମୋର ଅଶ୍ରୁ ଶୁଖିଗଲା । ଏପରିକି ଅଶ୍ରୁର ଗୋଟିଏ ବିନ୍ଦୁ ମଧ୍ୟ ଅନୁଭବ ହେଲାନାହିଁ ।

ମୁଁ ମୋ ବାପାଙ୍କୁ କହିଲି । ସେ ସମୟରେ ହଜ୍‌ରତ୍ ଆଇଶା ର:ଅ ହଜ୍‌ରତ୍ ଅବୁ ବକର୍‌ଙ୍କୁ କହିଲେ କି ରସୁଲୁଲ୍ଲାଃ ସ:ଆ:ସଙ୍କୁ ମୋ ତରଫରୁ ଉତର ଦିଅନ୍ତୁ । ସେ କହିଲେ ଅଲ୍ଲାଃଙ୍କ ରାଣ ମୁଁ ଏହା ଜାଣିନାହିଁ କି ରସୁଲୁଲ୍ଲାଃ ସ:ଆ:ସଙ୍କୁ କଣ କହିବି, କି କଥା କହିବି, କଣ ଉତର ଦେବି । ପୁଣି ମୁଁ ମୋ ମାଆଙ୍କୁ କହିଲି କି ରସୁଲୁଲ୍ଲାଃ ସ:ଆ:ସଙ୍କୁ ମୋ ତରଫରୁ ଉତର ଦିଅନ୍ତୁ । ଏଥିରେ ସେ କହିଲେ ଅଲ୍ଲାଃଙ୍କ ରାଣ ମୁଁ ଜାଣିନାହିଁ କି ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ କଣ କହିବି । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି କି ମୁଁ ଅଳ୍ପ ବୟସର ଝିଅ ଥିଲି । ସେ ସମୟରେ ପବିତ୍ର କୋରାନ୍‌ର ଅଧିକା ଜ୍ଞାନ ମୋ ପାଖରେ ନଥିଲା । ସେ ଯାହାହେଉ ଏହା ସତ୍ତ୍ୱେ ମଧ୍ୟ ସେ ସମୟରେ ମୁଁ କହିଲି ଯେ ଅଲ୍ଲାଃଙ୍କ ରାଣ ମୁଁ ଜାଣିସାରିଛି ଯେ ଆପଣମାନେ ସେକଥା ଶୁଣିଛନ୍ତି ଯେଉଁକଥାକୁ ଲୋକମାନେ ଆପୋଷରେ ଚର୍ଚ୍ଚା କରୁଛନ୍ତି ଅର୍ଥାତ୍ ମୋ ଉପରେ ଯେଉଁ ବହୁତ ବଡ ଖରାପ ଏବଂ ମିଥ୍ୟାରୋପ ଲଗାଯାଇଛି । ସେହିକଥା ଆପଣମାନଙ୍କ ମନ ଭିତରେ ବସିଯାଇଛି ଓ ଆପଣମାନେ ସେ କଥାକୁ ଠିକ୍ ବୋଲି ଭାବିନେଇଛନ୍ତି । ବରଂ ସେ ଏକଥା କହୁଛନ୍ତି କି ମୁଁ କହିଲି ଯେ ଆପଣମାନେ ବୋଧହୁଏ ଏକଥା ଭାବିନେଇଛନ୍ତି କି ତାହା ଠିକ୍ ବୋଲି । ଯଦି ମୁଁ ଆପଣଙ୍କୁ କହିବି କି ମୁଁ ନିର୍ଦ୍ଦୋଷ ଅଟେ ଓ ମୁଁ ଏପରି କିଛି କରିନାହିଁ ଯେବେ କି ଅଲ୍ଲାଃଜାଣିଛନ୍ତି ଯେ ମୁଁ ବାସ୍ତବରେ ନିର୍ଦ୍ଦୋଷ ଅଟେ, ତେବେ ଆପଣ ମୋତେ ଏକଥାରେ ସତ୍ୟବାଦୀ ବୋଲି ଜାଣିବେ ନାହିଁ । କାରଣ (ଉକ୍ତକଥା) ଏତେ ପ୍ରସିଦ୍ଧ ହୋଇଗଲାଣି ଓ ଲୋକମାନେ ସେ ବିଷୟରେ ଏତେମାତ୍ରାରେ କଥା ହେଉଛନ୍ତି ଯେ ବୋଧହୁଏ ଏପରି ହେବ କି (ସେମାନେ କହିବେ) ମୁଁ ସତ୍ୟବାଦୀ ନୁହେଁ । ଏବଂ ଯଦି ମୁଁ ଆପଣଙ୍କ ନିକଟରେ ଏପରି କୌଣସି କଥା ମାନିନେବି ଯେବେ କି ଅଲ୍ଲାଃ ଜାଣିଛନ୍ତି ଯେ ମୁଁ ହେଉଛି ନିର୍ଦ୍ଦୋଷ ଓ ମୁଁ କୌଣସି ଏପରି ଖରାପ କାର୍ଯ୍ୟ କରିନାହିଁ ବୋଲି ତେବେ ଆପଣମାନେ ମୋତେ ସତ୍ୟବାଦୀ ବୋଲି ବିବେଚନା କରିନେବେ । ଯଦି ମାନିନେବି ତେବେ ଆପଣ ଏହାକୁ ସତ ବୋଲି ଜାଣିନେବେ ଯେ ହଁ ବୋଧହୁଏ ଏକଥା ଠିକ୍ ହୋଇଥିବ । (ହଜ୍‌ରତ୍ ଆଇଶା) କହୁଛନ୍ତି କି ମୁଁ କହିଲି ଅଲ୍ଲାଃଙ୍କ ରାଣ ! ମୁଁ ମୋ ନିଜପାଇଁ ଓ ଆପଣ ସ:ଆ:ସଙ୍କ କୌଣସି ଦୃଷ୍ଟାନ୍ତ ପାଉନାହିଁ କେବଳ ୟୁସୁଫ୍‌ଙ୍କ ବାପାଙ୍କ (ଉଦାହରଣ) । ସେ କହିଥିଲେ ଯେ ଧୈର୍ଯ୍ୟ ଧରିବା ହିଁ ଠିକ୍ ଅଟେ ଓ ଅଲ୍ଲାଃଙ୍କ ଠାରୁ ହିଁ ସାହାଯ୍ୟ ମାଗିବା ଉଚିତ୍ । ହଜ୍‌ରତ୍ ୟାକୁବ୍ ଆ:ସ ୟୁସୁଫ୍‌ଙ୍କ ଭାଇମାନଙ୍କୁ ଯେଉଁକଥା କହିଥିଲେ କି ଅଲ୍ଲାଃଙ୍କଠାରୁ ଏ ବିଷୟରେ ସାହାଯ୍ୟ ମାଗିବା ଉଚିତ୍ ଯାହା ତୁମେମାନେ ବର୍ଣ୍ଣନା କରୁଅଛ । (ହଜ୍‌ରତ୍ ଆଇଶା) କହୁଛନ୍ତି ମୁଁ ଏହି ଆୟତ ପାଠ କଲି । ତା'ପରେ ମୁଁ ଗୋଟିଏପଟକୁ ଚାଲିଯାଇ ନିଜ ବିଛଣା ଉପରକୁ ଆସିଗଲି ଓ ମୁଁ ଏ ଆଶା ରଖିଥିଲି ଯେ ଅଲ୍ଲାଃତାଲା ମୋତେ ନିର୍ଦ୍ଦୋଷ ପ୍ରମାଣିତ କରିବେ । ସେ (ହଜ୍‌ରତ୍ ଆଇଶା) ଜାଣିଥିଲେ ମୁଁ ନିର୍ଦ୍ଦୋଷ ଏବଂ ଅଲ୍ଲାଃତାଲା ନିର୍ଦ୍ଦୋଷ କରିବେ କିନ୍ତୁ କହୁଛନ୍ତି କି ଅଲ୍ଲାଃଙ୍କ ରାଣ ମୁଁ ଏକଥା ଭାବିନଥିଲି ଯେ ମୋ ସମ୍ବନ୍ଧରେ ମଧ୍ୟ କୌଣସି ଓ୍ୱହି (ସ୍ୱର୍ଗବାଣୀ) ଅବତୀର୍ଣ୍ଣ ହେବ ବୋଲି । ଏକଥା ତ ଭାବିଥିଲି ଯେ ଅଲ୍ଲାଃତାଲା ମୋତେ ନିର୍ଦ୍ଦୋଷ ସାବ୍ୟସ୍ତ କରିବେ କିନ୍ତୁ ଏ ଭାବନା ନଥିଲା କି ଏପରି ହୋଇଯିବ ଯେ ଅଲ୍ଲାଃତାଲା ମୋତେ ନିର୍ଦ୍ଦୋଷ କରିବା ସମ୍ବନ୍ଧରେ ସ୍ୱର୍ଗବାଣୀ

ଅବତୀର୍ଣ୍ଣ କରିବେ ବୋଲି ବରଂ ମୁଁ ନିଜ ଭାବନାରେ ତା'ଠାରୁ ନିଜକୁ ବହୁତ ନ୍ୟୁନ ମଣୁଥିଲି କି ମୋ ସମ୍ବନ୍ଧରେ ପବିତ୍ର କୋରାନ୍‌ରେ ବର୍ଣ୍ଣନା କରାଯିବ । ମୁଁ ନିଜକୁ ଏପରି ଯୋଗ୍ୟା ବିବେଚିତ କରୁନଥିଲି ଯେ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ମୋ ବାବଦରେ କୌଣସି ୱହି ଅବତୀର୍ଣ୍ଣ କରିବ । କିନ୍ତୁ ମୋର ନିଶ୍ଚିତ ରୂପେ ଏ ଆଶା ଥିଲା ଯେ ରସୁଲୁଲ୍ଲାଃ ସ:ଆ:ସ ନିଦରେ କୌଣସି ଏପରି ସ୍ୱପ୍ନ ଦେଖିବେ କି ଅଲ୍ଲାଃତାଲା ମୋତେ ନିର୍ଦ୍ଦୋଷ ଅଭିହିତ କରିଛନ୍ତି ବୋଲି । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି କି ଅଲ୍ଲାଃଙ୍କ ରାଣ ! ଆପଣ ସ:ଆ:ସ ବସିବା ଯାଗାରୁ ଉଠିନଥିଲେ କି ଓ ଅହ୍‌ଲେ ବୟତ୍‌ଙ୍କ ମଧ୍ୟରୁ କେହି ବାହାରକୁ ଯାଇନଥିଲେ ଯେ ସେହିକ୍ଷଣି ଆପଣ ସ:ଆ:ସଙ୍କ ଉପରେ ୱହି ଅବତୀର୍ଣ୍ଣ ହେଲା । ଏବଂ ୱହି ହେବା ସମୟରେ ଯେଉଁ ପ୍ରକାରର ଭୀଷଣ କଷ୍ଟ ଆପଣ ସ:ଆ:ସଙ୍କୁ ହୋଇଥାଏ ତାହା ହେବାକୁ ଲାଗିଲା । ଫଳତଃ ଆପଣଙ୍କ ଦେହରୁ ଏତେମାତ୍ରାରେ ଝାଳ ବୋହିଲା ଯେ ଶୀତଦିନରେ ମଧ୍ୟ ଆପଣଙ୍କଠାରୁ ମୋତି ସଦୃଶ ଝାଳ ବହିପଡୁଥିଲା ।

ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ୱହି ଅବତୀର୍ଣ୍ଣ ହେବାର ଅବସ୍ଥା ଯେତେବେଳେ ଦୂରେଇ ଗଲା ସେତେବେଳେ ଆପଣ ସ:ଆ:ସ ସ୍ମିତ ହାସ୍ୟ ହସୁଥିଲେ ଓ ଯେଉଁ ପ୍ରଥମକଥାଟି ଆପଣ ସ:ଆ:ସ କହିଲେ ତାହା ଥିଲା ଆଇଶା ! ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କର । କାରଣ ଅଲ୍ଲାଃ ତୁମକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଦେଇଛନ୍ତି । (ହଜ୍‌ରତ୍ ଆଇଶା) କହୁଛନ୍ତି- ଏଥିରେ ମୋ ମାଆ ମୋତେ କହିଲେ- ଉଠ, ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଯାଓ । ମୁଁ କହିଲି ଅଲ୍ଲାଃଙ୍କ ରାଣ ! କଦାପି ନୁହେଁ । ମୁଁ ତାଙ୍କ ପାଖକୁ ଉଠି ଯିବିନାହିଁ ଓ ଅଲ୍ଲାଃଙ୍କ ବ୍ୟତୀତ କାହାକୁ ଧନ୍ୟବାଦ ଜଣାଇବି ନାହିଁ । ଅଲ୍ଲାଃତାଲା ଏହି ଭବିଷ୍ୟବାଣୀ କରିଥିଲେ । ସେହି ଲୋକମାନେ ଅର୍ଥାତ୍ ଯେଉଁମାନେ ମିଥ୍ୟାରୋପ ଲଗାଇଥିଲେ ସେମାନେ ତୁମମାନଙ୍କ ମଧ୍ୟରୁ ଗୋଟିଏ ଦଳ ଥିଲା । ଯେତେବେଳେ ଅଲ୍ଲାଃତାଲା ମୋତେ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ପାଇଁ ଭବିଷ୍ୟବାଣୀ ଅବତୀର୍ଣ୍ଣ କଲେ ସେତେବେଳେ ହଜ୍‌ରତ୍ ଅବୁ ବକର୍ ର:ଅ କହିଲେ ଅଲ୍ଲାଃଙ୍କ ରାଣ ! ମିସ୍‌ତାହ୍ ଯିଏ ଆଇଶାଙ୍କ ଉପରେ ମିଥ୍ୟାରୋପ ଲଗାଇଥିଲା ଏହାପରେ ଏବେ ତାକୁ ଆଉ କୌଣସି ଖର୍ଚ୍ଚ ଦେବିନାହିଁ । ସେ ମିସ୍‌ତାହ୍ ବିନ୍ ଉସାସାଙ୍କୁ ତାଙ୍କର ନିକଟତର ଥିବାରୁ ଖର୍ଚ୍ଚ ଦେଉଥିଲେ । କିନ୍ତୁ ଅଲ୍ଲାଃତାଲା କହିଲେ ଅର୍ଥାତ୍ ସୁରା ନୁର୍‌ର ସେହି ଆୟତକୁ ଅବତୀର୍ଣ୍ଣ କଲେ ଯେଉଁଥିରେ ଅଲ୍ଲାଃତାଲା ଏକଥା କହିଛନ୍ତି । ଏହି ଆୟତଟିକୁ ମୁଁ ପାଠ କରିସାରିଛି ଏବଂ ଏହାର ଅନୁବାଦ ମଧ୍ୟ ପଢ଼ିସାରିଛି । ତାହାର ଅନୁବାଦ ହେଉଛି ଏପରି – ତୁମମାନଙ୍କ ମଧ୍ୟରୁ (ଧର୍ମରେ ଓ ସଂସାରରେ) ଶ୍ରେଷ୍ଠ ଓ ସ୍ୱଚ୍ଛଳ ବ୍ୟକ୍ତିମାନେ ଶପଥ କରନ୍ତୁ ନାହିଁ ଯେ ନିଜ ନିକଟ ସମ୍ପର୍କୀୟ, ଦରିଦ୍ର ଏବଂ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ହିଜ୍‌ରତ୍‌କାରୀମାନଙ୍କୁ ସାହାଯ୍ୟ କରିବେ ନାହିଁ ଏବଂ ସେମାନଙ୍କୁ କ୍ଷମା କରିବା ଓ ମାର୍ଜନା କରିବା ଉଚିତ୍; କଣ ତୁମେମାନେ ଇଛା କରୁନାହଁ ଯେ ଅଲ୍ଲାଃ ତୁମମାନଙ୍କ ତ୍ରୁଟି ମାର୍ଜନା କରନ୍ତୁ ? ଏବଂ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ (ଓ) ସଦା କରୁଣାମୟ । ହଜ୍‌ରତ୍ ଅବୁ ବକର୍ ର:ଅ କହିଲେ କି କାହିଁକି ନୁହେଁ । ଅଲ୍ଲାଃଙ୍କ ରାଣ । ମୁଁ ନିଶ୍ଚିତ ରୂପେ ଏହା ଚାହୁଁଛି ଯେ ଅଲ୍ଲାଃତାଲା ମୋ ପାପଗୁଡିକୁ ଢ଼ାଙ୍କିଦେଇ ମୋତେ କ୍ଷମା ପ୍ରଦାନ କରନ୍ତୁ । (ଫଳତଃ) ମିସ୍‌ତାହ୍‌ଙ୍କୁ ଯେଉଁ ଖୋରାକ ସେ ଦେଉଥିଲେ ତାହା ପୁଣି ତାଙ୍କୁ ମିଳିଲା ।

ଏବଂ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଜଏନବ୍ ବିନ୍ ଜହଶ୍‌ଙ୍କ ଠାରୁ ମଧ୍ୟ ମୋ ବିଷୟରେ ପଚାରି ବୁଝୁଥିଲେ । ଆଁ ହଜ୍‌ରତ୍ ସ:ଆ:ସ କହିଲେ- ଜଏନବ୍ ! ଯାହାକିଛି ତୁମେ ଦେଖିଅଛ ସେଥିରୁ କଣ ଜାଣୁଛ । ଏଥିରେ ସେ କୁହନ୍ତି ହେ ଅଲ୍ଲାଃଙ୍କ ରସୁଲ୍ ମୁଁ ନିଜର ଶୁଣିବା ଓ ଦେଖିବାକୁ ସୁରକ୍ଷିତ ରଖିବି । (ଅର୍ଥାତ୍ ମୁଁ କଦାପି ଏହା କହିପାରିବି ନାହିଁ) ମୁଁ ତ ଆଇଶା ର:ଅଙ୍କୁ ପବିତ୍ରମୟ ହିଁ ଜାଣୁଛି । ନିଜ କାନ ଓ ଆଖିକୁ ମୁଁ ସୁରକ୍ଷା ମଣୁଛି ଓ ସର୍ବଦା ସୁରକ୍ଷାରେ ରଖିବି (ଅର୍ଥାତ୍) ମୁଁ ଭୁଲ୍ କଥା କହିପାରିବି ନାହିଁ । ସେ କହୁଛନ୍ତି କି ମୁଁ ତ ଆଇଶା ର:ଅଙ୍କୁ ପବିତ୍ର ହିଁ ଜାଣୁଛି । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି କି ଏହି ଜଏନବ୍ ଏପରି ବ୍ୟକ୍ତି ଥିଲେ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ସ୍ତ୍ରୀମାନଙ୍କ ମଧ୍ୟରୁ ମୋ ସହିତ ସମାନତାର ତୁଳନା କରୁଥିଲେ । ଅଲ୍ଲାଃତାଲା ତାଙ୍କୁ ତାଙ୍କ ସଦାଚରୀତା ଯୋଗୁ ବଂଚାଇ ରଖିଲେ ଏବଂ ତାଙ୍କ ଭଉଣୀ ହମ୍‌ନା ବିନ୍‌ତ୍ ଜହସ୍ ତାଙ୍କର ତରଫଦାରୀ କରୁଥିଲେ ଫଳତଃ ନିଃଶେଷ ହୋଇଗଲେ ଅର୍ଥାତ୍ ଯେଉଁ ଲୋକମାନେ ମିଥ୍ୟାରୋପ ଲଗାଇଥିଲେ ସେ ସେମାନଙ୍କର ତରଫଦାରୀ କରୁଥିଲେ ଓ ସେହି ଲୋକମାନଙ୍କ ସହିତ ଥିଲେ ଯେଉଁମାନେ ଶେଷ ହୋଇଗଲେ । (ସହି ବୁଖାରୀ, କିତାବୁଲ୍ ଶାହାଦତ୍ ବାବ୍ ତାଦିଲୁନ୍ ନିସା... ହଦିସ୍ ୨୬୬୧, ଖଣ୍ଡ-୪, ପୃଷ୍ଠା-୭୨୧-୭୩୧, ପ୍ରକାଶକ- ନଜାରତ୍ ଇଶାଅତ୍ ରବ୍‌ୱା) (ସହି ବୁଖାରୀ କିତାବୁଲ୍ ମଗାଜି ବାବ୍ ହଦିସୁଲ୍ ଇଫକ୍, ହଦିସ୍ ୪୧୪୧, ଖଣ୍ଡ-୮, ପୃଷ୍ଠା- ୩୨୫, ପ୍ରକାଶକ-ନଜାରତ୍ ଇଶାଅତ୍ ରବ୍‌ୱା)

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ସିରତ୍ ଖାତମୁନ୍ ନବିଇନ୍‌ରେ ଏହି ଘଟଣାଟିକୁ ବର୍ଣ୍ଣନା କରିଛନ୍ତି ଯାହାକୁ ମୁଁ ପ୍ରଥମେ ବୁଖାରୀର ହୱାଲା ଦେଇ ବର୍ଣ୍ଣନା କରିସାରିଛି । ସେ ଯେଉଁ ଅଧିକା କଥା ଲେଖଛନ୍ତି ତାହା ହେଉଛି ଏପରିକି ସେ (ଅର୍ଥାତ୍ ଆଇଶା ର:ଅ) ଯେବେ କହୁଛନ୍ତି କି ଉକ୍ତ ସାହାବୀ ଜଣକ *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* ପଢ଼ିଲେ ସେଥିରେ ମୁଁ ନିଦରୁ ଉଠିଗଲି ଓ ଚାହିଁବା କ୍ଷଣି ତତ୍‌କ୍ଷଣାତ୍ ନିଜ ମୁହଁକୁ ନିଜର ଓଢ଼ଣୀରେ ଢ଼ାଙ୍କିଦେଲି କାରଣ ପର୍ଦ୍ଦା କରିବାର ନିର୍ଦ୍ଦେଶ ଜାରି ହୋଇସାରିଥିଲା । ଏବଂ ଅଲ୍ଲାଃଙ୍କ ରାଣ ! ସେ ମୋ ସହିତ କୌଣସି କଥା ହୋଇନାହାଁନ୍ତି । ସେ ମୋତେ କୌଣସି କଥା ମଧ୍ୟ କହିନାହାଁନ୍ତି ଏବଂ ନା ମୁଁ ତାଙ୍କଠାରୁ ଏକଥା ବ୍ୟତୀତ ଆଉ କୌଣସି ଶବ୍ଦ ଶୁଣିଛି ଅର୍ଥାତ୍ *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* ବ୍ୟତୀତ । ତା ପରେ ସେ ଓଟଟିକୁ ଆଗକୁ ଆଣିଲେ ଓ ମୋ ନିକଟରେ ଆଣି ବସାଇଦେଲେ ଓ ସେ ଓଟର ଦୁଇ ଆଣ୍ଠୁ ଉପରେ ନିଜ ଗୋଡକୁ ରଖିଦେଲେ ଯଦ୍ୱାରା ସେ ଅଚାନକ ନ ଉଠିପାରିବ । ସୁତରାଂ ମୁଁ ଓଟ ଉପରେ ଆରୋହଣ କରିବି । (ସିରତ୍ ଖାତମୁନ୍ ନବୀଇନ୍, ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ଏମ୍.ଏ ର:ଅ, ପୃଷ୍ଠା-୫୬୩)

ସେଠି ବୁଖାରୀରେ ଏକଥା ଲେଖାଥିଲା କି ହାତ ଉପରେ ଗୋଡ ରଖି ଚଢ଼ିଲେ, ଏଠାରେ ଏକଥା ଲେଖାଯାଇଛି କି ସେ ଓଟର ଆଗ ଆଣ୍ଠୁ ଉପରେ ଗୋଡକୁ ରଖିଦେଇଛନ୍ତି ଯଦ୍ୱାରା ଓଟଟି ଅଚାନକ୍ ଉଠି ନଯାଉ । ଯେପରିକି ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରିଛନ୍ତି କି ମୋ ସମ୍ବନ୍ଧରେ ଖୁଦାତାଲାଙ୍କର ସ୍ୱର୍ଗବାଣୀ ହେବା ମୋ ପାଇଁ ବହୁତ ବଡ ଗୁରୁତ୍ୱପୁର୍ଣ୍ଣ କଥା ଥିଲା । ହଜ୍‌ରତ୍ ଆଇଶା କହୁଛନ୍ତି କି ମୋ ପାଇଁ ତ ସେହି ସ୍ୱର୍ଗବାଣୀ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଥିଲା କାରଣ ସେ ବିଷୟରେ ମୋର କୌଣସି ଆଶା ନଥିଲା ।

ସେ ଯାହାହେଉ ଏହା ଏକ ଗୁରୁତ୍ୱପୁର୍ଣ୍ଣ ଘଟଣା ଥିଲା । ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଘର ଲୋକଙ୍କ ଉପରେ ଏକ ବହୁତ ବଡ ମିଥ୍ୟାରୋପ ଲଗାଯାଇଥିଲା । ହଜ୍‌ରତ୍ ଆଇଶା ର:ଅଙ୍କର ଏକ ବିଶେଷ ପଦମର୍ଯ୍ୟାଦା ଥିଲା ଏବଂ ଏହି ପଦମର୍ଯ୍ୟାଦା ଏଇଥିପାଇଁ ଥିଲା କି ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି ଯେ ସବୁଠାରୁ ଅଧିକା ସ୍ୱର୍ଗବାଣୀ ମୋତେ ସେତେବେଳେ ହୋଇଥାଏ ଯେତେବେଳେ ମୁଁ ଆଇଶାଙ୍କ ଘରେ ଥାଏ । ଏବଂ ସୁରଃ ନୁର୍‌ରେ ସେହି ମିଥ୍ୟାରୋପ ଲଗାଇଥିବା ଲୋକମାନଙ୍କ ସମ୍ବନ୍ଧରେ ମୋମିନ୍ ମାନଙ୍କର ଯେଉଁ ପ୍ରତିକ୍ରିୟା ହେବା ଉଚିତ୍ ସେ ସମ୍ବନ୍ଧରେ ମଧ୍ୟ ବ୍ୟାଖ୍ୟା କରି ବତାଯାଇଛି ଯେ କଣ ହେବା ଉଚିତ୍ । ସେ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଦଶ ଏଗାରଟି ଆୟତ ରହିଛି । ସେ ଯାହାହେଉ ହଜ୍‌ରତ୍ ଆଇଶା ର:ଅ ଯେଉଁ ଆୟତର ହୱାଲା ଦେଇଛନ୍ତି ଏହାକୁ ବ୍ୟାଖ୍ୟା କରି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଯେଉଁ ଅଧିକା କିଛିଟା କଥା ବର୍ଣ୍ଣନା କରିଛନ୍ତି ତାହା ମୁଁ ଏଠାରେ ବର୍ଣ୍ଣନା କରିଦେଉଛି । ପ୍ରଥମେ ତ ମୁଁ ଆୟତଟିକୁ ପାଠ କରୁଅଛି । ସେ ଆୟତଟି ହେଉଛି ଏପରି କି:-

إِنَّ الَّذِينَ جَاءُوا بِالْإِفْكِ عُصْبَةٌ مِنْكُمْ لَا تَحْسَبُوهُ شَرًّا لَكُمْ بَلْ هُوَ خَيْرٌ لَكُمْ لِكُلِّ
امْرِئٍ مِنْهُمْ مَا اكْتَسَبَ مِنَ الْإِثْمِ وَالَّذِي تَوَلَّى كِبْرَهُ مِنْهُمْ لَهُ عَذَابٌ عَظِيمٌ

ଅର୍ଥାତ୍- ବାସ୍ତବରେ ଯେଉଁମାନେ ଏକ ଗୁରୁତ୍ୱର ଅପବାଦ ଆରୋପ କରିଥିଲେ ସେମାନେ ତୁମମାନଙ୍କ ମଧ୍ୟରେ ଥିବା ଏକ ଗୋଷ୍ଠୀ ଅଟନ୍ତି; ତୁମେମାନେ ଏହାକୁ ନିଜପାଇଁ ମନ୍ଦବୋଲି ବିଚାର କରନାହିଁ ବରଂ ତାହା ତୁମମାନଙ୍କ ପାଇଁ ଅତି ଉତମ ଥିଲା । (କାରଣ ଏତଦ୍ୱାରା ତୁମେମାନେ ଏକ ତତ୍ତ୍ୱ ସମ୍ବଳିତ ଶିକ୍ଷାପ୍ରାପ୍ତ ହେଲ); ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଯେତିକି ପାପ କରିଥିବ ତାହାକୁ ସେତିକି (ପରିମାଣ) ଶାସ୍ତି ମିଳିବ; ଏବଂ ଯେଉଁବ୍ୟକ୍ତି ଏହି ପାପର ବୃହତ୍ ଅଂଶ ପାଇଁ ଦାୟୀଥିଲା ତାହାକୁ କଠିନ ଶାସ୍ତି ମିଳିବ । (ନୁର୍:୧୨)

ଏହା ଆଗକୁ ପୁଣି ଆହୁରି ଅନେକ ଆୟତମାନ ମଧ୍ୟ ଅଛନ୍ତି । ବହୁତ ବ୍ୟାଖ୍ୟାର ସହିତ ବର୍ଣ୍ଣନା କରାଯାଇଛି । ସେ ଯାହାହେଉ ଏହି ଆୟତର ବ୍ୟାଖ୍ୟାରେ ସମ୍ପୂର୍ଣ୍ଣ ଘଟଣାଟି ବର୍ଣ୍ଣନା କରାଯାଇଛି । ଏବଂ ପୁଣି ସେ ଲେଖୁଛନ୍ତି କି ଯେତେବେଳେ ମଦିନାରେ ପହଂଚିଲେ ସେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଏବଂ ତାଙ୍କର ସାଙ୍ଗସାଥିମାନେ ଏକଥା ପ୍ରସିଦ୍ଧ କରିଦେଲେ ଯେ ହଜ୍‌ରତ୍ ଆଇଶା ର:ଅ ନଉଜୁବିଲ୍ଲାଃ ଜାଣିଶୁଣିକରି ପଛରେ ରହିଯାଇଥିଲେ ଓ ସଫ୍‌ୱାନ୍ ସହିତ ତାଙ୍କର ସମ୍ପର୍କ ଥିଲା ଯିଏ ପରେ ଓଟଟିକୁ ନେଇ ଆସିଥିଲେ । ସେ ଲେଖୁଛନ୍ତି କି ଏକଥା ଏତେ ବଢ଼ିଗଲା ଯେ କିଛି ସାଧାସିଧା ସାହାବାମାନେ ମଧ୍ୟ ତାଙ୍କ ସହିତ ସାମିଲ୍ ହୋଇଗଲେ । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ହସାନ୍ ବିନ୍ ସାବିତ୍ ଏବଂ ଆଉଜଣେ ହେଉଛନ୍ତି ମିସ୍‌ତିହ୍ ବିନ୍ ଉସାସା । ସେହିପରି ଆଉଜଣେ ସାହାବୀୟା ମଧ୍ୟ ଥିଲେ ସେ ହେଉଛନ୍ତି ହମ୍‌ନା ବିନ୍‌ତ୍ ଜହସ୍ ଯିଏ ରସୁଲୁଲ୍ଲାଃ ସ:ଆ:ସଙ୍କ ଶାଳୀ ମଧ୍ୟ ଥିଲେ । ହଜ୍‌ରତ୍ ଆଇଶା ର:ଅଙ୍କୁ ଯେହେତୁ ଉକ୍ତ ଘଟଣା ଯୋଗୁ ବହୁତ ଦୁଃଖ ପହଂଚିଥିଲା ଏବଂ ଅଳ୍ପ ବୟସରେ ଏପରି ଏକ ଜଙ୍ଗଲି ଓ ଏକୁଟିଆ ସ୍ଥାନରେ ରହିଯାଇଥିଲେ ତେଣୁ ସେ ମଦିନାରେ ପହଂଚିଲା ପରେ ସେହି ଦୁଃଖରେ ବେମାର ପଡିଗଲେ । ଏକାକୀ ରହିଥିବା ଯୋଗୁ ଯେଉଁ ଭୟ ତାଙ୍କୁ ଲାଗିଥିଲା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି କି ସେଇଥିଯୋଗୁ ତାଙ୍କୁ ବେମାର ହୋଇଗଲା । ଏପଟେ ତାଙ୍କ ବିଷୟରେ ମୁନାଫିକ୍‌ମାନେ ଗୁଜବ ସୃଷ୍ଟି କରୁଥିଲେ । ପରିଶେଷରେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଏକଥା ପହଂଚିଗଲା । ଆପଣ ସ:ଆ:ସ ହଜ୍‌ରତ୍ ଆଇଶା ର:ଅଙ୍କୁ ବେମାର ଅବସ୍ଥାରେ ଦେଖି କିଛି କଥା ପଚାରିପାରୁନଥିଲେ । ଏକଥା ମଧ୍ୟ ପଚାରିଲେ ନାହିଁ ଯେ ମୁନାଫିକ୍‌ମାନେ ଏପରି କଣ କଥା ହେଉଛନ୍ତି ? ସେପଟେ ଦିନକୁ ଦିନ କଥା ବଢ଼ିଚାଲିଥିଲା । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି କି ମୁଁ ଏକଥା ଦେଖି ଆଶ୍ଚର୍ଯ୍ୟ ହେଉଥିଲି କି ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ଘରକୁ ଆସୁଛନ୍ତି ତାଙ୍କର ଚେହେରା ମଳିନ ଦେଖାଯାଉଛି ଏବଂ ମୋ ସହିତ କଥା ହେଉନାହାଁନ୍ତି । (ହଜ୍‌ରତ୍ ଆଇଶା) କହୁଛନ୍ତି- ବହୁତ ଅସ୍ତବ୍ୟସ୍ତର ଚେହେରା ଥିଲା ଏବଂ ସେ ଅନ୍ୟମାନଙ୍କଠାରୁ ମୋ ବିଷୟରେ ପଚାରି ବୁଝି ଚାଲିଯାଉଥିଲେ । (ହଜ୍‌ରତ୍ ଆଇଶା) କହୁଛନ୍ତି- ମୁଁ ଆପଣ ସ:ଆ:ସଙ୍କ ଅନୁମତି କ୍ରମେ ଦିନେ ନିଜ ବାପା ମାଆଙ୍କ ଘରକୁ ଚାଲିଗଲି ଓ ପୁଣି ସେଠାରେ ନିତ୍ୟକର୍ମ ଘଟଣା ବିଷୟ ହେଲା । ଯେଉଁ ନିକଟ ସମ୍ପର୍କୀୟ (ମହିଳା) ଥିଲେ ତାଙ୍କ ସହିତ ବାହାରକୁ ଯାଉଥିଲେ । ସେ ନିଜ ପୁଅ ମିସ୍‌ତିହ୍‌ଙ୍କ ନାମ ନେଇ କହିଲେ କି ତାର ସତ୍ୟାନାଶ ହେଉ । ହଜ୍‌ରତ୍ ଆଇଶା ର:ଅ କହିଲେ କି ଏପରି କାହିଁକି କହୁଛ ? ସେ କହିଲେ- ଏପରି କାହିଁକି ନକହିବି । ତୁମକୁ ଜଣାନାହିଁ ସେ କି ପ୍ରକାରର କଥା କହୁଅଛି । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି କି ଏଥିରୁ ଜଣାପଡୁଛି ସେହି ମହିଳାଜଣକ ଅବସର ଖୋଜୁଥିଲେ ଏକଥା କହିବା ପାଇଁ । ସେ ହଜ୍‌ରତ୍ ଆଇଶା ର:ଅଙ୍କୁ ଏକଥା ବତାଇଲେ ଯେ ତାଙ୍କ ଉପରେ କଣ କଣ ମିଥ୍ୟାରୋପ ଲଗାଯାଇଛି କାରଣ ତାଙ୍କୁ ଏ ବିଷୟରେ କିଛି ଜଣାନଥିଲା । ଯେତେବେଳେ ହଜ୍‌ରତ୍ ଆଇଶା ର:ଅ ଏକଥା ଶୁଣିଲେ ତାଙ୍କୁ ବହୁତ ବଡ୍ ସଦ୍‌ମା (ଆନ୍ତରିକ ଦୁଃଖ) ହେଲା । ଫେରିଆସିଲେ ଏବଂ ଯେପରିକି ପ୍ରଥମେ ସେ ଚର୍ଚ୍ଚା କରିଛନ୍ତି ଯେ ମୁଁ ବହୁତ ଦୁର୍ବଳ ହୋଇଯାଇଥିଲି । ଯେଣତେଣ ପ୍ରକାରେଣ ଘରେ ପହଂଚିଲେ କିନ୍ତୁ ଫଳ ଏହା ହେଲା କି ସେ ଆହୁରି ଅଧିକା ବେମାର ହୋଇଗଲେ ।

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

## ''ଅଲ୍ଲାଃତାଲାଙ୍କ ଦ୍ୱାରା ଡାକିନେବା ମଧ୍ୟ ହେଉଛି ଗୋଟିଏ ଫଜଲ୍ (ଦୟା)''

''ମୋର ଅଭିଳାଶା ତ କେବଳ ଏତିକି ଯେ ଯେଉଁ କାମ ଖଲିଫାଏ ୱକ୍ତ ମୋତେ କରିବା ପାଇଁ ପ୍ରଦାନ କରିଛନ୍ତି ମୁଁ ଅଲ୍ଲାଃତାଲାଙ୍କ ସାହାଯ୍ୟ ଦ୍ୱାରା ତାକୁ ପୁରା କରିବି''

''ମନୁଷ୍ୟର ଚେଷ୍ଟା ଓ ପରିଶ୍ରମ କିଛି ନୁହେଁ । ଏହା ମୋ ଜୀବନର ସାରାଂଶ, ଯାହାକିଛି ଅଛି ତାହା ହେଉଛି ଅଲ୍ଲାଃତାଲାଙ୍କର ଦୟା ଏବଂ ପୁଣି ଖିଲାଫତ୍ ସହିତ ସମ୍ବନ୍ଧିତ''

ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ପ୍ରେମୀ, ହଦିସ୍ ଜ୍ଞାନରେ ପ୍ରବୀଣ, ଖିଲାଫତ୍ ସହିତ ପ୍ରେମଭାବରେ ପରିପୂର୍ଣ୍ଣ, ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ସବୁଠାରୁ ବଡ ନାତି ହଜ୍‌ରତ୍ ନୱାବ୍ ମୁବାରକା ବେଗମ୍ ସାହିବା ର:ଅ ଏବଂ ନୱାବ୍ ମୁହମ୍ମଦ୍ ଅଲୀ ଖାନ୍ ସାହେବ୍ ର:ଅଙ୍କ ନୱାସା (ନାତୀ) ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃଙ୍କ ବଡପୁତ୍ର, ଅମିରୁଲ୍ ମୁମିନୀନ୍ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ମାମୁ ପୁଅ ଭାଇ, ନିଜ ଜୀବଦଶାରେ ହିଁ ଈଶ୍ୱରଙ୍କ ନିକଟରୁ କ୍ଷମା ଏବଂ କରୁଣା ଲାଭ କରିବାର ଖବର ପ୍ରାପ୍ତକାରୀ, ଜଣେ ୱାକିଫେ ଜିନ୍ଦେଗୀ ରୂପେ ଅର୍ଦ୍ଧ ଶତାବ୍ଦୀରୁ ଅଧିକା ଏବଂ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସିଲ୍‌ସିଲା ଅହେମଦୀୟାର ଖିଦ୍‌ମତ୍ କରିବାର ସୌଭାଗ୍ୟ ପ୍ରାପ୍ତକାରୀ, ଅତ୍ୟନ୍ତ ପରିଶ୍ରମୀ, ଆଲିମ୍ ବାଅମଲ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡିକର ଅନୁବାଦକାରୀ, ସାହେବ୍‌ଜାଦା ମିର୍ଜା ଅନସ୍ ଅହେମଦ୍ ସାହେବ୍ ୱକିଲୁଲ୍ ଇଶାଅତ୍ ତହ୍‌ରିକ୍ ଯଦିଦ୍ ଅଞ୍ଜୁମନ୍ ଅହେମଦୀୟା ରବ୍‌ୱାଙ୍କ ଦେହାନ୍ତରେ ତାଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍**[ଅ.ବ]

**(ପ୍ରଦତ୍ତ: ୨୧ ଡିସେମ୍ବର୍ ୨୦୧୮ ଅନୁଯାୟୀ ୨୧ ଫତାହ୍ ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ . اَلرَّحْمٰنِ الرَّحِيْمِ . مٰلِكِ يَوْمِ الدِّيْنِ . إِيَّاكَ نَعْبُدُ وَإِيَّاكَ نَسْتَعِيْنُ .
اِهْدِنَا الصِّرَاطَ الْمُسْتَقِيْمَ . صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ .

ଆଜି ମୁଁ ମନସ୍ଥ କରିଥିଲି ଯେ କିଛି ସାହାବାମାନଙ୍କ ଚର୍ଚ୍ଚା କରିବି ବୋଲି ଏବଂ ତା'ପରେ ମୋକରମ୍ ମିର୍ଜା ଅନସ୍ ଅହେମଦ୍ ସାହେବ୍‌ଙ୍କ ଚର୍ଚ୍ଚା କରିବି ଯାହାଙ୍କ ଦେହାନ୍ତ ବିଗତ ଦିନ ହୋଇଯାଇଛି କିନ୍ତୁ ଲୋକମାନେ ତାଙ୍କ ସମ୍ବନ୍ଧରେ ବହୁତ ମାତ୍ରାରେ ଚିଠି ମୋ ପାଖକୁ ଲେଖିଛନ୍ତି, ତାଙ୍କ ସମ୍ବନ୍ଧୀୟ କଥା ଲେଖିଛନ୍ତି । ସେଇଥିଯୋଗୁ ମୁଁ ନିଶ୍ଚିତ କଲି କି କେବଳ ତାଙ୍କର ହିଁ ଚର୍ଚ୍ଚା ଆଜି କରିବି ।

ମିର୍ଜା ଅନସ୍ ଅହେମଦ୍ ସାହେବ୍ ଯିଏ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାହୁତାଲାଙ୍କ ବଡ ପୁତ୍ର ଥିଲେ, ତାଙ୍କର ବିଗତ ଦିନ ରବ୍‌ୱାଠାରେ ୮୧ ବର୍ଷ ବୟସରେ ଦେହାନ୍ତ ହୋଇଗଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* । ସେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ସବୁଠାରୁ ବଡ ନାତି ଥିଲେ । ଏବଂ ହଜ୍‌ରତ୍ ନୱାବ୍ ମୁବାରକା ବେଗମ୍ ସାହିବା ଓ ନୱାବ୍ ମୁହମ୍ମଦ୍ ଅଲୀ ଖାନ୍ ସାହେବ୍‌ଙ୍କ ନୱାସା (ନାତି) ଥିଲେ । ଏହି ଦୃଷ୍ଟିକୋଣରୁ ସେ ମୋର ମାମୁ ପୁଅଭାଇ ମଧ୍ୟ ଥିଲେ । ସେ ପ୍ରାରମ୍ଭିକ ଶିକ୍ଷା କାଦିଆନ୍‌ରେ ହାସଲ୍ କରିଛନ୍ତି । ପୁଣି ରବ୍‌ୱାରେ ଯାଇ ସମ୍ପୂର୍ଣ୍ଣ କଲେ । ପୁଣି ପଞ୍ଜାବ୍ ୟୁନିଭରସିଟିରୁ ଏମ୍.ଏ ପାସ୍ କଲେ । ପୁଣି କିଛି ଦିନ ସେଠି କଲେଜ୍‌ରେ ସେବା କଲେ ଓ ପୁଣି ସେଠାରୁ ଅକ୍‌ସଫୋର୍ଡ୍ ୟୁନିଭରସିଟି ଯାଇ ଇଂଲଣ୍ଡରେ ଶିକ୍ଷା ହାସଲ କଲେ । ସେଠାରୁ ସେ ଏମ୍.ଏ ଡିଗ୍ରୀ ହାସଲ କଲେ । ଅଲ୍ଲାଃଙ୍କ ଫଜଲ୍‌ରୁ ୧୯୫୫ ମସିହାରେ ସେ ନିଜ ଜୀବନ ୱକ୍‌ଫ୍ (ଉତ୍ସର୍ଗ) କଲେ ଏବଂ ୧୯୬୨ ମସିହାରେ କର୍ମକ୍ଷେତ୍ରରେ ପାଦ ରଖିଲେ । ବହୁତ ପରିଶ୍ରମ କରି ବିଭିନ୍ନ ବିଭାଗରେ ସେ କାମ କରିଛନ୍ତି । ବହୁତ ଉତ୍ସାହ, ସାହସ ଓ ପରିଶ୍ରମର ସହିତ କାର୍ଯ୍ୟ କରିବାର ଅଭ୍ୟାସ ଥିଲା । ହଦିସ୍ ଜ୍ଞାନ, ଫିଲୋସଫି ଏବଂ ଇଂରାଜୀ ସାହିତ୍ୟରେ ତାଙ୍କର ବହୁତ ଗଭୀର ଅଧ୍ୟୟନ ଥିଲା । ହଦିସ୍ ସହିତ ବିଶେଷ ରୂପେ ଆଗ୍ରହ ରଖିଥିଲେ । ସେଇଥିପାଇଁ ନିଜ ସଉକ୍‌ରେ ହଦିସ୍‌ର ପ୍ରାରମ୍ଭିକ ଶିକ୍ଷା ମୋହତ୍‌ରତ୍ ମୌଲବୀ ଖୁର୍‌ଶିଦ୍ ଅହେମଦ୍ ସାହେବ୍ ମରହୁମ୍‌ଙ୍କ ଠାରୁ ସେ ହାସଲ କରିଛନ୍ତି । ତାଙ୍କ ନିଜ ଘରେ ମଧ୍ୟ ସେ ଗୋଟିଏ ବଡ ଲାଇବ୍ରେରୀ ବନାଇଥିଲେ ଓ ସେଥିରେ ବହୁତ ଦୁର୍ଲଭ ପୁସ୍ତକ ଗୁଡିକ ରଖିଥିଲେ । ତାଙ୍କୁ ପଢ଼ିବାର ବହୁତ ସଉକ୍ ଥିଲା । କୌଣସି ଶିକ୍ଷାର୍ଥୀ ଯଦି କେବେ କୌଣସି ବିଭାଗରେ ମାର୍ଗଦର୍ଶନ ନିମନ୍ତେ ତାଙ୍କ ପାଖକୁ ଆସୁଥିଲା ତେବେ ସେ ତାକୁ ବହୁତ ଭଲ ଜ୍ଞାନ ପ୍ରଦାନ କରୁଥିଲେ । ହଦିସ୍‌ର ଗୁରୁତ୍ୱପୁର୍ଣ୍ଣ ଓ ବୁନିଆଦି ପୁସ୍ତକ ଗୁଡିକର ସେଟ୍ ମଧ୍ୟ ତାଙ୍କ ନିକଟରେ ଥିଲା, ସେଗୁଡିକୁ ସେ ବିଭିନ୍ନ ପୁସ୍ତକାଳୟରୁ ଆଣି ଏକାଠି କରି ରଖିଥିଲେ ।

୧୯୫୫ ମସିହାରେ ସେ ଯେତେବେଳେ ଜୀବନ ଉତ୍ସର୍ଗ କଲେ ଓ ନିଜକୁ (ସେବା କରିବା ପାଇଁ) ପେଶ୍ କଲେ ସେ ସମୟରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ତାଙ୍କ ବିଷୟରେ କହିଛନ୍ତି କି ''ମୁଁ ଜମାତ୍‌ରେ ଯେଉଁ ୱକ୍‌ଫ୍‌ର ତହ୍‌ରୀକ୍ ଆରମ୍ଭ କରିଛି ସେଥିରେ ମୋ ନିକଟକୁ ତିନିଗୋଟି ଦରଖାସ୍ତ ଆସିଛି । ଗୋଟିଏ ହେଉଛି ମୋ ନାତୀ ମିର୍ଜା ଅନସ୍ ଅହେମଦ୍‌ଙ୍କର ଯିଏ ଅଜିଜମ୍ ମିର୍ଜା ନାସର୍ ଅହେମଦ୍‌ଙ୍କର ସୁପୁତ୍ର ଅଟନ୍ତି । ଅଲ୍ଲାଃତାଲା ତାଙ୍କର ନିୟତ୍‌କୁ ପୁରା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ'' । ଏବଂ ''ଅନସ୍ ଅହେମଦ୍ ଲେଖିଛନ୍ତି କି ମୋର ଏ ଇଛା ଥିଲା କି ମୁଁ କାନୁନ୍ (LAW) ପାଠ ଶେଷ କରି ନିଜର ଜୀବନକୁ ୱକ୍‌ଫ୍ (ଉତ୍ସର୍ଗ) କରିବି ବୋଲି । କିନ୍ତୁ ଯେଉଁଠି ଚାହିଁବେ ମୋତେ କାମରେ ଲଗାଇପାରିବେ । ମୁଁ ପ୍ରସ୍ତୁତ ଅଛି'' । (ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୩୬, ପୃଷ୍ଠା-୧୯୪, ଖୁତ୍‌ବାଜୁମା, ପ୍ରଦତ ୧୪ ଅକ୍ଟୋବର୍ ୧୯୫୫)

ଅଲ୍ଲାଃଙ୍କ ଫଜଲ୍‌ରୁ ୫୬ବର୍ଷ ପର୍ଯ୍ୟନ୍ତ ତାଙ୍କୁ ଜମାତ୍‌ର ବିଭିନ୍ନ କାର୍ଯ୍ୟାଳୟରେ ଖିଦ୍‌ମତ୍ କରିବା ପାଇଁ ସୌଭାଗ୍ୟ ମିଳିଲା । ତାଙ୍କର ପ୍ରାଥମିକ ନିଯୁକ୍ତି ଜଣେ ଲେକ୍‌ଚର୍ ରୂପେ ତାଲିମୁଲ୍ ଇସ୍‌ଲାମ୍ କଲେଜ୍‌ରେ ହେଲା । ପୁଣି ୧୯୭୫ ମସିହାରେ ନାଏବ୍ ନାଜିର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ରୂପେ ନିଯୁକ୍ତି ପାଇଲେ । ପୁଣି ଏଡିଶିନାଲ୍ ନାଜିର୍ ଇସ୍‌ଲାହ୍ ଇର୍‌ଶାଦ୍ ହେଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ଏବଂ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃଙ୍କ ପ୍ରଥମ ୟୁରୋପ ଗସ୍ତ ସମୟରେ ସେମାନଙ୍କର ପ୍ରାଇଭେଟ୍ ସେକ୍ରେଟାରୀ ମଧ୍ୟ ରହିଛନ୍ତି । ଜମାତ୍ ଅହେମଦୀୟାର ଆଡ୍‌ମିନିଷ୍ଟ୍ରେଟର୍ ରୂପେ ମଧ୍ୟ ସେ ସେବା କରିବାର ସୌଭାଗ୍ୟ ପାଇଛନ୍ତି । କିଛି ବର୍ଷ ସେ ନାଜର୍ ତାଲିମ୍ ମଧ୍ୟ ହୋଇଛନ୍ତି । ନାଏବ୍ ନାଜିର୍ ଦିୱାନ୍ ରୂପେ କାର୍ଯ୍ୟ କରିଛନ୍ତି । ବର୍ତମାନ ସେ ତହ୍‌ରୀକ୍ ଯଦିଦ୍‌ରେ ୱକିଲୁଲ୍ ଇଶାଅତ୍ ରୂପେ କାର୍ଯ୍ୟ କରୁଥିଲେ । ସେ ପ୍ରଥମେ ୱକିଲୁଲ୍ ତସ୍‌ନିଫ୍ ଥିଲେ । ପୁଣି ମାର୍ଚ୍ଚ୍ ୧୯୯୯ ମସିହାରେ ୱକିଲୁଲ୍ ଇଶାଅତ୍ ରୂପେ ନିଯୁକ୍ତି ପାଇଲେ ଏବଂ ୯୭ ମସିହାରେ ଯଦିଚ ତାଙ୍କର ବୟସ ହୋଇଯାଇଥିବା ଯୋଗୁ ସେ ରିଟାର୍ଡ୍ କରିସାରିଥିଲେ କିନ୍ତୁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ତାଙ୍କୁ ସେବା କରିବା ପାଇଁ ସୌଭାଗ୍ୟ ମିଳିଲା । ଖୁଦାମୁଲ୍ ଅହେମଦୀୟା, ଅନ୍‌ସାରୁଲ୍ଲାଃ ମର୍କଜିୟାରେ ମଧ୍ୟ ତାଙ୍କୁ ବିଭିନ୍ନ ଖିଦ୍‌ମତ୍ କରିବା ପାଇଁ ସୌଭାଗ୍ୟ ମିଳିଛି । ବରାହିନେ ଅହେମଦୀୟା ଏବଂ ମେହ୍‌ମୁଦ୍ କି ଆମିନ୍‌ର ଇଂରାଜୀ ଅନୁବାଦ ମଧ୍ୟ ସେ କରିଛନ୍ତି ଯାହା ପ୍ରକାଶ ହୋଇସାରିଛି । ଆଜିକାଲି ସୁର୍‌ମା ଚଶ୍‌ମା ଆରିୟା, ଅଜାଲାଏ ଅଓହାମ୍ ଏବଂ ଦୁର୍‌ରେ ସମୀନ୍‌ର ଇଂରାଜୀ ଅନୁବାଦର ପ୍ରୁଫ୍ ରିଡିଙ୍ଗ୍ କାର୍ଯ୍ୟ କରୁଥିଲେ । ନାସିର୍ ଫାଉଣ୍ଡେସନ୍ ଅନ୍ତର୍ଗତ ଆମର ଯେଉଁ ସ୍କୁଲ୍ ଆରମ୍ଭ କରାଯାଇଥିଲା ସେ ତାର ଚେୟାରମ୍ୟାନ୍ ରୂପେ ମଧ୍ୟ କାର୍ଯ୍ୟ କରିଛନ୍ତି । ମଜ୍‌ଲିସ୍ ଇଫ୍‌ତାଆର ମେମ୍ବର୍ ମଧ୍ୟ ଥିଲେ । ନୁର୍ ଫାଉଣ୍ଡେସନ୍ ବୋର୍ଡ୍‌ର ମଧ୍ୟ ମେମ୍ବର୍ ଥିଲେ । ନୁର୍ ଫାଉଣ୍ଡେସନ୍ ଏଥିପାଇଁ ପ୍ରତିଷ୍ଠା କରାଯାଇଥିଲା କି ହଦିସ୍‌ର ଯେଉଁ ପୁସ୍ତକ ଗୁଡିକ ରହିଛି ସେଗୁଡିକୁ ଜମାତି ସ୍ତରରେ ପ୍ରକାଶ କରାଯାଉ ଏବଂ ସେଗୁଡିକର ଅନୁବାଦ ଓ ବ୍ୟାଖ୍ୟା ମଧ୍ୟ ଲେଖାଯାଉ । ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍‌ର ଉର୍ଦ୍ଦୁ ଅନୁବାଦ ସେ କରୁଥିଲେ ।

ପାର୍ଟିସନ୍ (ଦେଶ ବିଭାଜନ)ବେଳେ ଯେତେବେଳେ କାଦିଆନ୍‌ରୁ ହିଜ୍‌ରତ୍ କରାଗଲା ସେତେବେଳେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ତାଙ୍କର ଗୋଟିଏ ଘଟଣା ବିଷୟରେ ବର୍ଣ୍ଣନା କରିଛନ୍ତି । ଏହା ଏକ ଐତିହାସିକ ଘଟଣା ଯେଉଁଥିରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ନିଜର କୁର୍ବାନୀ ଦେଇଥିଲେ ସେ ସମ୍ବନ୍ଧିତ ଅଛି କିନ୍ତୁ ତାଙ୍କର ଚର୍ଚ୍ଚା ମଝିରେ ଆସିଯାଇଛି । ସେଇଥିପାଇଁ ମୁଁ ଶୁଣାଇ ଦେଉଛି । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ କହୁଛନ୍ତି ଯେ ଯେତେବେଳେ ଆମେ କାଦିଆନ୍‌ରୁ (ହିଜ୍‌ରତ୍) କରି ଆସିଲୁ । ସେତେବେଳେ ମୁଁ ମୋ ଘର ଲୋକମାନଙ୍କୁ ଏକଥା କହିଥିଲି କି ତୁମମାନଙ୍କୁ ଲଙ୍ଗର୍‌ରୁ ସେତିକି ଖାଦ୍ୟ ମିଳିବ ଯେତିକି ମାତ୍ରାରେ ଅନ୍ୟମାନଙ୍କୁ ମିଳୁଅଛି (କାରଣ ଅବସ୍ଥା ଖରାପ ଥିଲା, ସେଇଥିପାଇଁ ରାସନ୍ ପାଣି କମ୍ ଥିଲା) । ପୁଣି କହୁଛନ୍ତି ଯେ ସେହି ଦିନ ଗୁଡିକରେ ମୁଁ ଏ ନିର୍ଦ୍ଦେଶ ଦେଇଥିଲି କି ଆର୍ଥିକ ସଙ୍କଟ ଯୋଗୁଁ କେବଳ ଗୋଟିଏ ଗୋଟିଏ ରୋଟି ମୁଣ୍ଡପିଛା ମିଳିବ ଓ ନିଜ ଘରର ଲୋକମାନଙ୍କୁ ମଧ୍ୟ ମୁଁ ଏକଥା ଶୁଣାଇ ଦେଇଥିଲି ଯେ ତୁମମାନଙ୍କୁ ମଧ୍ୟ ଗୋଟିଏ ଗୋଟିଏ ରୋଟି ମୁଣ୍ଡପିଛା ମିଳିବ । (ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍) କହୁଛନ୍ତି ଦିନେ ମୋ ନାତି ଅନସ୍ ଅହେମଦ୍ କାନ୍ଦି କାନ୍ଦି ମୋ ପାଖକୁ ଆସି କହିଲା କି ଗୋଟିଏ ରୋଟିରେ ମୋ ପେଟ ପୁରୁନାହିଁ । ଏହା ଶୁଣି ମୁଁ କହିଲି ଯେ ମୁଁ ତ ଗୋଟିଏ ରୋଟି ହିଁ ଦେବି । ଯଦି ୟା ପେଟ ଗୋଟିଏ ରୋଟିରେ ପୁରୁନାହିଁ ତେବେ ପୁଣି ତୁମେମାନେ ମୋତେ ଫାଳେ ରୋଟି ଦେଇଦିଅ, ଆଉ ଫାଳେ ରୋଟି ତାକୁ (ଅନସ୍‌କୁ) ଦେଇଦିଅ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ପୁଣି କହିଲେ- ଏହିପରି ମୁଁ ଅଧାରୋଟି ଖାଇ କାମ ଚଳେଇନେବି ଓ ସେ ଦେଢ଼ଟା ରୋଟି ଖାଇନେବ । (ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ) କହୁଛନ୍ତି କି ଯେତେବେଳେ ଅତିଥିମାନଙ୍କ ପାଇଁ ଗୋଟିଏ ରୋଟି ଦେବାର ସର୍ତ ଶେଷ ହୋଇଯିବ ତେବେ ପୁଣି ମୁଁ ମୋ ଘରର ଲୋକମାନଙ୍କ ପାଇଁ ମଧ୍ୟ ମୁଣ୍ଡପିଛା ରୋଟିର ସଂଖ୍ୟାକୁ ବଢ଼ାଇଦେବି କିନ୍ତୁ ଯେପର୍ଯ୍ୟନ୍ତ ଅତିଥିମାନଙ୍କ ପାଇଁ ଗୋଟିଏ ରୋଟି ମିଳିବାର ସର୍ତ ନ ଉଠିଛି ସେ ପର୍ଯ୍ୟନ୍ତ ମୋ ରୋଟିର ଅଧା ଭାଗ (ତାକୁ) ଦେଇଦିଅନ୍ତୁ । (ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ) କହୁଛନ୍ତି ପୁଣି ପରେ ଅଲ୍ଲାଃତାଲା ଦୟା କଲେ ନା କେବଳ ସିନ୍ଧ୍‌ର ଜମିରୁ ଭଲ ଫସଲ ମିଳିଲା ବରଂ ଖୁଦାତାଲା ଆମଦାନୀର ଆହୁରି ଅନେକ ମାର୍ଗ ଉନ୍ମୁକ୍ତ କରିଦେଲେ । ଏହିପରି ଉକ୍ତ ଆର୍ଥିକ ଅନାଟନ ଦୂର ହୋଇଗଲା ।

*(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୩୭, ପୃଷ୍ଠା-୫୩, ଖୁତ୍‌ବାଜୁମା, ପ୍ରଦତ-୦୩ ଫେବୃୟାରୀ ୧୯୫୬)*

ତାଙ୍କ ଜ୍ୱାଇଁ ମିର୍ଜା ଓ୍ୱହିଦ୍ ଅହେମଦ୍ ସାହେବ୍ ଲେଖୁଛନ୍ତି କି ଏକଦା ମୁଁ ବୁଖାରା ଓ ସମର୍‌କନ୍ଦ୍ ଯାତ୍ରାରେ ବାହାରୁଥିଲି । ସେ ସମୟରେ ମିର୍ଜା ଅନସ୍ ଅହେମଦ୍ ସାହେବ୍ ମୋତେ କହିଲେ କି ଯଦି ତୁମେ ସେଠାକୁ ଯାଉଛ ତେବେ ଇମାମ୍ ବୁଖାରୀ ରହେମୁଲ୍ଲାଃଙ୍କ କବର ନିକଟକୁ ମଧ୍ୟ ଯିବ ଓ ମୋ ତରଫରୁ ମଧ୍ୟ ଦୁଆ କରିବ ଓ ମୋର ସଲାମ୍ ପହଂଚାଇବ । ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ତାଙ୍କର ପ୍ରେମଭାବ ଥିବା ଯୋଗୁଁ ସେ ସେହି ବ୍ୟକ୍ତିଙ୍କୁ ପ୍ରେମ କରୁଥିଲେ ଯିଏ ଶହଶହ ବର୍ଷ ପୂର୍ବେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶାବଳୀ ଏବଂ ଘଟଣାବଳୀ ଗୁଡିକର ସମ୍ପତି ଏକତ୍ରିତ କରି ଆମ ପର୍ଯ୍ୟନ୍ତ ପହଂଚାଇଛନ୍ତି । ତେଣୁ ତାଙ୍କର ଏ ହକ୍ ଅଛି କି ଆମେ ତାଙ୍କ ପାଇଁ ଦୁଆ କରିବା ଏବଂ ତାଙ୍କୁ ସଲାମ୍ ପହଂଚାଇବା ।

ଡାକ୍ତର ନୁରୀ ସାହେବ୍ ଲେଖୁଛନ୍ତି କି ତାଙ୍କ ସହିତ ମୋର ଯେଉଁ ଅନୁଭବ ରହିଛି ଏବଂ ବହୁ ସମୟ ପର୍ଯ୍ୟନ୍ତ ତାଙ୍କୁ ମୋତେ ଦେଖିବାର ଅବସର ମିଳିଛି ଯେ ଯେଉଁ କାମ ତାଙ୍କୁ ଦିଆଯାଉଥିଲା ଯେ ଉକ୍ତ କାର୍ଯ୍ୟଗୁଡିକୁ ବହୁତ ମନଧ୍ୟାନ ଦେଇ ଉତ୍ସାହର ସହିତ ସମ୍ପୂର୍ଣ୍ଣ କରୁଥିଲେ । ଅତ୍ୟନ୍ତ ପରିଶ୍ରମ ଓ ମନଧ୍ୟାନ ଦେଇ ନିଜ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ସମ୍ପାଦନ କରୁଥିଲେ । କହୁଛନ୍ତି- ଦୁର୍ବଳତା ଏବଂ ବେମାର ହେବା ସତ୍ୱେ ମଧ୍ୟ ମୁଁ ତାଙ୍କୁ ଲାପ୍‌ଟପ୍ ଉପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡିକୁ ଅନୁବାଦ କରୁଥିବାର ଦେଖିଛି । ଘଂଟା ଘଂଟା ଧରି କମ୍ପ୍ୟୁଟର୍‌ରେ ଟାଇପ୍ କରନ୍ତି ଓ ତାଙ୍କର ସାଥିମାନେ ପବିତ୍ର କୋରାନ୍ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡିକର ହୱାଲା ଗୁଡିକ ନେଇ ତାଙ୍କ ନିକଟରେ ଛିଡା ହୋଇଥାନ୍ତି । ସେ ଅଧିକାଂଶ ସମୟ ଏହା କହୁଥିଲେ କି ମୋର ଆନ୍ତରିକ ଇଛା ତ କେବଳ ଏତିକି କି ଯେଉଁ କାର୍ଯ୍ୟ ଖଲିଫା ମୋଠାରେ ନ୍ୟସ୍ତ କରିଛନ୍ତି ମୁଁ ଅଲ୍ଲାଃତାଲାଙ୍କ ସାହାଯ୍ୟ ଦ୍ୱାରା ତାକୁ ପୁରା କରିପାରିବି । ନୁରି ସାହେବ୍ ଲେଖୁଛନ୍ତି କି ତାଙ୍କର ସ୍ମରଣ ଶକ୍ତି ମଧ୍ୟ ଅତ୍ୟନ୍ତ ପ୍ରଶଂସନୀୟ ଥିଲା । ସେ ଆଁ ହଜ୍‌ରତ୍ ସ:ଆ:ସ ଏବଂ ହଦିସ୍ ଗୁଡିକର ସଚ୍ଚା ପ୍ରେମୀ ଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଖଲିଫାମାନଙ୍କର ଘଟଣାବଳୀ ଗୁଡିକୁ ସେ ଏଭଳି ଉତ୍ସାହିତ ଓ ଅତ୍ୟନ୍ତ ସୁନ୍ଦର ଶୈଳୀରେ ବର୍ଣ୍ଣନା କରନ୍ତି ଯେ ଶୁଣିବା ବାଲାର ହୃଦୟ ମୋହି ନିଅନ୍ତି ଏବଂ ଘଟଣାବଳୀ ଗୁଡିକ ବର୍ଣ୍ଣନା କରିବା ବେଳେ ତାଙ୍କର ଆଖି ଭିଜିଯାଏ ଏବଂ ଶବ୍ଦଗୁଡିକ ଭାରିହୋଇ ବସିଯାଇଥାଏ ।

ତାଙ୍କ ନିକଟରେ ମଧ୍ୟ ବହୁତ ଧୈର୍ଯ୍ୟ ଥିଲା । ନୁରୀ ସାହେବ୍ ଲେଖୁଛନ୍ତି କି ପ୍ରତ୍ୟେକ ପ୍ରକାରର କଠିନ ଅବସ୍ଥାରେ ସେ ସର୍ବଦା ଧୈର୍ଯ୍ୟ ଓ ସାହସ ଦେଖାଇଛନ୍ତି । ସାହସିକତାର ସହିତ ସବୁ ପ୍ରକାରର ଅସୁବିଧାକୁ ବର୍‌ଦାସ୍ତ କରିଛନ୍ତି । ବେମାର ଯୋଗୁ ଗୋଟିଏ କପ୍ ଚା ମଧ୍ୟ ଉଠାଇବାର ଶକ୍ତି ପାଉନଥିଲେ ଏବଂ ନା ହିଁ ବିଛଣାରେ କଡ ଲେଉଟାଇ ପାରୁଥିଲେ । କିନ୍ତୁ ଏହା ସତ୍ୱେ ମଧ୍ୟ ସେ ସର୍ବଦା ନିଜର କାର୍ଯ୍ୟକୁ ଜାରି ରଖିଥିଲେ ଓ ବହୁତ କଷ୍ଟ ଓ ପରିଶ୍ରମ ଦ୍ୱାରା ନିଜର ଦାୟିତ୍ୱକୁ ନିର୍ବାହ କରୁଥିଲେ ଏବଂ କଦାପି କୌଣସି ଅଭିଯୋଗର ମୌକା ଦେଉନଥିଲେ । ବରଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତାରେ ରାଜି ରହୁଥିଲେ । ନୁରୀ ସାହେବ୍ କହୁଛନ୍ତି କି ଯିଏ ତାଙ୍କ ପାଖକୁ ସାକ୍ଷାତ୍ କରିବା ପାଇଁ ଆସୁଥିଲା ତାଙ୍କ ସହିତ ସେ ଖୁସି ହୋଇ ଓ ହସହସ ମୁହଁରେ ମିଳୁଥିଲେ । ଏହା ତାଙ୍କର ଏକ ବହୁତ ବଡ ବିଶେଷ ଚରିତ୍ର ଥିଲା । ତାହେର୍ ହାର୍ଟ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଆଡ୍‌ମିଟ୍ ହେବାର ଗୋଟିଏ ଦିନ ପୂର୍ବେ ସେ ମୋ ସହିତ ସାକ୍ଷାତ୍ କରିବା ପାଇଁ ଆସଲେ । ବେମାର ହୋଇଥିବା ଯୋଗୁ ତାଙ୍କୁ ଚେହେରାରେ ଭୀଷଣ ଦରଦ ଅନୁଭବ ହେଉଥିଲା । ଏହା ସତ୍ୱେ ମଧ୍ୟ ସେ ହସିହସି କହୁଥିଲେ ଯେ ମୁଁ ଭାବୁଛି କି ମୋ ଶେଷ ସମୟ ନିକଟତର ଓ ମୁଁ ନିଜ ପାଳନକର୍ତ୍ତାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଯାଉଅଛି । ଏକଥା ସେ ବହୁତ ହସହସ ଚେହେରାର ସହିତ କହିଲେ ।

ପୁରି ନୁରୀ ସାହେବ୍ ତାଙ୍କ କୃତଜ୍ଞତା ଜ୍ଞାପନ ସମ୍ବନ୍ଧରେ ଲେଖୁଛନ୍ତି କି କୃତଜ୍ଞତା ଜ୍ଞାପନ କରିବାର ଗୁଣ ତାଙ୍କଠାରେ ବହୁମାତ୍ରାରେ ଭରି ରହିଥିଲା । କହୁଛନ୍ତି- ଦୁଇଟି ଅବସରରେ ସେ ବହୁତ ଏହ୍‌ସାନ୍ କରି ମୋତେ କହିଲେ କି ଆପଣ ଯେପରି ନିଷ୍ଠାର ସହିତ ମୋ ଉପରେ ଅନୁଗ୍ରହ କରିଛନ୍ତି, ମୋ ବେମାର ଅବସ୍ଥାରେ ମୋର ଯେଉଁ ସେବା କରିଛନ୍ତି ମୁଁ ତାର ମୂଲ୍ୟ କେବେ ଦେଇପାରିବି ନାହିଁ ଓ ଏହି ମନୋଭାବକୁ ବ୍ୟକ୍ତ କରି ନୁରୀ ସାହେବ୍ କହୁଛନ୍ତି ସେ ମୋତେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ଙ୍କର ଉକ୍ତ ଡାଇରି ପ୍ରଦାନ କଲେ ଯେଉଁଥିରେ ହଜୁର୍ ରହେମୁଲ୍ଲାଃ ନିଜର ସ୍ୱପ୍ନ ଇତ୍ୟାଦି ଲେଖିଥିଲେ । ସେହିପରି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍‌ଙ୍କର ଗୋଟିଏ କୋର୍ଟ୍ ମଧ୍ୟ ମୋତେ ଦେଲେ । ଏହିପରି ମେଡିକାଲ୍ ଟିମ୍ ସହିତ ମଧ୍ୟ ବହୁତ ସ୍ନେହର ସହିତ ବ୍ୟବହାର କରିଛନ୍ତି । (ହଜୁର୍ ଅନୁୱର୍ କହୁଛନ୍ତି) ମୁଁ ତାଙ୍କ କୋଠରୀରେ ଥିବା ଲାଇବ୍ରେରୀକୁ ମଧ୍ୟ ଦେଖିଛି । ନୁରୀ ସାହେବ୍ ଲେଖିଛନ୍ତି କି ସବୁତକ କାନ୍ଥ ଓ କାନ୍ଥରେ ଲଗାଯାଇଥିବା ଥାକରେ ଚଟାଣରୁ ଛାତ ପର୍ଯ୍ୟନ୍ତ ପୁସ୍ତକରେ ପରିପୂର୍ଣ୍ଣ ରହିଥିଲା ଏବଂ ସେଥିରେ ବିଭିନ୍ନ ପ୍ରକାରର ବିଜ୍ଞାନ ସମ୍ବନ୍ଧୀୟ, ଅର୍ଥ ସମ୍ବନ୍ଧୀୟ ଏବଂ ବିଭିନ୍ନ ପ୍ରକାରର ବିଷୟ ସମ୍ବଳିତ ପୁସ୍ତକ ଗୁଡିକ ଭରି ରହିଥିଲା । ସେ ସମ୍ବନ୍ଧରେ ସେ କହୁଛନ୍ତି କି ସେ ସବୁକୁ ମୁଁ ନିଜେ ମଧ୍ୟ ପଢ଼ିଛି ।

ମୀର୍ ଦାଉଦ୍ ଅହେମଦ୍ ସାହେବ୍ ମରହୁମ୍‌ଙ୍କ ଝିଅ ନୁଦ୍‌ରତ୍ ସାହିବା କହୁଛନ୍ତି କି ତାଙ୍କ ଦେହାନ୍ତ ବିଷୟରେ ଶୁଣି ବହୁତ ପୁରୁଣା କଥା ମୋ ମନ ଭିତରେ ଆସିଗଲା । ଏବଂ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃଙ୍କ ସ୍ମୃତି ତାଜା ହୋଇଗଲା । ସେ କହୁଛନ୍ତି- ମୋ ଝିଅର ବିଭାଘର ଥିଲା । ଏ ସମସ୍ତ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ପାଇଁ ସମୟ ପୂର୍ବରୁ ଟେଂଟ୍ ଭିତରକୁ ଦେଖିବା ପାଇଁ ଗଲି । ସେଠାରେ ଦେଖିଲି ଭାଇ ଅନସ୍ ପୂର୍ବରୁ ସେଠି ବସିଥିଲେ । ଏବଂ ବସି କାନ୍ଦୁଥିଲେ । ମୁଁ ଆଶ୍ଚର୍ଯ୍ୟ ହୋଇଗଲି କି ସେ ଏଠାକୁ ଏତେ ଶିଘ୍ର କାହିଁକି ଆସିଛନ୍ତି । ସେ ମୋତେ ଦେଖି ବତାଇଲେ ଯେ ଆଜି ମୋତେ ତୁମ ବାପା ମୀର୍ ଦାଉଦ୍ ଅହେମଦ୍ ସାହେବ୍ ମରହୁମ୍ ଖୁବ୍ ମନେ ପଡୁଥିଲେ । ତେଣୁ ମୁଁ ଏଠାକୁ ଆସି ତୁମପାଇଁ ଦୁଆ କରୁଥିଲି ।

ତାଙ୍କ ଭଣଜା ଆମୀର୍ ଅହେମଦ୍ ଲେଖୁଛନ୍ତି କି ସୁଖ ଦୁଃଖରେ ଜଣେ ପ୍ରେମ କରୁଥିବା ବାପା ସଦୃଶ ସେ ଉପସ୍ଥିତ ରହିଲେ ପ୍ରତ୍ୟେକ ଘରେ ଛୋଟ ବଡ କଥା ଘଟିଥାଏ କିନ୍ତୁ ସେ ଏପରି କ୍ଷମା କରିଦେଉଥିଲେ ଯେପରି କେବେ କିଛି ହୋଇନାହିଁ ବରଂ ଯଦି ଏକଥା ଅନୁଭବ କରୁଥିଲେ କି ମୋର କୌଣସି ଉପଦେଶ ଯୋଗୁ କାହାକୁ ଦୁଃଖ ତ ପହଂଚୁନାହିଁ । ତେଣୁ ସେହି ପୁଣ୍ୟ ଉପଦେଶ ଦେବା ସତ୍ୱେ ମଧ୍ୟ ତା ପରଦିନ ନିଜେ ଯାଇ ଦୁଃଖ ପ୍ରକାଶ କରୁଥିଲେ ଓ କ୍ଷମା ମାଗୁଥିଲେ ।

ମୁନିରୁଦ୍ଦିନ୍ ଶମ୍‌ସ୍ ସାହେବ୍ ଏଡିଶିନାଲ୍ ଓ୍ୱକିଲୁଲ୍ ତସନିଫ୍ କହୁଛନ୍ତି କି ତାଙ୍କ ସହିତ ମୋର ଅନେକ ବୈଠକ ହୋଇଛି । ମୁଁ ତାଙ୍କୁ ସର୍ବଦା ସହାନୁଭୁତି ଶୀଳ ଓ ସ୍ନେହଶୀଳ ରୂପେ ପାଇଛି । ସେ ବୟସରେ ମୋଠାରୁ ବହୁତ ବଡ ହେବା ସତ୍ୱେ ମଧ୍ୟ କଦାପି ନିଜ ବୟସର ନା ନିଜ ଜ୍ଞାନର ବଡିମା ପ୍ରକାଶ କରିନାହାଁନ୍ତି । ମୁନିରୁଦ୍ଦିନ୍ ସାହେବ୍ କହୁଛନ୍ତି କି ଯେବେଠାରୁ ମିଆଁ ସାହେବ୍‌ଙ୍କ ସହିତ ଲେଖାଲେଖି ସମ୍ବନ୍ଧୀୟ କାର୍ଯ୍ୟ ସିଲ୍‌ସିଲାରେ ମୁଁ ଯୋଗଦେଇଛି ମୁଁ ତାଙ୍କୁ ବହୁତ ସାହାଯ୍ୟକାରୀ, ମାର୍ଗଦର୍ଶକ ଓ ସହଯୋଗ କରୁଥିବା ବ୍ୟକ୍ତି ରୂପେ ପାଇଛି । ଯେବେ ମଧ୍ୟ ତାଙ୍କୁ କୌଣସି କାମ ଦିଆଯାଇଛି ସେ ଅତ୍ୟନ୍ତ ପରିଶ୍ରମ ଓ କର୍ତବ୍ୟ ନିଷ୍ଠାର ସହିତ ନିର୍ବାହ କରିଛନ୍ତି ବରଂ ସେ ସର୍ବଦା ଏକଥା କହୁଥିଲେ କି ଆହୁରି ଅଧିକା କାମ ଦିଅନ୍ତୁ । ଫଳତଃ ବେମାର ରହିବା ଅବସ୍ଥାରେ ଯଥାସମ୍ଭବ ଯେତେ ଅଧିକା କାର୍ଯ୍ୟ ଭଲ ରୂପେ କରିପାରିବି । ଖିଲାଫତ୍ ସହିତ ଅତ୍ୟନ୍ତ ନିଷ୍ଠା ଓ ଭକ୍ତିଭାବର ସମ୍ବନ୍ଧ ଥିଲା । ଏବଂ ଅଧିକାଂଶ ସମୟ ଯେବେ ମଧ୍ୟ କାମ ସମ୍ବନ୍ଧରେ କଥା ହୁଏ ସେତେବେଳେ ସେ ଏକଥା କୁହନ୍ତି କି ମୋର ସଲାମ୍ କହିବ । (ହଜୁର୍ ଅନୁୱର୍ କହୁଛନ୍ତି) ମୋ ପାଖକୁ ସଲାମ୍ ପଠାଉଥିଲେ ଓ ପ୍ରତ୍ୟେକ ଥର ପଚାରୁଥିଲେ କି ମୋ କାମ ଯୋଗୁ କିଛି ନାରାଜ ତ ନାହାଁନ୍ତି । ସବୁବେଳେ ତାଙ୍କର ଏ ଚିନ୍ତା ରହୁଥିଲା ଯେ ଖଲିଫା ତାଙ୍କଠାରୁ ନାରାଜ ନହୋଇଯାଆନ୍ତୁ । ଶମସ୍ ସାହେବ୍ ଲେଖୁଛନ୍ତି କି ରୋଗରେ ପଡିବା ସତ୍ୱେ ମଧ୍ୟ ଯେବେ ମଧ୍ୟ ମୋ ତରଫରୁ ତାଙ୍କୁ କୌଣସି କାର୍ଯ୍ୟ ଦିଆଯାଇଛି । ସେ ଅତ୍ୟନ୍ତ ଖୁସିର ସହିତ ଯଥାଶିଘ୍ର କାର୍ଯ୍ୟ ସମ୍ପାଦନ କରିବା ପାଇଁ ଚେଷ୍ଟା କରୁଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର କିଛି ପୁସ୍ତକ ଗୁଡିକୁ ଇଂରାଜୀରେ ଅନୁବାଦ କରିବା ସମ୍ବନ୍ଧରେ ସେ ଅତ୍ୟନ୍ତ ପ୍ରଶଂସନୀୟ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ବରାହିନେ ଅହେମଦୀୟାର କିଛି ଭାଗକୁ ସେ ବହୁତ ସୁନ୍ଦର ଅନୁବାଦ କରିବାର ସୌଭାଗ୍ୟ ପାଇଛନ୍ତି । କହୁଛନ୍ତି- ଅନୁବାଦକୁ ଫାଇନାଲ୍ କରିବା ପାଇଁ ଆମର ଯେଉଁ ଟିମ୍ ଥିଲା ତାଙ୍କ ରାୟକୁ ମଧ୍ୟ ସେ ଦୃଷ୍ଟିରେ ରଖୁଥିଲେ । ଯେବେ କୌଣସି ନିର୍ଦ୍ଦେଶ ଦିଆଯାଉଥିଲା (ହଜୁର୍ ଅନୁୱର୍ କହୁଛନ୍ତି) ମୋ ତରଫରୁ ଯେବେ କୌଣସି ନିର୍ଦ୍ଦେଶ ତାଙ୍କୁ ଦିଆଯାଉଥିଲା, ଓ୍ୱକାଲତ୍ ତସନିଫ୍ ତାଙ୍କୁ ପହଂଚାଇ ଦେଉଥିଲେ। କି ଏକଥା ଖଲିଫାଏ ଓ୍ୱକ୍ତ କହିଛନ୍ତି ଏ ସମ୍ବନ୍ଧରେ ନିଜର ରାୟ ଦିଅନ୍ତୁ । ଏଥିରେ ସେ ବହୁତ ଠୋସ୍ ଓ ଦଲିଲ୍ ସମ୍ପନ୍ନ ରାୟ ପଠାଉଥିଲେ । ସେ ଯାହାହେଉ ସେ ଜଣେ ଜ୍ଞାନୀ ଥିଲେ ଓ ତାଙ୍କ ଜ୍ଞାନ ବହୁତ ଗଭୀର ଥିଲା । ଜମାତ୍ ଏବେ ସେହି ଜ୍ଞାନରୁ ବଂଚିତ । ଅଲ୍ଲାଃତାଲା ଆହୁରି (ସେହିଭଳି) ଅନେକ ଜ୍ଞାନୀ ସୃଷ୍ଟି କରନ୍ତୁ ।

ତାଙ୍କର ଏକ ସୁଗୁଣ ସମ୍ବନ୍ଧରେ ପ୍ରତ୍ୟେକ ବ୍ୟକ୍ତି ଲେଖିଛନ୍ତି, ଅନେକ ମୁବଲିଗ୍ ମଧ୍ୟ ଲେଖିଛନ୍ତି ଏବଂ ଶମସ୍ ସାହେବ୍ ମଧ୍ୟ ଲେଖିଛନ୍ତି କି ସେ ମୁବଲିଗ୍ ମାନଙ୍କର ବହୁତ ସମ୍ମାନ କରୁଥିଲେ । ଏହା ତାଙ୍କର ବହୁତ ବଡ ଭଲ ଗୁଣ ଥିଲା ଏବଂ ସେ ଜ୍ଞାନ ସମ୍ବନ୍ଧରେ ମାର୍ଗଦର୍ଶନ ମଧ୍ୟ କରୁଥିଲେ । ହାଫିଜ୍ ମୋଜଫର୍ ଅହେମଦ୍ ସାହେବ୍ ଏଡିଶିନାଲ୍ ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମୋକାମି (ସ୍ଥାନୀୟ) ରବ୍‌ୱା କହୁଛନ୍ତି କି ମିଆ ସାହେବ୍ ଅନେକ ସୁଗୁଣର ମାଲିକ ଥିଲେ । ଇଶ୍ୱରପ୍ରେମୀ, ଇଶ୍ୱର ପିପାଶୁ, କୋରାନ୍ ପ୍ରେମ, ରସୁଲ୍ ପ୍ରେମ, ସାଧାସିଧା, ଅତିଥିପରାୟଣ ଏବଂ ଦୟା ଓ ସ୍ନେହ ତାଙ୍କର ସ୍ୱତନ୍ତ୍ର ଗୁଣ ଥିଲା । ଅଲ୍ଲାଃତାଲାଙ୍କ ଅଧିକାରକୁ ପ୍ରଦାନ କରିବା ସହିତ ଅଲ୍ଲାଃଙ୍କ ସୃଷ୍ଟଜଙ୍କର ମଧ୍ୟ ଧ୍ୟାନ ରଖୁଥିଲେ । ଗରୀବ ଏବଂ ଦରିଦ୍ର ଲୋକମାନଙ୍କର ବହୁତ ଧ୍ୟାନ ରଖୁଥିଲେ । କୌଣସି ଅଭାବୀ ଲୋକକୁ ଖାଲି ହାତରେ ଫେରାଇ ଦେଉନଥିଲେ । ଯଦି ତାଙ୍କୁ କରଜ ନେଇ ସାହାଯ୍ୟ କରିବାକୁ ପଡୁଥିଲା ତେବେ ସେ କରଜ ନେଇ ସାହାଯ୍ୟ କରୁଥିଲେ । ହାଫିଜ୍ ସାହେବ୍ ଲେଖୁଛନ୍ତି କି ସେ ଜଣେ ଅତ୍ୟନ୍ତ ଜ୍ଞାନୀ ବ୍ୟକ୍ତି ଥିଲେ । ଜ୍ଞାନ ଆହରଣ କରିବାର ବିଶେଷ ସଉକ୍ ଥିଲା । ସେଥିପାଇଁ ସେ ବହୁତ ପରିଶ୍ରମ କରିଛନ୍ତି । ହାଫିଜ୍ ସାହେବ୍ କହୁଛନ୍ତି- ସେ ନିଜେ ବୟାନ୍ ଦେଇଛନ୍ତି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡିକର ଅଧ୍ୟୟନ କରି ପ୍ରଥମଥର ଶେଷ କରିବା ସେ ମେଟ୍ରିକ୍ ପରୀକ୍ଷା ପରେ ଅର୍ଥାତ୍ ଦଶମଶ୍ରେଣୀର ପରୀକ୍ଷା ପରେ ଯେଉଁ ଛୁଟି ମିଳିଥାଏ ସେହି ଅବସରରେ ସେ ସମ୍ପୂର୍ଣ୍ଣ କରିଦେଇଥିଲେ । (ହଜୁର୍ ଅନୁୱର୍ କହୁଛନ୍ତି) ଏକଥା ସେ ମୋତେ ମଧ୍ୟ ବତାଇଥିଲେ । ଗୋଟିଏ ଚିଠି ଦ୍ୱାରା ମୋତେ ଲେଖି ପଠଇଥିଲେ ଯେ ମୁଁ ସର୍ବପ୍ରଥମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡିକୁ ପନ୍ଦର ଶୋହଳ ବର୍ଷ ବୟସରେ ହିଁ ପଢ଼ି ଶେଷ କରିଦେଇଥିଲି । ରସୁଲୁଲ୍ଲାଃ ସ:ଆ:ସଙ୍କର ସେ ଜଣେ ସଚ୍ଚା ପ୍ରେମୀ ଥିଲେ । ହାଫିଜ୍ ସାହେବ୍ ଲେଖୁଛନ୍ତି ସେଇଥିଯୋଗୁ ହଦିସ୍ ଜ୍ଞାନ ସହିତ ମଧ୍ୟ ତାଙ୍କର ବିଶେଷ ସଉକ୍ ଥିଲା ବରଂ ପ୍ରେମ ଥିଲା । ସେଥିପାଇଁ ସେ ତାଙ୍କ ନିଜସ୍ୱ ପ୍ରେମ ଓ ଅଧ୍ୟୟନ ଦ୍ୱାରା ସେ ଆରବୀ ଭାଷାରେ ମଧ୍ୟ ଏତେ ଯୋଗ୍ୟତା ଓ ଅଭିଜ୍ଞତା ସୃଷ୍ଟି କରିନେଇଥିଲେ ଯେ ହଦିସ୍ ବ୍ୟତୀତ ସେଗୁଡିକର ଆରବୀ ବ୍ୟାଖ୍ୟା ଇତ୍ୟାଦି ମଧ୍ୟ ସେ ଅଧ୍ୟୟନ କରୁଥିଲେ । ମେଟ୍ରିକ୍ ପରେ ସହି ବୁଖାରୀ ହକିମ୍ ଖୁରଶିଦ୍ ସାହେବ୍‌ଙ୍କଠାରୁ ସେ ପଢ଼ିଲେ । ଏହାପରେ ମଧ୍ୟ ମୁଁ ଦେଖିଛି ଯେ ଯେତେବେଳେ ସେ କଲେଜ୍‌ରେ ଲେକ୍‌ଚର୍ ଦେଉଥିଲେ ସେତେବେଳେ ସକାଳବେଳା କଲେଜ୍ ଯିବା ପୂର୍ବରୁ ହକିମ୍ ସାହେବ୍‌ଙ୍କ ଘର ସମ୍ମୁଖରେ ତାଙ୍କ କାର୍ ଛିଡା ହେଉଥିଲା । ସେଠାରେ ହକିମ୍ ସାହେବ୍‌ଙ୍କ ନିକଟରୁ ହଦିସ୍ ପଢ଼ିବା ପରେ ପୁଣି ସେ ନିଜ କାର୍ଯ୍ୟ ପାଇଁ ବାହାରି ଯାଉଥିଲେ । ପୁଣି କହୁଛନ୍ତି ତା ପରେ ସିହାହ୍ ସିତ୍‌ତା ଏବଂ ଅନ୍ୟାନ୍ୟ ହଦିସ୍‌ର ପୁସ୍ତକ ଗୁଡିକୁ ନିଜସ୍ୱ ସଉକ୍ ଓ ଆଗ୍ରହଦ୍ୱାରା ଅଧ୍ୟୟନ କରିଛନ୍ତି । ସେ ତାଙ୍କ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜଣେ ଛାତ୍ରଭଳି ଥିଲେ । ହଦିସ୍ ପୁସ୍ତକ ଗୁଡିକର ଗୋଟିଏ

ଅତ୍ୟନ୍ତ ସୁନ୍ଦର ଓ ମୂଲ୍ୟବାନ୍ ପୁସ୍ତକ ଗୁଡିକ ସେ ନିଜ ଲାଇବ୍ରେରୀରେ ଏକାଠି କରି ଠୁଳ କରିଛନ୍ତି ଯେଉଁଥିରେ ବହୁତ ଲାଭବାନ ଦୁର୍ଲଭ ପୁସ୍ତକମାନ ମହଜୁଦ୍ ରହିଛି । ଏ ଦୃଷ୍ଟିକୋଣରୁ ତାଙ୍କ ନିଜସ୍ୱ ଲାଇବ୍ରେରୀ ହେଉଛି ଅତୁଳନୀୟ ଓ ନିଜର ଦୃଷ୍ଟାନ୍ତ ନିଜେ । ହଦିସ ଜ୍ଞାନ ସହିତ ତାଙ୍କର ଏତେ ଆଗ୍ରହ ଥିଲା ଯେ ତା ସମ୍ବନ୍ଧୀତ ଅନ୍ୟାନ୍ୟ ବିଷୟ ଗୁଡିକ ଯେପରି ଇଲ୍‌ମୁଲ୍ ରିଜାଲ୍ ଏବଂ ଇଲ୍‌ମେ ଉସୁଲ୍ ହଦିସ୍ ଗୁଡିକର ପୁସ୍ତକ ଗୁଡିକ ମଧ୍ୟ ତାଙ୍କ ନିକଟରେ ମହଜୁଦ୍ ଥିଲା । ସେଗୁଡିକ ସେ ଏକାଠି କରି ରଖିଥିଲେ । ଗଭୀର ଅଧ୍ୟୟନ କରୁଥିଲେ ଏବଂ ଜ୍ଞାନ ସମ୍ବନ୍ଧିତ ଚର୍ଚ୍ଚା କରିବା ବେଳେ ବିଭିନ୍ନ ବିଷୟକୁ ଚର୍ଚ୍ଚାର ପରିସର ଭିତରେ ସେ ରଖୁଥିଲେ ।

ସିହାହ୍ ସିତ୍‌ତାର ଅନୁବାଦ ସିଲ୍‌ସିଲାରେ ଯେବେ ମୁଁ ଏଠାରୁ ଗୋଟିଏ ନୁଆ ବୋର୍ଡ଼୍ ପ୍ରତିଷ୍ଠା କଲି (ଅର୍ଥାତ୍) ନୁର୍ ଫାଉଣ୍ଡେସନ୍ ପ୍ରତିଷ୍ଠା କଲି ତାର କାମ ଏହାଥିଲା କି ହଦିସ୍ ଗୁଡିକୁ ଉର୍ଦ୍ଦୁରେ ଅନୁବାଦ କରିବ ଓ କିଛି ହଦିସ୍ ଗୁଡିକର ବ୍ୟାଖ୍ୟା ମଧ୍ୟ ଲେଖାଯିବ । ଏ ସମ୍ବନ୍ଧରେ ହାଫିଜ୍ ସାହେବ୍ ଲେଖୁଛନ୍ତି କି ମିଆଁ ସାହେବ୍‌ଙ୍କୁ ମଧ୍ୟ ତାର ମେମ୍ବର୍ ନିଯୋଜିତ କରାଗଲା । ଏବଂ ମିଆ ସାହେବ୍ ନିଜ ଦଫ୍‌ତରି କାର୍ଯ୍ୟଗୁଡିକ ସମ୍ପାଦନ କରିବା ସତ୍ତ୍ୱେ ମଧ୍ୟ ସେ ନିଜସ୍ୱ ଆଗ୍ରହରେ ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍‌ର ସବୁଠାରୁ କଠିନ ଓ ଲମ୍ବା କାର୍ଯ୍ୟକୁ ଉର୍ଦ୍ଦୁରେ ଅନୁବାଦ କରିବା ପାଇଁ ଦାୟିତ୍ୱ ନେଲେ ଓ ପୁଣି ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଓ ଖରାପ ସ୍ୱାସ୍ଥ୍ୟ ସତ୍ତ୍ୱେ ମଧ୍ୟ ଉକ୍ତ ଦାୟିତ୍ୱକୁ ଅନବରତ ନିର୍ବାହ କରିବାରେ ଲାଗିପଡିଲେ ଫଳତଃ ତା'ର ଗୋଟିଏ ଭାଗର ଅନୁବାଦ ସମ୍ପୂର୍ଣ୍ଣ ମଧ୍ୟ କରିଦେଇଥିଲେ ଯାହା ଶହଶହ ହଦିସ୍‌ରେ ପରିବେଷ୍ଟିତ ଥିଲା । ତାଙ୍କର ଏହି ଖିଦ୍‌ମତ୍ ମଧ୍ୟ ସ୍ମୃତି ଚିହ୍ନ ରୂପେ ରହିଯିବ ।

ପୁଣି ହାଫିଜ୍ ସାହେବ୍ ଲେଖୁଛନ୍ତି କି ହଦିସ୍ ସହିତ ତାଙ୍କର ଥିବା ପ୍ରେମଭାବର ଗୋଟିଏ ସୁନ୍ଦର ଦୃଶ୍ୟ ପବିତ୍ର ରମ୍‌ଜାନ୍ ମାସରେ ଦରସ୍ ହଦିସ୍ ଦ୍ୱାରା ଦେଖିବାକୁ ମିଳୁଥିଲା । ବହୁତ ସତର୍କତା ଓ ପରିଶ୍ରମର ସହିତ ସେ ଦରସ୍ ଦେଉଥିଲେ ଯାହା ସାଧାରଣତଃ ରସୁଲୁଲ୍ଲାଃ ସ:ଆ:ସଙ୍କ ଜୀବନ ଚରିତର ଭିନ୍ନ ଭିନ୍ନ ବିଷୟ ବସ୍ତୁ ଉପରେ ଆଧାରିତ ଥିଲା ଓ ସେଥିରେ ଦୁର୍ଲଭ ଓ ମୂଲ୍ୟବାନ୍ କଥାଗୁଡିକ ଏକତ୍ରିତ କରି ଉପସ୍ଥାପନ କରୁଥିଲେ । ତାଙ୍କ କଥା ମଧ୍ୟ ବିଶେଷ ରୂପେ ଦରଦଭରା ଥିଲା । ରମ୍‌ଜାନ୍ ମାସରେ ଆମେ ତାଙ୍କ ଦରସ୍ ଗୁଡିକୁ ବିଶେଷ ରୂପେ ଶୁଣୁଥିଲୁ । ବହୁତ ସୁନ୍ଦର ଶୈଳୀରେ ସେ ଦରସ୍ ଦେଉଥିଲେ । ଏକ ବିଶେଷ ପ୍ରେମଭାବପୁର୍ଣ୍ଣ ଏବଂ ଏପରି ମନମୁଗ୍ଧକାରୀ ଶୈଳୀରେ ଦରସ ଦେଉଥିଲେ ଯେ ମଣିଷକୁ କିଛି କ୍ଷଣ ପାଇଁ ଏପରି ଲାଗୁଥିଲା କି ସେ କୋରୁନେ ଉଲା (ଇସ୍‌ଲାମ୍‌ର ପ୍ରଥମ ଯୁଗ) ଭିତରକୁ ଚାଲିଯାଇଛି ।

ଜଲ୍‌ସାସାଲାନା ରବ୍‌ୱାରେ ମଧ୍ୟ ତାଙ୍କୁ ଅନେକ ବର୍ଷ ପର୍ଯ୍ୟନ୍ତ ତକ୍‌ରିର୍ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ଶମିମ୍ ପରୱେଜ୍ ସାହେବ୍ ନାଏବ୍ ୱକିଲ୍ ୱକ୍‌ଫେ ନୌ ଲେଖୁଛନ୍ତି କି ଖିଲାଫତ୍ ସହିତ ତାଙ୍କର ପ୍ରେମଭାବର ଗୋଟିଏ ଘଟଣା ମୋ ମନ ଭିତରେ ଘର କରି ରହିଛି । କହୁଛନ୍ତି ଯେତେବେଳେ ଖିଲାଫତେ ରାବେୟା (ଚତୁର୍ଥ ଖଲିଫା)ଙ୍କର ଚୟନ କରାଗଲା ସେତେବେଳେ ଏ ଅଧମ ଜିଲ୍ଲା ଝଙ୍ଗ୍‌ର କାଏଦ୍ ଥିଲା ଏବଂ ମସ୍‌ଜିଦ୍ ମୁବାରକ୍‌ର ମେହ୍‌ରାବ୍‌ର ବାହାରେ ମୋର ଡ୍ୟୁଟି ଲାଗିଥିଲା । ଯେଉଁକ୍ଷଣି ହଜ୍‌ରତ୍ ମିର୍ଜା ତାହେର୍ ଅହେମଦ୍ ସାହେବ୍ ଖଲିଫା ହୋଇଥିବାର ଏତେଲାର ଖବର ଭିତରୁ ବାହାରକୁ ଆସିଲା, ଶମିମ୍ ସାହେବ୍ କହୁଛନ୍ତି ମୁଁ ମିର୍ଜା ଅନସ୍ ସାହେବ୍‌ଙ୍କୁ ଦେଖିଲି ଯିଏ ଜୁନ୍ ମାସର ଭୀଷଣ ଗରମ ହେବା ସତ୍ତ୍ୱେ ମଧ୍ୟ ଗରମ ଇଟାର ଚଟାଣ ଉପରେ ସଜ୍‌ଦାଏ ଶୁକର୍ (ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ ସଦୃଶ ଯେଉଁ ସଜ୍‌ଦା କରାଯାଏ) କରିବା ପାଇଁ ତଳେ ପଡିଗଲେ ।

ଡାକ୍ତର୍ ଇଫ୍‌ତେଖାର୍ ସାହେବ୍ ଲଣ୍ଡନ୍‌ରୁ ଲେଖୁଛନ୍ତି କି ସେ ବାସ୍ତବିକ ୱାକିଫେ ଜିନ୍ଦେଗୀ ଥିଲେ । କାର୍ଯ୍ୟାଳୟକୁ ଆସିବା ଛାଡିନାହାଁନ୍ତି ଏବଂ ସିଲ୍‌ସିଲାର ପ୍ରଚାର ପ୍ରସାର ଏବଂ ଅନୁବାଦ ସମ୍ବନ୍ଧିତ କାର୍ଯ୍ୟଗୁଡିକରେ ସେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲିପ୍ତ ରହିଛନ୍ତି । ପୁଣି କହୁଛନ୍ତି କି ଅନୁବାଦ ବହୁତ ସନ୍ତର୍ପଣର ସହିତ ଧ୍ୟାନ ଦେଇ କରୁଥିଲେ ଏବଂ ସଠିକ୍ ମହାୱାରା (ଶବ୍ଦ) ଖୋଜିବା ପାଇଁ ବେଳେବେଳେ ଅନେକ ଦିନ ଲଗାଇଦେଉଥିଲେ ଏବଂ ତାଙ୍କର ଇତାଅତ୍ କରିବାର ସ୍ତର ମଧ୍ୟ ବହୁତ ଉଚ୍ଚ ଥିଲା ।

ଖାଲିଦ୍ ସାହେବ୍ ରଷୀୟାନ୍ ଡେସ୍‌କ୍ ଲଣ୍ଡନ୍ ଲେଖୁଛନ୍ତି କି ମିଆଁ ସାହେବ୍‌ଙ୍କ ବ୍ୟକ୍ତିତ୍ୱ ଯେବେ ମଧ୍ୟ ମୋ ମନ ଭିତରକୁ ଆସୁଛି ତେବେ ଏପରି ଲାଗୁଛି ଯେପରି ତାଙ୍କର ଅସ୍ତିତ୍ୱ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ହଦିସ୍ *ଉତ୍‌ନୁବୁଲ୍ ଇଲ୍‌ମା ମିନଲ୍ ମହ୍‌ଦେ ଇଲଲ୍ ଲହଦ୍* ର ବାସ୍ତବିକ ରୂପ ଗ୍ରହଣ କରିଥିଲା । ମିଆଁ ସାହେବ୍‌ଙ୍କୁ ବିଭିନ୍ନ ଜ୍ଞାନ ଶିଖିବା ପାଇଁ ବହୁତ ସଉକ୍ ଥିଲା । କୌଣସି ପ୍ରକାରର ନୁଆ କଥା ଜାଣିବା ପାଇଁ କୌଣସି ମୌକାକୁ ସେ କଦାପି ସେ ହାତଛଡା କରୁନଥିଲେ । ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କର ହଦୀସ୍ ଏବଂ ହଦୀସ୍ ଜ୍ଞାନ ଆହରଣ କରିବା ତାଙ୍କର ବିଶେଷ ରୁଚି ଓ ପସନ୍ଦର ବିଷୟ ଥିଲା । ତତ୍‌ସହିତ ଭାଷାଜ୍ଞାନ ଆହରଣ କରିବା ମଧ୍ୟ ତାଙ୍କର ବିଶେଷ ସଉକ ଥିଲା । ବିଭିନ୍ନ ଭାଶାକୁ ଶିଖିବା ପାଇଁ ପସନ୍ଦ କରୁଥିଲେ । ସେ ପୁଣି କହୁଛନ୍ତି କି ଅତିଥି ପରାୟଣତା ମଧ୍ୟ ତାଙ୍କର ଏକ ବିଶେଷ ଗୁଣ ଥିଲା । ୨୦୦୫ ମସିହାର କଥା । ଯେତେବେଳେ ରୁସ୍‌ତମ୍ ହମାଦ୍ ୱଲି ସାହେବ୍ ସଦର୍ ଜମାତ୍ ରୁଷିଆ ଏବଂ ଯିଏ ମସ୍‌କୋର ମୁଅଲ୍ଲୀମ୍ ମଧ୍ୟ ଥିଲେ, ସେ ଯେତେବେଳେ ରୁଷି ଭାଷାରେ ପବିତ୍ର କୋରାନ୍‌କୁ ଅନୁବାଦ କରିବା କାର୍ଯ୍ୟ ସମ୍ବନ୍ଧରେ ରବ୍‌ୱା ଆସିଲେ, ସେତେବେଳେ ଖାଲିଦ୍ ସାହେବ୍ କହୁଛନ୍ତି କି ତାଙ୍କ ସହିତ ମିଶି ମୋତେ କାମ କରିବା ପାଇଁ ଅବସର ମିଳିଛି । ରୁସ୍‌ତମ୍ ସାହେବ୍‌ଙ୍କର ରହିବାର ବ୍ୟବସ୍ଥା ସେତେବେଳେ ତହ୍‌ରିକ୍ ଯଦିଦ୍‌ର ଗେଷ୍ଟ୍ ହାଉସ୍‌ରେ କରାଯାଇଥିଲା । ଥରେ ଖାଇବା ସମୟରେ ରୁସତମ୍ ସାହେବ୍‌ଙ୍କର ରୁଚି ମୁତାବକ କିଛି ଜିନିଷ ମହଜୁଦ୍ ନଥିଲା ବା ବୋଧହୁଏ ଶେଷ ହୋଇଯାଇଥିଲା । ଏକଥା ଯେତେବେଳେ ମିଆଁ ଅନସ୍‌ଙ୍କ ନିକଟରେ ପହଂଚିଲା ସେ ତତ୍‌କ୍ଷଣାତ୍ ମୋତେ ଡକାଇ ପଠାଇଲେ କି ରୁସ୍‌ତମ୍ ସାହେବ୍ ହେଉଛନ୍ତି ଆମର ସମ୍ମାନିତ ଅତିଥି । ତାଙ୍କ ଆବଶ୍ୟକତାର ପ୍ରତ୍ୟେକ ଜିନିଷର ଧ୍ୟାନ ରଖିବା ହେଉଛି ଆମର ପ୍ରଥମ କର୍ତବ୍ୟ । ପୁଣି ମିଆଁ ସାହେବ୍ ନିଜ ପକେଟ୍‌ରୁ ଟଙ୍କା ବାହାର କରି ଦେଲେ କି ସେହି ଜିନିଷ ତାଙ୍କୁ ଆଣି ଦିଆଯାଉ । ଆସନ୍ତାକୁ ଯଦି କୌଣସି ଜିନିଷର ଆବଶ୍ୟକ ପଡେ ତେବେ ମୋତେ ବତାଅ । କହୁଛନ୍ତି କି ମୁଁ ତାଙ୍କୁ କହିଲି ଯେ ବ୍ୟବସ୍ଥା ହୋଇଗଲାଣି ଏବଂ ସେ ଜିନିଷ ଯୋଗାଇ ଦିଆଗଲାଣି । ପୁଣି ପରେ ମଧ୍ୟ ନିୟମିତ ସେ ସମ୍ବନ୍ଧରେ ପଚାରି ବୁଝୁଥିଲେ ।

ବର୍ମାର ମୁବଲିଗ୍ ମୁହମ୍ମଦ୍ ସାଲିକ୍ ସାହେବ୍ କହୁଛନ୍ତି କି ଶ୍ରୀଲଙ୍କାର ଛାତ୍ରମାନଙ୍କର ଗୋଟିଏ ଘଟଣା ଯାହା ତାଙ୍କୁ ପ୍ରଭାବିତ କରିଛି ତାହା ହେଉଛି ଏପରିକି ମୁନୀର୍ ଅହେମଦ୍ ନାମକ ଜଣେ ଛାତ୍ର ଶ୍ରୀଲଙ୍କାରୁ ପଢ଼ିବା ପାଇଁ ଆସିଥିଲେ । ଏବଂ ସେ ସମୟରେ ଶ୍ରୀଲଙ୍କାରେ ମୁବଲିଗ୍ ରୂପେ କାର୍ଯ୍ୟ କରୁଥାନ୍ତି । ଜାମିଆରେ ଥିବାବେଳେ ସେ ଥରେ ବେମାର ପଡିଲେ । ସେ ଭୀଷଣ ବେମାର ପଡିଥିବା ଅବସ୍ଥାରେ ମିଆଁ ସାହେବ୍ ବହୁମାତ୍ରାରେ ଚିନ୍ତିତ ହୋଇ ଦିନରାତି ହଷ୍ଟେଲ୍‌ରେ ଆସି ତାଙ୍କର ଅବସ୍ଥା ଏପରି ପଚାରି ବୁଝୁଥିଲେ ଯେପରି ସେ ତାଙ୍କର କୌଣସି ନିଜ ନିକଟ ସମ୍ପର୍କୀୟ ଥିଲେ । ସେ ସମୟରେ ମିର୍ଜା ଅନସ୍ ଅହେମଦ୍ ସାହେବ୍ ଜାମିଆ ଅହେମଦୀୟାର ଆଡ୍‌ମିନ୍‌ଷ୍ଟ୍ରେଟର୍ ଥିଲେ ।

ଆମେରିକାର ମୁବଲିଗ୍ ଶମ୍‌ସାଦ୍ ସାହେବ୍ ଲେଖୁଛନ୍ତି କି ମୁରବୀ ମାନଙ୍କ ସହିତ ମିଟିଂ ସମୟରେ ସେ ତବ୍‌ଲିଗ୍‌ର ଉତ୍ସାହ ସୃଷ୍ଟି କରିବା ପାଇଁ ବହୁତ ଚେଷ୍ଟା କରୁଥିଲେ । ଅଧ୍ୟୟନ କରିବାର ବହୁତ ସଉକ୍ ଥିଲା । ମୁରବୀ ମାନଙ୍କୁ ମଧ୍ୟ ଅଧ୍ୟୟନ କରିବା ପାଇଁ ବାରମ୍ବାର ଧ୍ୟାନ ଆକର୍ଷଣ କରାଉଥିଲେ । ଏବଂ ନିଜେ ମଧ୍ୟ ସବୁବେଳେ ନିଜ କାର୍ଯ୍ୟାଳୟରେ ପୁସ୍ତକ ଗୁଡିକୁ ଗଦା କରି ରଖୁଥିଲେ । ବୁଖାରୀ ଶରିଫ୍‌କୁ ଅଧିକାଂଶ ସମୟ ଅଧ୍ୟୟନ କରୁଥିଲେ । ଦଫ୍‌ତର୍ ଯାଆ ଆସ କରୁଥିବା ମୁରବୀମାନଙ୍କ ସହିତ ମଧ୍ୟ ଜ୍ଞାନ ସମ୍ବନ୍ଧୀୟ ଚର୍ଚ୍ଚା ଜାରି ରଖୁଥିଲେ ।

ଘାନାର ମୁବଲିଗ୍ ଶାହିଦ୍ ମେହ୍‌ମୁଦ୍ ସାହେବ୍ ଲେଖୁଛନ୍ତି କି ମୋତେ ମିଆଁ ସାହେବଙ୍କ ସହିତ ବାରବର୍ଷରୁ ଅଧିକା ସମୟ ପର୍ଯ୍ୟନ୍ତ ୱକାଲତେ ଇଶାଅତ୍‌ରେ ଇଂରାଜୀ ଭାଷାରେ ତେହ୍‌ରିକ୍ ଯଦିଦ୍‌ର ମାସିକ ପତ୍ରିକାରେ କାର୍ଯ୍ୟ କରିବା ପାଇଁ ସୌଭାଗ୍ୟ ମିଳିଛି । ମିଆଁ ସାହେବ୍‌ଙ୍କ ଠାରୁ ଅଗଣତି ଜିନିଷ ଶିଖିବାକୁ ମିଳିଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ପ୍ରେମଭାବ, ଖିଲାଫତ୍ ସହିତ ପ୍ରେମଭାବ ଏବଂ ଇତାଅତ୍ ତାଙ୍କଠାରେ ଖୁବ୍ ଭରିରହିଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନାମ ନେବାବେଳେ ଅଧିକାଂଶ ସମୟ ତାଙ୍କ ଆଖିରୁ ଅଶ୍ରୁ ବହି ପଡୁଥିଲା । ପୁସ୍ତକ ଗୁଡିକର ଅନୁବାଦ ଓ ବିଶେଷ ରୂପେ ବରାହିନେ ଅହେମଦୀୟା, ସୁର୍‌ମା ଚଶ୍‌ମା ଆର୍‌ୟା ଏବଂ ମେହ୍‌ମୁଦ୍ କି ଆମିନ୍‌ର ଅନୁବାଦ କରିବା ସମୟରେ ମୋତେ ନିଜ ସହିତ ଦଫ୍‌ତର୍‌ରେ ବସାଇ ରଖୁଥିଲେ । ଏବଂ ଅନେକଥର ଅନୁବାଦ କାର୍ଯ୍ୟ କରିବା ପାଇଁ ନିଜ ଘରକୁ ମଧ୍ୟ ଡକାଇ ପଠାଉଥିଲେ । ନା ଛୁଟିଦିନର ଏବଂ ନା କାର୍ଯ୍ୟାଳୟ ବନ୍ଦ୍ ହେବାର ତାଙ୍କୁ କୌଣସି ଚିନ୍ତା ଥିଲା । ଅଧିକାଂଶ ସମୟ ବିଳମ୍ବ ସନ୍ଧ୍ୟା ପର୍ଯ୍ୟନ୍ତ କାମ ଜାରି ରଖୁଥିଲେ । ଏହା ସତ୍ତ୍ୱେ ମଧ୍ୟ ମୋ ସହିତ ଅତିଥି ପରାୟଣତା ଏବଂ ସ୍ନେହଭାବର ସିଲ୍‌ସିଲା ମଧ୍ୟ ଜାରି ରହୁଥିଲା । ଏବଂ ସେ କହୁଛନ୍ତି କି ନମାଜ ଜୋହର୍ ନିମନ୍ତେ ଇମାମତ୍ କରିବା ପାଇଁ ସେ ମୋ ଡ୍ୟୁଟି ଲଗାଇଥିଲେ । ଦଫ୍‌ତର୍‌ରେ ହିଁ ସମସ୍ତ କାର୍‌କୁନ୍ (କର୍ମୀମାନେ) ନମାଜ ପାଠ କରିନେଉଥିଲେ । ଯେତେବେଳେ ମୁଁ ଦେଖୁଥିଲି କି ସୁନ୍ନତ୍ ଇତ୍ୟାଦି ପଢୁଥିଲେ ତାଙ୍କ ନମାଜ ଦେଖିବା ଯୋଗ୍ୟ ଥିଲା । ସେ ବହୁତ ସୁନ୍ଦର ଶୈଳୀରେ ନମାଜ ପାଠ କରୁଥିଲେ । କାର୍ଯ୍ୟାଳୟର କର୍ମୀମାନଙ୍କ ସହିତ ବହୁତ ସ୍ନେହ କରୁଥିଲେ । କହୁଛନ୍ତି ଏକଦା ବେମାର ହେବା ସତ୍ତ୍ୱେ ମଧ୍ୟ ମୁଁ ଦଫ୍‌ତର୍‌ରେ ହାଜିର୍ ହୋଇଗଲି । (ତେଣୁ ମିଆଁ ସାହେବ୍) ମୋତେ ଜବରଦସ୍ତି ଛଅଦିନର ଛୁଟି ଦେଇ ଆରାମ କରିବା ପାଇଁ ଘରକୁ ପଠାଇଦେଲେ କିନ୍ତୁ ନିଜେ ବେମାର ହେଉଥିବା ସତ୍ତ୍ୱେ ମଧ୍ୟ କାର୍ଯ୍ୟାଳୟକୁ ଯାଉଥିଲେ ତତ୍ ସହିତ ଘରେ ମଧ୍ୟ କାମକୁ ଜାରି ରଖୁଥିଲେ ।

ୱକାଲତେ ତସ୍‌ନିଫ୍ ୟୁ.କେ ର ମୁରବୀ ସାହେବ୍ ଜନାବ୍ ଅୟାଜ୍ ମେହ୍‌ମୁଦ୍ ସାହେବ୍ କହୁଛନ୍ତି କି କାମ କରିବା ସମ୍ବନ୍ଧରେ ମୁଁ ତାଙ୍କଠାରୁ ବହୁତ କିଛି ଶିକ୍ଷା ପାଇଛି । ଯେହେତୁ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡିକର ଅନୁବାଦ ବହୁତ ସଉକିର ସହିତ କରୁଥିଲେ । ସେଇଥିପାଇଁ ଅନୁବାଦ କରିବା ସମୟରେ ଯେଉଁ ଅସୁବିଧା ଓ ଯେଉଁ ସମସ୍ୟାଗୁଡିକ ଆସିଥାଏ, ସେ ସମ୍ବନ୍ଧରେ ମଧ୍ୟ ସେ ବତାନ୍ତି ଏବଂ ନିଜର ଅନୁଭବକୁ ମଧ୍ୟ ସେୟାର୍ କରୁଥିଲେ । ଗୋଟିଏ କଥା ଯାହା ସେ ବିଶେଷ ରୂପେ କହୁଥିଲେ ତାହା ଥିଲା ଏପରିକି ଅନୁବାଦ କରିବା ସମୟରେ କେବଳ ଶବ୍ଦର ଅନୁବାଦ ଶବ୍ଦକୋଷରୁ ଆଣି ଲଗାଇଦେବା ଯଥେଷ୍ଟ ନୁହେଁ । ଏହା ମଧ୍ୟ ଦେଖିବା ଜରୁରୀ ଅଟେ କି ସେହି ଶବ୍ଦଟି କୌଣସି ଦୃଷ୍ଟିକୋଣରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୈଭବକୁ ଊଣା ତ କରୁନାହିଁ ? ଏବଂ ଯଦି କୌଣସି ଶବ୍ଦର ଅନୁବାଦ ଠିକ୍ ନାହିଁ ତେବେ ଅସଲ ବିଷୟକୁ Convey କରୁଥିବା କୌଣସି ଶବ୍ଦ ରହିବା ଉଚିତ୍ । ପୁଣି ଅନୁବାଦ କାର୍ଯ୍ୟ ସେ ଏତେ ପ୍ରେମର ସହିତ କରୁଥିଲେ କି ବେମାରୀ ଅବସ୍ଥାରେ ମଧ୍ୟ ବିରତ ରହିନାହାଁନ୍ତି । ବେମାର ଥିବା ଦିନଗୁଡିକରେ ଅନେକଥର ସେ ମୋତେ ବତାଇଛନ୍ତି କି ବେମାର ହେବାଯୋଗୁ ମୋ କାମ କରିବାର ଗତି କମ୍ ହୋଇଯାଇଛି । ଯେତେବେଳେ ମୁଁ କାମ କରିବା ପାଇଁ ବସୁଛି, ଯେଉଁ ମାତ୍ରାରେ ମୁଁ ଚାହୁଁଛି ସେହି ମାତ୍ରାରେ ମୁଁ କରିପାରୁନାହିଁ, ଥକ୍କିଯାଉଛି । କିନ୍ତୁ ପୁଣି ମଧ୍ୟ ମୁଁ ଛଅ ସାତ ଘଂଟା ବସି କାମ କରୁଛି ଏବଂ ଲଗାତାର୍ କାମ କରୁଛି । ଏପରି ତ ମୁଁ ତାଙ୍କୁ ବାର ବାର ଓ ତେର ତେର ଘଂଟା ବରଂ ପନ୍ଦର ଘଂଟା କାମ କରିବାର ଦେଖିଛି ।

ଅୟାଜ୍ ସାହେବ୍ ଲେଖୁଛନ୍ତି କି ଆମେ ଯେତେବେଳେ ରବ୍‌ୱା ଗଲୁ ସେତେବେଳେ ମିଆଁ ସାହେବ୍ ଆମର କିଛିଟା କ୍ଲାସ୍ ମଧ୍ୟ ନେଇଥିଲେ । ସେତେବେଳେ ମଧ୍ୟ ଏକଥା କହୁଥିଲେ ଓ ପରେ ମଧ୍ୟ, ଯେତେବେଳେ ମୁଁ ତାଙ୍କ ସହିତ କଥା ହୁଏ, କହୁଥିଲେ କି ତୁମେ ଯୁବକମାନେ ଲିଟେରେଚର୍ ମଧ୍ୟ ପଢ଼ ଏବଂ ପ୍ରତ୍ୟେକ ପ୍ରକାରର ପୁସ୍ତକ ପଢ଼ିବା ପାଇଁ ଅଭ୍ୟାସ ରଖ । କେବଳ ଏପରି ନହେଉ କି ଧର୍ମ ସମ୍ବନ୍ଧୀୟ ପୁସ୍ତକ ଗୁଡିକ ପଢ଼ିଚାଲ ଫିଲୋସଫି ମଧ୍ୟ ପଢ଼ାଓ, ଲିଟେର୍‌ଚର ମଧ୍ୟ ପଢ଼ ଏବଂ ନଭେଲ୍ ମଧ୍ୟ ପଢ଼ । ଏହାଦ୍ୱାରା ଭାଷାଜ୍ଞାନ ବ୍ୟାପକ ହେବ ଓ

ଜ୍ଞାନ ମଧ୍ୟ ବଢ଼ିବ । ମୋତେ କହୁଥିଲେ କି ତୁମପାଇଁ ଏହା ବହୁତ ଜରୁରୀ ଅଟେ କାରଣ ତୁମେ ଅନୁବାଦ କାର୍ଯ୍ୟ କରୁଅଛ । କହୁଛନ୍ତି କି ଥରେ ମୁଁ ଗୋଟିଏ କଠିନ ଶବ୍ଦର ଇଂରାଜୀ ଅନୁବାଦ ସମ୍ବନ୍ଧରେ ପଚାରିଲି ଯେ ଆପଣଙ୍କ ମତରେ ଏହି ଶବ୍ଦଟିର ଅନୁବାଦ କଣ ହେବା ଉଚିତ୍ ? ମିଆଁ ସାହେବ୍ ଟିକିଏ ଚିନ୍ତାରେ ପଡିଗଲେ । ପୁଣି ଦୁଇ ତିନୋଟି ଶବ୍ଦ ମଧ୍ୟ ବତାଇଲେ । ମୁଁ ମିଆଁ ସାହେବ୍‌ଙ୍କୁ ବତାଇଲି ଯେ ହଜ୍‌ରତ୍ ଚୌଧୁରୀ ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍ ଗୋଟିଏ ସ୍ଥାନରେ ଏହି ଶବ୍ଦର ଇଂରାଜୀ ଅନୁବାଦ ଏପରି କରିଛନ୍ତି– ଏଥିରେ ସେ ବହୁତ ଖୁସି ହୋଇଗଲେ ଓ କହିଲେ ଏହା ବିଲ୍‌କୁଲ୍ ଠିକ୍ ଅଟେ । ଏହା ତାର ସଠିକ୍ ଅନୁବାଦ ଅଟେ । ଏବଂ ହଜ୍‌ରତ୍ ଚୌଧୁରୀ ସାହେବ୍‌ଙ୍କ ନିମନ୍ତେ ବହୁତ ସମ୍ମାନ ଏବଂ ଭକ୍ତିଭାବର ସହିତ କହିଲେ କି ତାଙ୍କ ଭାଷା ବହୁତ ଭଲ ଥିଲା । (ତେଣୁ) ତୁମେ ଏହି ଶବ୍ଦକୁ ବ୍ୟବହାର କର । ପୁଣି ଅୟାସ୍ ସାହେବ୍ କହୁଛନ୍ତି କି ମୁଁ ସର୍ବଦା ଏହା ଦେଖିଛି ଯେ ମିଆଁ ସାହେବ୍ ନିଜର ବୁଦ୍ଧି ଏବଂ ଜ୍ଞାନକୁ ଖଲିଫାଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ରୂପେ କିଛି ନଥିଲା ବୋଲି ମଣୁଥିଲେ । ପୂର୍ବରୁ ଯଦି ତାଙ୍କର କୌଣସି ମତ ମଧ୍ୟ ଥିଲା (କିନ୍ତୁ) ଯେତେବେଳେ ମୁଁ ଏକଥା ବତାଏ ଯେ ଖଲିଫା (ହଜୁର୍ କହୁଛନ୍ତି ମୋ ହୱାଲା ଦିଅନ୍ତି ଯେ) ଏପରି କହିଛନ୍ତି ସେତେବେଳେ ତତ୍‌କ୍ଷଣାତ୍ ସେ କହୁଥିଲେ କି ହଁ ଏହା ଠିକ୍ କଥା । ମୋର ଭୁଲ୍ ଥିଲା । ଯେଉଁକଥା ହଜୁର୍ କହିଛନ୍ତି ତାହା ହିଁ ଠିକ୍ । ଏବଂ ଏହିପରି ବାରମ୍ବାର ମୋତେ ସେ ଶିକ୍ଷା ଦେଉଥିଲେ କି ଖଲିଫାଙ୍କ ସମ୍ମୁଖରେ ବାକି ସମସ୍ତ କଥା ହେଉଛି ବେକାର୍ । ଖଲିଫାଏ ୱକ୍ତ ଯେଉଁ ରାୟ ଦେଉଛନ୍ତି ତାହା ହିଁ ଠିକ୍ ଏବଂ ତା ଉପରେ ଅମଳ କରିବା ହେଉଛି ଆମପାଇଁ ଜରୁରୀ ।

ଏଠିକାର କର୍ମୀ ରଷିୟାନ୍ ଡେସ୍କ୍‌ର ଶେଖ୍ ନସିର୍ ସାହେବ୍ କହୁଛନ୍ତି କି ମିଆଁ ସାହେବ୍‌ଙ୍କ ସହିତ ୧୬ବର୍ଷ ପର୍ଯ୍ୟନ୍ତ ୱକାଲତ୍ ଇଶାଅତ୍‌ରେ ଦିନ ବିତିଛି । ତାଙ୍କଠାରୁ ବହୁତ କିଛି ମୁଁ ଶିଖିବାକୁ ପାଇଛି । ସର୍ବଦା ଜଣେ ସ୍ନେହଶୀଳ ବନ୍ଧୁରୂପେ ମୁଁ ତାଙ୍କୁ ପାଇଛି । ସେ ମୋତେ କେବେ ତାଙ୍କ ଅନ୍ତର୍ଗତ ଜଣେ କର୍ମୀ ହୋଇଥିବାର ଅନୁଭବ କରାଇନାହାଁନ୍ତି । ଯଦି କେବେ ମୋତେ ଏ ଅନୁଭବ ହୋଇଥାଏ କି ମୋର ମାଆ ବାପା ନାହାଁନ୍ତି ବୋଲି ସେତେବେଳେ ସେ ମୋତେ ଏକଥା କହୁଥିଲେ କି ତୁମେ ମୋତେ ତାଙ୍କ ଯାଗାରେ ଅଛି ବୋଲି ଜାଣ । ପୁଣି ସେ ଲେଖୁଛନ୍ତି କି ସମସ୍ତ କାର୍‌କୁନ୍ (କର୍ମୀ) ମାନଙ୍କ ସହିତ ତାଙ୍କର ସ୍ନେହଶୀଳ ବ୍ୟବହାର ଥିଲା । ଯଦି କେବେ ମୋ ଭୁଲ୍ ଆଧାରରେ କୌଣସି ପ୍ରକାର ଛୋଟିଆ ଅଜାଣତ ଭୁଲ୍ ଯୋଗୁ ମୋ ଉପରେ ବିରକ୍ତ ହୋଇଥାନ୍ତି ତେବେ ତାକୁ ମନେରଖିଥାଆନ୍ତି ଓ ତା ପରଦିନ କହିଥାଆନ୍ତି ଯେ କଣ ତୁମେ ମୋତେ କ୍ଷମା କରିଦେଇଛ ତ ? ଏଥିରେ ମୁଁ ତାଙ୍କୁ କୁହେ ମିଆଁ ସାହେବ୍ ମୋତେ ତ ଏକଥା ଅନୁଭବ ହୋଇନାହିଁ ଯେ ଆପଣ କେବେ ମୋ ଉପରେ ବିରକ୍ତ ହୋଇଛନ୍ତି ବୋଲି । ଯଦି କେବେ ତାଙ୍କୁ କ୍ରୋଧ ଆସେ ସେତେବେଳେ ସେ ସମ୍ପୂର୍ଣ୍ଣ ରୂପେ ଚୁପ୍ ହୋଇଯାଆନ୍ତି । ତେଣୁ ଆମକୁ ଜଣାପଡିଯାଏ ଯେ ମିଆଁ ସାହେବ୍ ନାରାଜ୍ ଅଛନ୍ତି କିନ୍ତୁ ଅଳ୍ପ ସମୟ ପରେ ଯେତେବେଳେ ଅନ୍ୟ କୌଣସି କାର୍ଯ୍ୟ ପାଇଁ ଫୋନ୍ ଆସିଯାଏ ସେତେବେଳେ କୌଣସି କଥାକୁ ସେ ମନ ଭିତରେ ରଖୁନଥିଲେ । ଏବଂ ଯେବେମଧ୍ୟ ଖଲିଫାଏ ୱକ୍ତ, ଖଲିଫତୁଲ୍ ମସିହ୍‌ଙ୍କ ତରଫରୁ କୌଣସି କାର୍ଯ୍ୟର ଦାୟିତ୍ୱ ଦିଆଯାଏ ସେତେବେଳେ ସେ ସମ୍ବନ୍ଧୀୟ କର୍ମୀମାନଙ୍କ ସହିତ ମିଟିଂ କରି କାର୍ଯ୍ୟପନ୍ଥା ଅବଲମ୍ବନ କରିଥାନ୍ତି । ଏବଂ ଯେଉଁଟି ସବୁଠାରୁ କଠିନ କାର୍ଯ୍ୟ ସେହି କାର୍ଯ୍ୟକୁ ସେ ନିଜ ଦାୟିତ୍ୱରେ ନେଇଥାନ୍ତି ଏବଂ ବେମାର ହୋଇଥିବା ସତ୍ୱେ ମଧ୍ୟ ନିଜ ଘରେ ରହି ସେ ସେହି କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ଚେଷ୍ଟା କରିଥାନ୍ତି । କାର୍ଯ୍ୟାଳୟ ଆସିବା ପାଇଁ ବହୁତ କଷ୍ଟ ଅନୁଭବ କରିଥାନ୍ତି । ତେବେ କାର୍‌କୁନ୍ ମାନଙ୍କୁ ଘରକୁ ଡକାଇ ପଠାନ୍ତି ଓ ନିଜ ଘରେ କାର୍ଯ୍ୟାଳୟ ଲଗାନ୍ତି । ଆରାମ କରିବା ଓ ଛୁଟି ନେବାର କୌଣସି ଭାବନା ହିଁ ତାଙ୍କର ନଥିଲା । ବିଛଣାରେ ପଡି ପଡି ଅନୁବାଦ କାର୍ଯ୍ୟ କରୁଥିଲେ । ଅନେକଥର ମୋ ସହିତ ସାଇକେଲ୍‌ରେ ବସି ଦଫ୍‌ତର୍ ଆସିଛନ୍ତି ।

ଜାହିଦ୍ ମେହ୍‌ମୁଦ୍ ମଜିଦ୍ ସାହେବ୍ ଇଶାଅତ୍ ବିଭାଗର କର୍ମୀ କହୁଛନ୍ତି କି ମୋହତରମ୍ ମିଆଁ ସାହେବ୍‌ଙ୍କ ସହିତ ଖିଦ୍‌ମତ୍ କରିବା ପାଇଁ ଅବସର ମିଳିଲା । ସେ ଖିଲାଫତ୍‌ର ପ୍ରେମୀ ଥିଲେ, ଯେତେବେଳେ ଫ୍ୟାକ୍‌ସ୍ ଲେଖିବାକୁ ହୁଏ (ମୋତେ ସମ୍ବୋଧନ କରୁଛନ୍ତି) ତାଙ୍କଠାରେ ତ ବିଶେଷରୂପେ ଭାବ ବିହ୍ୱଳତା ଦେଖାଦେଇଥାଏ ଏବଂ ଯଦି ଏଠାରୁ ମୋ ତରଫରୁ କୌଣସି କାମ ତାଙ୍କୁ କରିବା ପାଇଁ ଦିଆଯାଏ ତେବେ ସେ ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ଉତ୍ସାହିତ ରହୁଥିଲେ । ଯଦି ସ୍ୱାସ୍ଥ୍ୟ ବାଧାଦିଏ ତେବେ ସେ ବହୁତ ବ୍ୟତିବ୍ୟସ୍ତ ହୋଇଯାଉଥିଲେ । ଏହି ମେହ୍‌ମୁଦ୍ ମଜିଦ୍ ସାହେବ୍ କହୁଛନ୍ତି କି ମୋ ବୃକକ୍‌ରେ ପଥର ହୋଇଯାଇଥିଲା । ଯାହାର ଅପରେସନ୍ ଫଜ୍‌ଲେ ଉମର ଡାକ୍ତରଖାନାରେ କରାଗଲା । କହୁଛନ୍ତି କି ମୋ ବାପା ବତାଉଛନ୍ତି ଯେ ଯେପର୍ଯ୍ୟନ୍ତ ଅପରେସନ୍ ନହୋଇଯାଇଛି ସେପର୍ଯ୍ୟନ୍ତ ମିଆଁ ସାହେବ୍ ଅପରେସନ୍ ଥିଏଟର୍‌ର ବାହାରେ ଦୁଆ କରି କରି ଘୁରି ବୁଲୁଥିଲେ ।

ଇଶାଅତ୍‌ର କର୍ମୀ ମୁହମଦ୍ଦିନ୍ ଭଟି ସାହେବ୍ କହୁଛନ୍ତି କି ତାଙ୍କ ସହିତ ମୁଁ ୧୯୯୫ଠାରୁ ନେଇ ତାଙ୍କ ଦେହାନ୍ତ ପର୍ଯ୍ୟନ୍ତ କାର୍ଯ୍ୟ କରିବାର ସୌଭାଗ୍ୟ ପାଇଛି । ମିଆଁ ସାହେବ୍ ମର୍‌ହୁମ୍ କର୍ମୀମାନଙ୍କ ସହିତ ବହୁତ ସମ୍ମାନ ଶୈଳୀରେ ବ୍ୟବହାର କରୁଥିଲେ । ଯେତେବେଳେ ମଧ୍ୟ ସେ କୌଣସି କାର୍ଯ୍ୟ କରିବା ପାଇଁ ନିଜ ପାଖକୁ ଡାକୁଥିଲେ ସେତେବେଳେ କହୁଥିଲେ କି ଚଉକି ଉପରେ ପ୍ରଥମେ ବସିପଡନ୍ତୁ । ତା ପରେ ପୁଣି କଥା ଆରମ୍ଭ କରୁଥିଲେ । ଯଦି କେବେ ତାଙ୍କ ତରଫରୁ କୌଣସି କାର୍‌କୁନ୍‌ଙ୍କ ଉପରେ ଅପ୍ରସନ୍ନତାର ପ୍ରକାଶ କରାଯାଏ ତେବେ ତା ପରେ ପୁଣି ବହୁ ଶିଘ୍ର ସ୍ନେହଶୀଳ ଭାବକୁ ଗ୍ରହଣ କରିନିଅନ୍ତି ଏପରିକି ବେଳେବେଳେ କ୍ଷମା ମଧ୍ୟ ମାଗିଥାନ୍ତି । କହୁଛନ୍ତି ଏକଦା ମିଆଁ ସାହେବ୍ କୌଣସି କାମ ପାଇଁ କହିଲେ ଓ ମୁଁ ମିଆଁ ସାହେବ୍‌ଙ୍କୁ ଏ କାମ ନ କରିବା ପାଇଁ ଉତର ଦେଲି । ଯେବେ କି ଏହା ମୋର ଧୃଷ୍ଟତା ଥିଲା କିନ୍ତୁ ସେ ତାକୁ କ୍ଷମା କରିଦେଲେ ଏବଂ କେବଳ ଏତିକି କହିଲେ କି ଆପଣଙ୍କୁ ଏପରି ଉତର ଦେବା ଠିକ୍ ନଥିଲା । କହୁଛନ୍ତି– ମୁଁ କେତେଦିନ ପର୍ଯ୍ୟନ୍ତ ଆଣ୍ଠୁରେ କଷ୍ଟ ହେବା ଯୋଗୁ ଠିକ୍ ସମୟରେ କାର୍ଯ୍ୟାଳୟରେ ପହଂଚିପାରୁନଥିଲି । ଯେତେବେଳେ ବିଳମ୍ବ ହୋଇଯାଏ ସେତେବେଳେ ମୋ ଉପସ୍ଥାନରେ ବିଳମ୍ବର ଚିହ୍ନ ଲଗାଇ ଦିଆଯାଉଥିଲା । ଏବଂ ଯେତେବେଳେ କିଛିଦିନ ପର୍ଯ୍ୟନ୍ତ ଏପରି ବିଳମ୍ବ ହୁଏ ତାହା ଗୋଟିଏ ଛୁଟି ରୂପେ ବିବେଚନା କରାଯାଏ । କହୁଛନ୍ତି– ମିଆଁ ସାହେବ୍ ନିଜେ ହିଁ ୱକିଲୁଲ୍ ଆଲା ସାହେବ୍‌ଙ୍କ ନିକଟରେ ଯାଇ ସୁପାରିଶ୍ କଲେ କି ସେ ବହୁତ କଷ୍ଟରେ ଅଛି ତେଣୁ ତାଙ୍କର ଛକି ଚିହ୍ନ ଲଗାନଯାଉ । କହୁଛନ୍ତି କି ମିଆଁ ସାହେବ୍ ଗରୀବ ଛାତ୍ରଛାତ୍ରୀମାନଙ୍କୁ, ବେରୋଜଗାର ଲୋକମାନଙ୍କର ଏବଂ ବିଧବା ମାନଙ୍କର ବିଶେଷ ରୂପେ ଧ୍ୟାନ ରଖୁଥିଲେ । ଗରୀବ ପିଲାମାନଙ୍କୁ ପୁସ୍ତକ ଓ ସ୍କୁଲ୍ ୟୁନିଫର୍ମ୍ କିଣି ପ୍ରଦାନ କରୁଥିଲେ । ବେରୋଜଗାର୍ ଲୋକମାନଙ୍କ ପାଇଁ ସୁପାରିଶ୍ ଚିଠି ଲେଖିଦେଉଥିଲେ ।

ଏହ୍‌ସାନୁଲ୍ଲାଃ ସାହେବ୍ ମୁରବୀ ସିଲ୍‌ସିଲା ଘାନା କହୁଛନ୍ତି ସେ ତାଙ୍କ ଅନ୍ତର୍ଗତ ନଅବର୍ଷ କାଳ ୱକାଲତେ ଇଶାଅତ୍‌ରେ କାମ କରିଛନ୍ତି । ତାଙ୍କର ଅସ୍ତିତ୍ୱ ଖିଲାଫତ୍ ସହିତ ପ୍ରେମ ଏବଂ ସମ୍ମାନରେ ପରିପୂର୍ଣ୍ଣ ଥିଲା । ସେ ଅତ୍ୟନ୍ତ ସୁନ୍ଦର ଶୈଳୀରେ ନିଜ ସହିତ କାମ କରୁଥିବା ଲୋକମାନଙ୍କ ହୃଦୟ ମଧ୍ୟରେ ଉକ୍ତ ପ୍ରେମଭାବକୁ ଇଂଜେକ୍ଟ କରୁଥିଲେ । ଥରେ ମୋତେ ନିଜ ପାଖକୁ ଡକାଇ ବସାଇ କହିଲେ କି ହଜୁର୍‌ଙ୍କ ନିକଟକୁ ଫ୍ୟାକ୍‌ସ୍ ଲେଖୁଅଛି । ଏ କାମକୁ ବର୍ତମାନ କରିବାକୁ ହେବ । ପୁଣି ଫ୍ୟାକ୍‌ସ୍ ଲେଖିବା ଆରମ୍ଭ କଲେ । ଯେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଲ୍ ଖାମିସ୍ ଅ:ବ:ଅଙ୍କ ଶବ୍ଦକୁ ଲେଖି ସେଥିରେ ମଗ୍ନ ହୋଇଗଲେ ଓ ସେହି ଶବ୍ଦ ଉପରେ କିଛି ମିନିଟ୍ ପର୍ଯ୍ୟନ୍ତ ଆଖି ପକାଇ ରଖିଲେ ଓ ପୁଣି ବହୁତ ଭାବ ବିହୋଳ ଶୈଳୀରେ ଖିଲାଫତ୍ ସମ୍ବନ୍ଧିତ ଆହୁରି ଅନେକ କଥାର ଚର୍ଚ୍ଚା କରି ଚାଲିଲେ ।

ସେ କହୁଛନ୍ତି କି– ନିଜ ଅନ୍ତର୍ଗତ କାର୍ଯ୍ୟ କରୁଥିବା କର୍ମୀମାନଙ୍କ ସହିତ ସ୍ନେହଭାବର ଏକ ଅଜବ ଧାରା ଥିଲା । ସେ କାହାକୁ ନିଜ ସମ୍ମୁଖରେ ଛିଡା ହେବାକୁ ଦେଉନଥିଲେ । ଭୀଷଣ ବେମାର ଓ ଦୁର୍ବଳତାର ଅବସ୍ଥାରେ ମଧ୍ୟ ସେ ଖୁସି ଜଣାପଡୁଥିଲେ । ଯଦି କେବେ କାହା ଉପରେ ଗୋଟିଏ ଦିନ ବିରକ୍ତ ହେଉଥିଲେ ତେବେ ତାପରେ ଆଉ ଦୁଇଦିନ ପର୍ଯ୍ୟନ୍ତ ତାକୁ ଏତେ ଖୁସି କରାଉଥିଲେ ଯେ ବେଳେବେଳେ ନିଜକୁ ଲଜ୍ଜିତ ଅନୁଭବ ହେଉଥିଲା । ଯେବେ କି ତାଙ୍କର ବିରକ୍ତିଭାବ କଣ ଥିଲା ? ଟିକିଏ ବଡପାଟିରେ କଥା କହିଦେଉଥିଲେ ନା କୌଣସି କଡା ଭାଷା ନା ହୃଦୟକୁ ଦୁଃଖ ଦେଉଥିବା କୌଣସି କଥା କହୁଥିଲେ । ଯଦି କାହାକୁ କାର୍ଯ୍ୟାଳୟରେ କଡା ଆଭିମୁଖ୍ୟ ଦେଖାଇବାର ଦେଖୁଥିଲେ ତେବେ ଏପରି ବ୍ୟବହାର ପାଇଁ ସେ ବିରକ୍ତି ଭାବ ପ୍ରକାଶ କରୁଥିଲେ ।

ମୁହମ୍ମଦ୍ ତଲ୍‌ହା ସାହେବ୍ ଯିଏ ଜାମିଆରେ ମୁତଖସସିନ୍ ବିଭାଗରେ ହଦିସ୍‌ର ଶିକ୍ଷକ ଅଛନ୍ତି ସେ କହୁଛନ୍ତି ତଖସୁସ୍ ସମୟରେ ପାଖାପାଖି ଏକବର୍ଷ ପର୍ଯ୍ୟନ୍ତ ମୋହତରମ୍ ମିର୍ଜା ଅନସ୍ ଅହେମଦ୍ ସାହେବ୍‌ଙ୍କଠାରୁ ମୋତେ ଏବଂ ମୋକରମ୍ ସୟଦ୍ ଫହଦ୍ ସାହେବ୍ ମୁରବୀ ସିଲ୍‌ସିଲାଙ୍କୁ ହଦିସ୍ ପଢ଼ିବାର ମୌକା ମିଳିଲା । ଅନ୍ୟାନ୍ୟ ଦାୟିତ୍ୱ ଏବଂ ସ୍ୱାସ୍ଥ୍ୟ ଖରାପ ହେବା ସତ୍ୱେ ମଧ୍ୟ ସେ ଯଥାସମ୍ଭବ ଏ ଚେଷ୍ଟା କରୁଥିଲେ କି କୌଣସି ଦିନ ଏପରି ନ ବିତୁ ଯେଉଁଦିନ ହଦିସ୍‌ର କ୍ଲାସ୍ ନହେବ । ଦିନେ ତାଙ୍କର ସ୍ୱାସ୍ଥ୍ୟ ବହୁତ ଖରାପ ହୋଇଯିବା ଯୋଗୁ ସେ ଦଫ୍‌ତର୍ ଆସିପାରିଲେ ନାହିଁ । ତେଣୁ ସେ ଆମକୁ ଦରଜ ଦେବାପାଇଁ ନିଜ ଘରକୁ ଡକାଇ ପଠାଇଲେ ।

ୱକାଲତ୍ ଇଶାଅତ୍‌ର ମୁରବୀ ଆସିଫ୍ ଅୱେସ୍ ସାହେବ୍ ଲେଖୁଛନ୍ତି କି ମୋର ନିଯୁକ୍ତି କିଛି ମାସ ପୂର୍ବେ ୱକାଲତେ ଇଶାଅତ୍ କାର୍ଯ୍ୟାଳୟରେ ହେଲା । ଏହି କିଛି ମାସ ମୋ ଜୀବନର ସ୍ମୃତିପୂର୍ଣ୍ଣ ଦିନ ଥିଲା । ମିଆଁ ସାହେବ୍ ପ୍ରତ୍ୟେକ ଅବସରରେ ମୋର ଅତ୍ୟନ୍ତ ଧ୍ୟାନ ରଖିଛନ୍ତି । ମୋର ଓ ତାଙ୍କ ବୟସ ମଧ୍ୟରେ ଅତି କମ୍‌ରେ ୫୫ବର୍ଷରୁ ଅଧିକା ଫରକ୍ ଥିଲା କିନ୍ତୁ ତାଙ୍କ ସହିତ ଏପରି ଅନୁଭବ ହେଉଥିଲା କି ଯେପରି ଏହି ବ୍ୟବଧାନ କିଛି ହିଁ ନାହିଁ । ତାଙ୍କର ବାର୍ତାଳାପ ମଧ୍ୟ ଉଚ୍ଚକୋଟୀର ଥିଲା । ପରିବେଶକୁ ଆନନ୍ଦମୟ କରିବା ପାଇଁ ଅଧିକାଂଶ ସମୟ ମଜାଳିଆ କଥା ମଧ୍ୟ କରୁଥିଲେ । ସେ କହୁଛନ୍ତି କି ତାଙ୍କଦ୍ୱାରା ଅନୁବାଦିତ ମସନଦ୍ ଅହେମଦ୍ ହମ୍ବଲ୍‌ର କାର୍ଯ୍ୟ ମୋତେ କରିବା ପାଇଁ ଦିଆଯାଇଥିଲା । ଏ ବୟସରେ ଓ ସ୍ୱାସ୍ଥ୍ୟ ଖରାପ ଥିବା ସତ୍ୱେ ମଧ୍ୟ ତାଙ୍କର କାର୍ଯ୍ୟ ଜାରି ରଖିବାର ସାହସ ମାତ୍ରାଧିକ ଥିଲା । ନିରାଶା ବା କାମ ସମ୍ପୂର୍ଣ୍ଣ ନ ହୋଇପାରିବାର ଧ୍ୟାନ ମଧ୍ୟ ସେ କେବେ ମନ ଭିତରକୁ ଆଣୁନଥିଲେ ।

ଜାମିଆ ଅହେମଦୀୟା ରବ୍‌ୱାର ଛାତ୍ର ମୁହମ୍ମଦ୍ କାଶିଫ୍ କହୁଛନ୍ତି କି ଏ ଅଧମ ମକାଲା (ନିବନ୍ଧ ଲେଖିବା) ସିଲ୍‌ସିଲାରେ ଯାହା ଖୋଲୋଫାଏ ଅହେମଦୀୟତ୍‌ଙ୍କ ପ୍ରାଇଭେଟ୍ ସେକ୍ରେଟାରୀଙ୍କ ସମ୍ବନ୍ଧିତ ଥିଲା, ବିଗତ କିଛି ମାସ ହେବ ମୁଁ ତାଙ୍କ ଗୋଚରେ ଅନେକ ଥର ହାଜର ହୋଇଛି । ଅଲ୍‌ହମ୍‌ଦୋଲିଲ୍ଲାଃ ସେ ଏ ଅଧମକୁ ଅତ୍ୟନ୍ତ ପ୍ରେମଭରା ବହୁତ ମୂଲ୍ୟବାନ ସମୟ ଦେଇଛନ୍ତି । ବେମାର ଅବସ୍ଥାରେ ମଧ୍ୟ ବହୁତ ତଫସିଲ୍ ଇଂଟର୍‌ଭ୍ୟୁ ଦେଇଛନ୍ତି । ଥରେ ବହୁତ ଦରଦ ଭରା କଂଠରେ କହିବାକୁ ଲାଗିଲେ କି ମଣିଷର ଚେଷ୍ଟା ଓ ପରିଶ୍ରମ କିଛି ନୁହେଁ । ଏହା ହେଉଛି ମୋ ଜୀବନର ସାରାଂଶ । ଯାହାକିଛି ଅଛି ତାହା ହେଉଛି ଅଲ୍ଲାଃତାଲାଙ୍କ କୃପା ଏବଂ ପୁଣି ଖିଲାଫତ୍ ସହିତ ସମ୍ବନ୍ଧିତ ।

ରବ୍‌ୱାରୁ ଆଶିଫ୍ ଅହେମଦ୍ ଜଫର୍ କହୁଛନ୍ତି କି ତାଙ୍କ ଦେହାନ୍ତ ହେବାର କିଛି ଦିନ ପୂର୍ବରୁ ସେ ତାହେର୍ ହାର୍ଟ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଆଡ୍‌ମିଟ୍ ହୋଇଥିଲେ । ତାଙ୍କୁ ଦେଖିବା ପାଇଁ ମୁଁ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ତା'ର ଦାୟୀ ତ କେବଳ କିଛି କଟୋରପନ୍ଥୀ ଓ ଚରମପନ୍ଥୀ ଲୋକେ ଥିଲେ । ମୁଁ ଏପରି ବ୍ୟକ୍ତି ନୁହେଁ ଯେ ସବୁ ମୁସଲ୍‌ମାନ୍‌ମାନଙ୍କୁ ଖରାପ କହିବି ବରଂ ମୋତେ ଭଲ ଓ ଖରାପ ବିଷୟରେ ଜ୍ଞାନ ଅଛି । ଯେତେବେଳେ ମୁଁ ଏଠାରେ ଆପଣଙ୍କ ଜଲ୍‌ସାରେ ଯୋଗଦେଲି ସେତେବେଳେ ମୋତେ ଆଉଏକ ପ୍ରକାରର ଇସ୍‌ଲାମ୍ ଦେଖିବାକୁ ମିଳିଲା । ଏପରି ଏକ ଇସ୍‌ଲାମ୍ ଯାହା ହେଉଛି ଶାନ୍ତିପ୍ରିୟ । ତେଣୁ ଏହା ମୋତେ ବହୁତ ଆଶ୍ୱାସନା ଆଣିଦେଲା ।

ମେମ୍ବର୍ ଅଫ୍ ଡଚ୍ ପାର୍ଲିଆମେଂଟ୍ ଏବଂ Kasterlee ସହରର ମେୟର୍ Ward kennes ସାହେବ୍ ମଧ୍ୟ ବେଲ୍‌ଜିୟମ୍‌ର ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ମୋତେ ଏକଥାରେ ବହୁତ ଖୁସି ଲାଗିଲା ଯେ ମୁଁ ଆଉଥରେ ପୁଣି ଆପଣମାନଙ୍କ ସହିତ ଉପସ୍ଥିତ ଅଛି ଏବଂ ମୋତେ ଆଉଗୋଟିଏ ଜଲ୍‌ସାସାଲାନାରେ ଯୋଗ ଦେବାପାଇଁ ଅବସର ମିଳିଛି । ମୋତେ ବିଭିନ୍ନ ସମୟରେ ଖଲିଫାଙ୍କ ସହିତ ମଧ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ମିଳିଛି ଓ ମୁଁ ଅଭିଭାଷଣ ଗୁଡିକ ମଧ୍ୟ ଶୁଣିଛି । ମୋତେ ଏକଥା ବହୁତ ଭଲ ଲାଗିଲା ଯେ ଆପଣଙ୍କ ଖଲିଫା ବ୍ୟକ୍ତିଗତ, ପାରିବାରିକ ଏବଂ ସାମୂହିକ ରୂପେ ପୃଥିବୀର ଶାନ୍ତି ନିମନ୍ତେ ଉପଦେଶ ଦେଉଛନ୍ତି । ଏକଥା ମୋତେ ବହୁତ ଗୁରୁତ୍ୱ ବୋଲି ହୃଦ୍‌ବୋଧ ହେଲା । ମୋତେ ସେତେବେଳେ ଖଲିଫାଙ୍କ ସହିତ ସାକ୍ଷାତ୍ କରିବାର ମଧ୍ୟ ସୌଭାଗ୍ୟ ମିଳିଥିଲା ଯେତେବେଳେ ମୁଁ ମୋ ପରିବାର ସହିତ ୟୁ.କେ ଜଲ୍‌ସାସାଲାନାରେ ଯାଇ ଯୋଗ ଦେଇଥିଲି । ଏବଂ ଯେତେବେଳେ ଆଜି ମଧ୍ୟ ମୋତେ ଏ ଜଲ୍‌ସା ଅବସରରେ ଖଲିଫାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ମିଳିଲା ସେତେବେଳେ ମୁଁ ତାଙ୍କୁ ବେଲ୍‌ଜିୟମ୍ ଆସିଥିବା ଯୋଗୁଁ ଧନ୍ୟବାଦ ଅର୍ପଣ କଲି କି ଆପଣ ନିଜ ଜମାତ୍‌ର ଲୋକମାନଙ୍କୁ ଶାନ୍ତିର ଶିକ୍ଷା ଦେଉଅଛନ୍ତି । ମୁଁ ଯେତେବେଳେ ମଧ୍ୟ ଆସୁଛି ବହୁତ ଆଶ୍ଚର୍ଯ୍ୟ ହେଉଛି ଯେ ଏଠିକାର ବ୍ୟବସ୍ଥା ବହୁତ ଉତମ । ସିକ୍ୟୁରିଟି, ଖାଦ୍ୟବ୍ୟବସ୍ଥା, ଅଭ୍ୟର୍ଥନା ଏବଂ ଅତିଥି ପରାୟଣତା ପ୍ରତ୍ୟେକ ଜିନିଷର ସୁନ୍ଦର ରୂପେ ବ୍ୟବସ୍ଥା କରାଯାଏ ଏବଂ ଏକଥା ମଧ୍ୟ ଚର୍ଚ୍ଚା କରିବା ଯୋଗ୍ୟ ଯେ ଜମାତ୍‌ର ବହୁସଂଖ୍ୟକ ଲୋକେ ଏକାର୍ଯ୍ୟକୁ ନିଃସ୍ୱାର୍ଥପର ସେବା ଦ୍ୱାରା କରିଥାନ୍ତି । ମୋ ସହରରେ ଏତେ ମାତ୍ରାରେ ଅହେମଦୀ ଲୋକ ତ ନାହାଁନ୍ତି କିନ୍ତୁ ମୋ ରିଜିଅନ୍‌ରେ ବହୁତ ଅହେମଦୀ ବସବାସ କରୁଛନ୍ତି । ସେମାନଙ୍କ ସହିତ ମୋର ଯୋଗାଯୋଗ ରହିଛି । ଆମେ ଅହେମଦୀ ମାନଙ୍କ ସହିତ ମିଶି ଚ୍ୟାରିଟି କାର୍ଯ୍ୟ ସମ୍ପାଦନ କରୁଅଛୁ ।

ବେଲ୍‌ଜିୟମ୍‌ର ସହର ଟ୍ରନ୍‌ହାଉଟ୍ ର ପୂର୍ବତନ ମେୟର୍ ଏବଂ ବର୍ତମାନର କାଉନ୍‌ସିଲର୍ Francis Stijnen ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଜମାତ୍ ଅହେମଦୀୟାର ଲୋକମାନଙ୍କ ସହିତ ମୋର ପ୍ରଥମ ସାକ୍ଷାତ୍‌କାର ଟ୍ରନ୍‌ହାଉଟ୍‌ଠାରେ ହୋଇଥିଲା ଏବଂ ସେବେଠାରୁ ଜମାତ୍ ସହିତ ମୋର ଅନବରତ ଯୋଗାଯୋଗ ରହିଛି । ତା ମାଧ୍ୟମରେ ଆପଣଙ୍କ ଜମାତ୍ ସମ୍ବନ୍ଧରେ ପରିଚୟ ମିଳିଲା ଏବଂ ଆପଣଙ୍କ ଶିକ୍ଷା ସମ୍ବନ୍ଧରେ ମଧ୍ୟ ଜାଣିବାକୁ ମିଳିଲା । ଯେପରିକି ଆପଣ ଜାଣିଛନ୍ତି ଯେ ବେଲ୍‌ଜିୟମ୍‌ର ଅଧିକାଂଶ ଲୋକେ ହେଉଛନ୍ତି କ୍ୟାଥୋଲିକ୍ ସମ୍ପ୍ରଦାୟର ଏବଂ ଆମ ଦେଶରେ ଧିରେଧିରେ ଅଧିକରୁ ଅଧିକ ମୁସଲ୍‌ମାନ୍ ସମ୍ପ୍ରଦାୟର ଲୋକ ବେଲ୍‌ଜିୟମ୍ ଆସୁଛନ୍ତି । ସେଇଥିପାଇଁ ଆମପାଇଁ ଏହା ଜରୁରୀ ଅଟେ କି ଯେଉଁ ମୁସଲ୍‌ମାନମାନେ ଏଠାକୁ ଆସୁଛନ୍ତି ସେମାନଙ୍କର ଅସଲ ଧର୍ମ କର ତାହା ଆମେ ଜାଣିବୁ । ଯଦ୍ୱାରା ସେମାନଙ୍କ ସହିତ ମିଶି ବସବାସ କରାଯାଇପାରିବ । ଆପଣଙ୍କ ଜଲ୍‌ସାସାଲାନାରେ ଯୋଗ ଦେବାର ମୋ ପାଇଁ ପ୍ରଥମ ଅବସର ନୁହେଁ । ମୁଁ ଏହା ପୂର୍ବରୁ ଜଲ୍‌ସାସାଲାନା ୟୁ.କେରେ ମଧ୍ୟ ସାମିଲ୍ ହୋଇଥିଲି ଏବଂ ଆଂଟୁଏର୍‌ପେନ୍ ଓ ବିଭିନ୍ନ ସହରରେ ଆପଣଙ୍କ ଜମାତ୍ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରୋଗ୍ରାମ୍‌ରେ ମୁଁ ଯୋଗ ଦେଇଛି । ମୋତ ଏକଥାରେ ବହୁତ ଖୁସି ଲାଗୁଛି ଯେ ଆପଣଙ୍କ ଜମାତ୍ ଶାନ୍ତିର ଶିକ୍ଷା ଦେଉଅଛି ଏବଂ ଏହିପରି ଜଲ୍‌ସାଲାନାରେ ସମସ୍ତ ସଦସ୍ୟ ଏକତ୍ରିତ ହେଉଛନ୍ତି ଏବଂ ମିଳିମିଶି ଶାନ୍ତିପ୍ରତି ପାଦ ବଢ଼ାଇବା ପାଇଁ ଚେଷ୍ଟା କରୁଅଛନ୍ତି । ଶାନ୍ତିର ବାର୍ତା ତାହା ଛୋଟମାତ୍ରାରେ ହେଉ ବା ବଡମାତ୍ରାରେ, ଅତ୍ୟନ୍ତ ଜରୁରୀ ଅଟେ । ମୁଁ ଆପଣଙ୍କ ଖଲିଫାଙ୍କର ୟୁରୋପୀୟନ୍ ଆସେମ୍ବ୍‌ଲୀରେ ଦେଇଥିବା ଅଭିଭାଷଣକୁ ଶୁଣିଛି, ଯେଉଁଥିରେ ସେ ଶାନ୍ତି ଶିକ୍ଷା ପ୍ରଦାନ କରିଛନ୍ତି । ଯେତେବେଳେ ଆମେ ଶାନ୍ତି ଓ ସୌହାର୍ଦ୍ଦ୍ୟର ଶିକ୍ଷାକୁ ପ୍ରସାର ପ୍ରଚାର କରିବା ସେତେବେଳେ ହିଁ ଆମେ ଏକାଠି ମିଳିମିଶି ରହିପାରିବା । ଏକଥା ଗୋଟିଏ ସମାଜ ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ଏବଂ ଆପଣଙ୍କ ଜମାତ୍‌ର ଖଲିଫା ମଧ୍ୟ ଓ ଆପଣଙ୍କ ଜମାତ୍‌ର ସଦସ୍ୟମାନେ ମଧ୍ୟ ଶାନ୍ତି ଶିକ୍ଷାକୁ ପ୍ରସାର ପ୍ରଚାର କରୁଛନ୍ତି । ଏବଂ ତା ଉପରେ ପରିଚାଳିତ ମଧ୍ୟ ହେଉଛନ୍ତି ।

ଅହେମଦୀମାନଙ୍କ ଆଜାଇଲମ୍ (ଶରଣ ନେବା) କେସ୍‌କୁ ପରିଚାଳିତ କରୁଥିବା ଦୁଇଜଣ ଓକିଲ ମିଷ୍ଟର୍ ରବର୍ଟ୍ ଏବଂ ମିସ୍ କେଟ୍‌ରିନ୍ ମଧ୍ୟ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେମାନେ କହୁଛନ୍ତି:- ''କୌଣସି ପ୍ରଥା, ବିଶ୍ୱାସ ବା ଧର୍ମ ସହିତ ଆମର ସମ୍ପର୍କ ନାହିଁ । ଆମେ ପଛଥରକ ଜମାତ୍‌ର ପିସ୍ ସିମ୍ପୋଜିୟମ୍‌ରେ ଯୋଗ ଦେଇଥିଲୁ । କିନ୍ତୁ ଏଥରକ ଆମେ ଅଧଘଂଟା ପାଇଁ ଏ ଜଲ୍‌ସା ଦେଖିବା ପାଇଁ ଆସିଥିଲୁ । କିନ୍ତୁ ଏଠିକାର ଶାନ୍ତିପୁର୍ଣ୍ଣ ପରିବେଶକୁ ଦେଖି ଓ ଲୋକମାନଙ୍କ ପ୍ରେମଭାବକୁ ଦେଖି ହୃଦୟ ବହୁତ ଆନନ୍ଦିତ ହେଲା । ଏବଂ ପ୍ରଥମଥର ପାଇଁ ଏତେବଡ ସଂଖ୍ୟାର କୌଣସି ମୁସ୍‌ଲିମ୍ ସମ୍ପ୍ରଦାୟର ପ୍ରୋଗ୍ରାମ୍‌ରେ ଯୋଗଦେବା ପାଇଁ ଅବସର ମିଳିଲା । ଏବଂ ଆମେ ଏଠି ଚାରିଘଂଟା ବିତାଇଥିଲେ ମଧ୍ୟ ସମୟ କିଛି ଜଣାପଡିଲା ନାହିଁ । ସେମାନେ ଏକଥା କହିଲେ:- ଯେବେ ଜମାତ୍‌ର ଖଲିଫା ସନ୍ଧ୍ୟା ସମୟରେ ନମାଜ ପାଠ କରିବା ପାଇଁ ଆସିଲେ ସେତେବେଳେ ପ୍ରତ୍ୟେକ ବ୍ୟକ୍ତି ଆନନ୍ଦିତ ଥିଲେ ଓ ତାଙ୍କୁ ଦେଖିବା ପାଇଁ ଉତ୍ସାହିତ ଥିଲେ । ଏହିପରି ଆମେ ମଧ୍ୟ ତାଙ୍କୁ ଦୂରରୁ ଦେଖିବାକୁ ପାଇଲୁ କି ଜଣେ ଆକର୍ଷଣୀୟ ବ୍ୟକ୍ତି ଷ୍ଟେଜ୍ ଉପରକୁ ଆସିଛନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜ ଖଲିଫାଙ୍କ ସହିତ ପ୍ରେମଭାବ ପରିପ୍ରକାଶ କରୁଥିଲା ।

ସେହିପରି Uccle ମସ୍‌ଜିଦ୍‌ର ଆର୍କିଟେକ୍ଟ୍ Mr. Philip Lammenଙ୍କୁ ନିଜ ଅର୍ଦ୍ଧାଙ୍ଗିନୀଙ୍କ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସଙ୍ଗେ ସାକ୍ଷାତ୍ କରିବା ପାଇଁ ସୌଭାଗ୍ୟ ମିଳିଲା । ସେ କହୁଛନ୍ତି କି:- ମୋ ପାଇଁ ଖଲିଫାଙ୍କ ସହିତ ସାକ୍ଷାତ୍‌କାର୍ ଗୋଟିଏ Fascinating ଅନୁଭବ ଥିଲା । ଏପରି ଲାଗୁଥିଲା ଯେପରି ବାସ୍ତବରେ ମୁଁ Jesus ଙ୍କ ସମ୍ମୁଖରେ ବସିଅଛି । ପୁଣି ସେ କହିଲେ କି ଯେପରି ପିଲାଦିନେ Jesus ଙ୍କ ଛବି ମନରେ ଥିଲା ସେହିଛବିକୁ ଜମାତ୍‌ର ଖଲିଫାଙ୍କ ସହିତ ସାକ୍ଷାତ୍ କରିବାପରେ ବାସ୍ତବରେ ଅନୁଭବ ହେଲା । (ବହଓ୍ୱାଲା ଅଖ୍‌ବାର୍ ବଦର୍ ୨୨, ୨୯ ନଭେମ୍ବର୍ ୨୦୧୮)

## ଜମାତ୍‌ର ଲୋକମାନେ ବହୁମାତ୍ରାରେ ଏହି ଦୁଆଗୁଡିକୁ ପାଠ କରନ୍ତୁ ।

ବ୍ରିଟେନ୍ ଜଲ୍‌ସାସାଲାନାର ପ୍ରଥମଦିନ ତା-୦୩ ଅଗଷ୍ଟ ୨୦୧୮ ରିଖ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଉଦ୍‌ଘାଟନୀ ଅଭିଭାଷଣରେ ଜମାତ୍‌ର ଲୋକମାନଙ୍କୁ ବହୁମାତ୍ରାରେ ଦରୁଦ୍ ଶରିଫ୍ ପଢ଼ିବା ଓ ନିମ୍ନଲିଖିତ ଦୁଆଗୁଡିକୁ ପାଠ କରିବା ନିମନ୍ତେ ତହ୍‌ରିକ୍ କରିଛନ୍ତି ।

(1) اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا صَلَّيْتَ عَلٰى اٰلِ اِبْرَاهِيْمَ وَعَلٰى اٰلِ اِبْرَاهِيْمَ اِنَّكَ حَمِيْدٌ مَّجِيْدٌ اَللّٰهُمَّ بَارِكْ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا بَارَكْتَ عَلٰى اِبْرَاهِيْمَ وَعَلٰى اٰلِ اِبْرَاهِيْمَ اِنَّكَ حَمِيْدٌ مَّجِيْدٌ۔

ଅନୁବାଦ:- ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍ (ବଂଶଜ)ଙ୍କ ଉପରେ ଦରୁଦ୍ ପ୍ରେରଣ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଉପରେ ଏବଂ ତାଙ୍କ ଆଲ୍‌ଙ୍କ ଉପରେ ଦରୁଦ୍ ପ୍ରେରଣ କରିଅଛ । ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କରିଥିଲ । ତୁମେ ହେଉଛ ବହୁତ ପ୍ରଶଂସିତ (ଓ) ଗୌରବମୟ ।

(2) رَبَّنَا لَا تُزِغْ قُلُوْبَنَا بَعْدَ اِذْ هَدَيْتَنَا وَهَبْ لَنَا مِنْ لَّدُنْكَ رَحْمَةً ۚ اِنَّكَ اَنْتَ الْوَهَّابُ (آل عمران:9)

ଅନୁବାଦ:- ହେ ଆମର ପାଳନକର୍ତା ! ତୁମେ ଆମମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟୀଳ କରନାହିଁ ଏବଂ ତୁମ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର । ବାସ୍ତବରେ ତୁମେ ହିଁ ମହାନ୍ ଦାତା । (ଆଲେ ଇମ୍‌ରାନ୍:୯)

(3) رَبَّنَا اغْفِرْ لَنَا ذُنُوْبَنَا وَاِسْرَافَنَا فِيْۤ اَمْرِنَا وَثَبِّتْ اَقْدَامَنَا وَانْصُرْنَا عَلَى الْقَوْمِ الْكٰفِرِيْنَ (آل عمران:148)

ଅନୁବାଦ:- ହେ ଆମର ପାଳନକର୍ତା ! ଆମମାନଙ୍କର ତ୍ରୁଟିଗୁଡିକୁ ଆମମାନଙ୍କର କର୍ତବ୍ୟରେ ସୀମା ଲଘଂନକୁ ମାର୍ଜନା କର ଏବଂ ଆମମାନଙ୍କର ପାଦକୁ ସୁଦୃଢ଼ କର ଏବଂ ଅବିଶ୍ୱାସକାରୀମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର । (ଆଲେ ଇମ୍‌ରାନ୍:୧୪୮)

(4) رَبَّنَا ظَلَمْنَاۤ اَنْفُسَنَا ٚ وَاِنْ لَّمْ تَغْفِرْ لَنَا وَتَرْحَمْنَا لَنَكُوْنَنَّ مِنَ الْخٰسِرِيْنَ (الاعراف:24)

ଅନୁବାଦ:- ହେ ଆମର ପାଳନକର୍ତା ! ଆମେ ନିଜେ ନିଜ ଉପରେ ଅତ୍ୟାଚାର କରିଅଛୁ ଏବଂ ଯଦି ତୁମେ ଆମମାନଙ୍କୁ କ୍ଷମା ନକରିବ ଓ ଆମମାନଙ୍କ ପ୍ରତି କରୁଣା ନକରିବ ତେବେ ଆମେମାନେ କ୍ଷତିଗ୍ରସ୍ତମାନଙ୍କ ମଧରେ ଅନ୍ତର୍ଭୁକ୍ତ ହେବୁ । (ଅଲ୍ ଆରାଫ୍:୨୪)

(5) رَبَّنَاۤ اٰتِنَا فِي الدُّنْيَا حَسَنَةً وَّفِي الْاٰخِرَةِ حَسَنَةً وَّقِنَا عَذَابَ النَّارِ (البقرہ:202)

ଅନୁବାଦ:- ହେ ଆମର ପାଳନକର୍ତା ! ତୁମ୍ଭେ ଆମମାନଙ୍କୁ (ଏହି) ପୃଥିବୀର ସଫଳତା ପ୍ରଦାନ କର ଓ ପରକାଳରେ (ମଧ୍ୟ) ସଫଳତା ପ୍ରଦାନ କର ଏବଂ ଆମମାନଙ୍କୁ ନରକାଗ୍ନି ଶାସ୍ତିରୁ ରକ୍ଷାକର । (ଅଲ୍ ବକ୍‌ରାଃ:୨୦୨)

(6) اَللّٰهُمَّ اِنَّا نَجْعَلُكَ فِيْ نُحُوْرِهِمْ وَنَعُوْذُبِكَ مِنْ شُرُوْرِهِمْ

ଅନୁବାଦ:- ହେ ଆମର ପାଳନକର୍ତା ! ଆମେ ତୁମକୁ ସେମାନଙ୍କ ହୃଦୟରେ ରଖୁଅଛୁ । (ଅର୍ଥାତ୍ ତୁମର ରୋବ ଏବଂ ଭୟ ସେମାନଙ୍କ ହୃଦୟ ଭିତରେ ଭରିଯାଉ) ଏବଂ ସେମାନଙ୍କ ଦୁଷ୍ଟାମିରୁ ତୁମ ଶରଣ ଭିକ୍ଷା କରୁଅଛୁ । (ଅବୁଦାଉଦ୍, କିତାବ୍ ଫଜାଏଲୁଲ୍ କୁର୍‌ଆନ୍)

(7) رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

ଅନୁବାଦ:- ହେ ମୋର ପାଳନକର୍ତା ! ପ୍ରତ୍ୟେକ ବସ୍ତୁ ହେଉଛି ତୁମର ସେବକ । ପୁଣି ହେ ମୋର ପାଳନକର୍ତା ! ଦୁଷ୍ଟମାନଙ୍କ ଦୁଷ୍ଟାମୀରୁ ମୋତେ ସୁରକ୍ଷା ପ୍ରଦାନ କର ଓ ମୋତେ ସାହାଯ୍ୟ କର ଓ ମୋ ଉପରେ କରୁଣା କର । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏଲ୍‌ହାମି ଦୁଆ)

⌘⌘⌘ ⌘⌘⌘ ⌘⌘⌘

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*The Weekly Qadian* **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.4 Thursday 24 January 2019 Issue No.4**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ବେଲ୍‌ଜିୟମ୍ ଗସ୍ତ - (ସେପ୍ଟେମ୍ବର ୨୦୧୮)

## ୧୬ ସେପ୍ଟେମ୍ବର ୨୦୧୮ (ରବିବାର) ରିପୋର୍ଟ୍‌ର ବଳକା ଅଂଶ ।

## ଫ୍ୟାମିଲି ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ୭:୨୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌ରେ ପଦାର୍ପଣ କଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାର ଏହି ଶେସନ୍‌ରେ ୨୨ଟି ଫ୍ୟାମିଲି ଏବଂ ଅନ୍ୟାନ୍ୟ ୧୨ଜଣ ସଦସ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍ କରିଥିବା ସମସ୍ତ ଲୋକମାନଙ୍କର ମୋଟ ସଂଖ୍ୟା ୧୦୦ରୁ ଅଧିକା ଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର ପୁଅଝିଅମାନଙ୍କୁ ବହୁତ ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ । ପ୍ରତ୍ୟେକ ବ୍ୟକ୍ତି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ଆଜି ସାକ୍ଷାତ୍ କରିଥିବା ଲୋକମାନଙ୍କ ମଧ୍ୟରେ ବେଲ୍‌ଜିୟମ୍‌ର ୮ଟି ଜମାତ୍‌ରୁ ଆସିଥିବା ସଦସ୍ୟମାନେ ଓ ଫ୍ୟାମିଲି ଗୁଡ଼ିକ ବ୍ୟତୀତ ଫ୍ରେନ୍‌ଚ ଗୟାନାରୁ ଜଣେ ମହିଳା ନୁଆ ଅହେମଦୀ Linda Dilaire ସାହିବା ମଧ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- କୌଣସି ଜଲ୍‌ସାସାଲାନାରେ ମୁଁ ଯୋଗ ଦେଇଥିବାର ଏହା ପ୍ରଥମ ଅବସର ଥିଲା । ଏଠାରେ ଲଜ୍‌ନାମାନେ ମୋର ଉତମ ରୂପେ ଧ୍ୟାନ ରଖିଲେ ଯାହା ମୋ ମନ ଉପରେ ଗଭୀର ପ୍ରଭାବ ପକାଇଛି । ମୋତେ ଏଠାରେ ଜଲ୍‌ସାର ଭାଷଣଗୁଡ଼ିକ ଶୁଣିବାକୁ ଅବସର ମିଳିଲା । ଉକ୍ତ ଭାଷଣଗୁଡ଼ିକ ମୋ ଇମାନ୍‌କୁ ଦୃଢ଼ କରିଛି । ମୁଁ ଏକଥା ନିଶ୍ଚିତ ରୂପେ କହିପାରିବି ଯେ ଏ ଜଲ୍‌ସା ମୋ ଆଧ୍ୟାତ୍ମିକତାରେ ବହୁତ ଉନ୍ନତି ଆଣିଦେଇଛି । ଏଠି ଜଲ୍‌ସାର ପରିବେଶ ଓ ଲୋକମାନଙ୍କର ଆପୋଷରେ ମିଳାମିଶାକୁ ଦେଖି ମୋତେ ଏପରି ଲାଗିଲା ଯେପରି ଏମାନେ ସମସ୍ତେ ହେଉଛନ୍ତି ଗୋଟିଏ କୁଟୁମ୍ବର ଲୋକେ ।

ଏ ଜଲ୍‌ସାସାଲାନାରେ ସାମିଲ୍ ହେବାର ମୋର ଗୋଟିଏ ଉଦ୍ଦେଶ୍ୟ ଏହା ମଧ୍ୟ ଥିଲା କି ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଦର୍ଶନ କରିବି ଓ ମୋତେ ସାକ୍ଷାତ୍ କରିବାର ସୁଯୋଗ ମଧ୍ୟ ମିଳିବ । ସୁତରାଂ ଏଠାରେ ମୋତେ ହଜୁର୍ ଅନୁଓ୍ୱର୍‌ଙ୍କ ଦର୍ଶନ କରିବାର ସୌଭାଗ୍ୟ ମିଳିଲା । ତତ୍‌ସହିତ ସାକ୍ଷାତ୍ ମଧ୍ୟ କଲି । ହଜୁର୍ ଅନୁଓ୍ୱର୍‌ଙ୍କ ପଛରେ ନମାଜ ପାଠ କଲି । ମୁଁ ଏଠାରେ ବହୁତ କିଛି ପାଇଲି । ଏବଂ ଇନ୍‌ଶାଅଲ୍ଲାଃ ଆସନ୍ତାକୁ ମଧ୍ୟ ଜଲ୍‌ସାସାଲାନାରେ ସାମିଲ୍ ହେବି ।

## ତକ୍‌ରିବେ ଆମୀନ୍ (ଆମିନ୍ ଉତ୍ସବ)

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୮:୪୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଟେଂଟ୍ ଭିତରକୁ ପ୍ରବେଶ କଲେ, ଯେଉଁଠି ପ୍ରୋଗ୍ରାମ୍ ମୁତାବକ ତକ୍‌ରିବେ ଆମୀନ୍ ଅନୁଷ୍ଠିତ ହେଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିମ୍ନଲିଖିତ ୨୫ଜଣ ପୁଅ ଓ ଝିଅମାନଙ୍କଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ପରିଶେଷରେ ଦୁଆ କରାଇଲେ ।

ଅଜିଜମ୍ ମୁହମ୍ମଦ୍ ତାହେର୍, ଖ୍ୱାଜା ଜିଶାନ୍ ତାରିକ୍, ହମ୍‌ଜାବିନ୍ ସାଆଦ୍, ଅଫରାଜ୍ ଖାନ୍, ତାହେର୍ ଅହେମଦ୍, ଫାତେହ୍ ଖାଲିକ୍, ମୁଦବ୍‌ବିର୍ ଅହେମଦ୍, ସଫିର୍ ଅହେମଦ୍, ଦାନିୟାଲ୍ ଅହେମଦ୍, ଜିଶାନ୍ ଅହେମଦ୍, ସଲ୍‌ମାନ୍ ଖଲିଲ୍ ।

ଅଜିଜା ଫରିହା କୁଦୁସ୍, ହିବା ଆତିଫ୍, ରମିୟା ନୁର୍, ବାରିୟା ତହ୍‌ସିନ୍, ସବିକା ଅହେମଦ୍, ଅଏଶା ଅହେମଦ୍, ନାୟାବ୍ ଶକୁର୍, ରୁକ୍‌ସାର୍ ବଶିର୍, ଦୁର୍‌ରେ ମକ୍‌ନୁନ୍ ଏବଂ Taiel ଅହେମଦ୍ ।

ତକ୍‌ରିବେ ଆମୀନ୍ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ମଗ୍‌ରିବ୍ ଏବଂ ଇସା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଜମାତ୍ ଅହେମଦୀୟା ବେଲ୍‌ଜିୟମ୍‌ର ଏହା ୨୫ତମ ଜଲ୍‌ସାସାଲାନା ଥିଲା ଯେଉଁଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସ୍ୱୟଂ ନିଜେ ଯୋଗ ଦେଇଥିଲେ । ଏହା ପୂର୍ବରୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ୧୪ବର୍ଷ ପୂର୍ବେ ୨୦୦୪ ମସିହାରେ ବେଲ୍‌ଜିୟମ୍‌ର ଜଲ୍‌ସାସାଲାନାରେ ଯୋଗ ଦେଇଥିଲେ । ସେ ସମୟରେ ଜଲ୍‌ସାସାଲାନା ମିଶନ୍ ହାଉସ୍‌ର ପ୍ରାଙ୍ଗଣରେ ଲଗାଯାଇଥିବା ଗୋଟିଏ ବଡ ଟେଂଟ୍ ଅନୁଷ୍ଠିତ ହୋଇଥିଲା । ଏବଂ ସେହି ଜଲ୍‌ସାସାଲାନାରେ ୯୮୦ଜଣ ଉପସ୍ଥିତ ଥିଲେ । ଆଜି ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ୨୦୧୮ର ଜଲ୍‌ସାସାଲାନା ବେଲ୍‌ଜିୟମ୍‌ରେ ଯୋଗ ଦେଇଥିବା ସଦସ୍ୟମାନଙ୍କର ସଂଖ୍ୟା ପାଖାପାଖି ୪୦୦୦ ଥିଲା ଓ ଜଲ୍‌ସା ପରିଚାଳନା ନିମନ୍ତେ ଏକ ବିଶାଳ ହଲ୍ ଅଧିଗ୍ରହଣ କରାଯାଇଛି । ବେଲ୍‌ଜିୟମ୍‌ର ସମସ୍ତ ୧୪ଗୋଟି ଜମାତ୍‌ରୁ ଜମାତ୍ ଅହେମଦୀୟାର ସଦସ୍ୟଗଣ ଏହି ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ଏତଦ୍‌ବ୍ୟତୀତ ଜମାତ୍ ଅହେମଦୀୟା ଜଲ୍‌ସାର ଇତିହାସରେ ପ୍ରଥମଥର ପାଇଁ ପୃଥିବୀର ବିଭିନ୍ନ ଦେଶରୁ ଜମାତ୍ ଅହେମଦୀୟାର ସଦସ୍ୟମାନେ ଓ ଫ୍ୟାମିଲି ଗୁଡ଼ିକ ୨୦୦୦ରୁ ଅଧିକ ସଂଖ୍ୟାରେ ସାମିଲ୍ ହୋଇଛନ୍ତି । ନିମ୍ନଲିଖିତ ଦେଶଗୁଡ଼ିକରୁ ଜମାତ୍‌ର ସଦସ୍ୟମାନେ ଆସି ସାମିଲ୍ ହୋଇଥିଲେ:-

କାନାଡା, ଫ୍ରାନ୍‌ସ୍, ଜର୍ମାନୀ, ହଲାଣ୍ଡ୍, ଆୟାର୍‌ଲାଣ୍ଡ୍, ୟୁ.କେ, ସ୍ୱିଡେନ୍, ପୋଲାଣ୍ଡ୍, ନର୍‌ୱେ, ୟୁ.ଏସ୍.ଏ, ଇଣ୍ଡୋନେସିଆ, ପାକିସ୍ତାନ୍, ଘାନା, ଗାମ୍ବିୟା, ମାଲି, ନାଇଜର୍, ଲାଇବେରିୟା, ୟୁଗାଣ୍ଡା, ଟୋଗୋ, ତନ୍‌ଜାନିଆ, ମରିସସ୍, ଫ୍ରେନ୍‌ଚ୍ ଗୟାନା, ମାୟୁଟି ଆଇଲାଣ୍ଡ୍, ଗ୍ୱାଦେଲୁପ୍, ଇଣ୍ଡିଆ, ୟୁ.ଏ.ଇ, କଙ୍ଗୋ କନ୍‌ଶାସା ଏବଂ କଙ୍ଗୋ ବ୍ରାଜାଓ୍ୱିଲ୍ ।

## ୧୬ ସେପ୍ଟେମ୍ବର୍ ୨୦୧୮ (ରବିବାର) ର ବଳକା ରିପୋଟ୍

ଜମାତ୍ ଅହେମଦୀୟା ବେଲ୍‌ଜିୟମ୍ ଅଲ୍ଲାଃତାଲାଙ୍କ ଦୟାବଳରୁ ପ୍ରତ୍ରେକ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ସୌଭାଗ୍ୟ ପାଉଛନ୍ତି ଏବଂ ଉନ୍ନତିର ନୁଆ ନୁଆ ମାଇଲ୍‌ଖୁଂଟ ଅତିକ୍ରମ କରି ସଫଳତାର ନୁଆ ନୁଆ କ୍ଷେତ୍ରରେ ପ୍ରବେଶ କରୁଛନ୍ତି । ଜଲ୍‌ସାସାଲାନା ବେଲ୍‌ଜିୟମ୍‌ରେ ବିଭିନ୍ନ ଦେଶରୁ ସରକାରୀ ଅତିଥିମାନେ ଆସି ଯୋଗ ଦେଇଛନ୍ତି । ସେମାନଙ୍କ ମଧ୍ୟରୁ କିଛି ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରିଛନ୍ତି ।

ମେମ୍ବର୍ ଅଫ୍ ଫ୍ଲେମିସ୍ ପାର୍ଲିଆମେଂଟ୍ ଏବଂ ଡେଜେଲ୍‌ର ମେୟର୍ Chris Van Dijck ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି- ଅହେମଦୀୟା ମୁସ୍‌ଲିମ୍ ଜମାତ୍‌ର ପ୍ରତିନିଧି ମଣ୍ଡଳ ଅନେକ ବର୍ଷ ହେବ ମୋ ସହିତ ଆସି ସାକ୍ଷାତ୍ କରୁଛନ୍ତି । ଆମେ ସର୍ବଦା ମାନବିକତା, ଧର୍ମର ସ୍ଥାନ ଏବଂ ଇସ୍‌ଲାମ୍ ସମ୍ବନ୍ଧରେ ହୃଦୟସ୍ପର୍ଶୀ ଭାବନାର ଆଦାନ ପ୍ରଦାନ କରୁଅଛୁ । ଏବର୍ଷ ମଧ୍ୟ ମୋତେ ଏ ଅବସର ମିଳିଲାଯେ ମୁଁ ୧୫ସେପ୍ଟେମ୍ବର୍ ଦିନ ଆପଣଙ୍କ ଜଲ୍‌ସାସାଲାନାରେ ଯୋଗଦେଇପାରିଲି ଏବଂ ଆପଣଙ୍କ ଖଲିଫାଙ୍କ ସହିତ ମଧ୍ୟ ମୋର ସାକ୍ଷାତ୍‌କାର୍ ହେଲା । ଯେତେବେଳେ ମୁଁ ଆପଣମାନଙ୍କ ଜଲ୍‌ସାସାଲାନାରେ ପହଂଚିଲି, ସେ ସମୟରେ ଆପଣମାନଙ୍କ ଜଲ୍‌ସାର ଦ୍ୱିତୀୟ ଦିନର ସଭା ଶେଷ ହେଉଥିଲା । ସେଥିରେ ୩୦୦୦ରୁ ଅଧିକା ସଦସ୍ୟ ଯୋଗ ଦେଇଥିଲେ । ମୋତେ ଏବଂ ମୋର ସହକର୍ମୀଙ୍କୁ ଜଲ୍‌ସାସାଲାନାର ପ୍ରସ୍ତୁତି ସମ୍ବନ୍ଧରେ ସଂକ୍ଷିପ୍ତ ଓ ସୁଚାରୁରୂପେ ପରିଦର୍ଶନ କରାଇ ଦିଆଗଲା । ଆପଣଙ୍କ ଧର୍ମ ସମ୍ବନ୍ଧରେ ଆହୁରି କିଛି ଅଧିକା ପରିଚୟ ଦିଆଗଲା ଓ ଆମକୁ ଏକଥା ବତାଇ ଦିଆଗଲା ଯେ କିପରି ଜଲ୍‌ସାର ଆୟୋଜନ କରାଯାଉଛି । ସୁରକ୍ଷା ବ୍ୟବସ୍ଥା ମଧ୍ୟ ଦେଖିଲୁ । ପବିତ୍ର କୁର୍‌ଆନ୍‌ର ବିଭିନ୍ନ ଭାଷାରେ ଅନୁବାଦ ହୋଇଥିବା ମଧ୍ୟ ଦେଖିଲୁ । ଜମାତ୍ ଅହେମଦୀୟା ସମାଜ୍‌ରେ ଯେଉଁସବୁ ଉନ୍ନତିମୂଳକ ଏବଂ ଗଠନମୂଳକ କାର୍ଯ୍ୟ କରୁଅଛି ତାହା ମଧ୍ୟ ଦେଖିଲୁ । ଜମାତ୍ ଅହେମଦୀୟା ନା କେବଳ ବିଭିନ୍ନ ଗରିବ ଦେଶଗୁଡ଼ିକରେ ଲୋକମାନଙ୍କର ଅବସ୍ଥାକୁ ସୁଧାରିବା ପାଇଁ ହଜାର ହଜାର ସ୍ୱେଚ୍ଛାସେବକଙ୍କ ଦ୍ୱାରା ସେବା କରୁଅଛି ବରଂ ଉନ୍ନତଶୀଳ ରାଷ୍ଟ୍ରଗୁଡ଼ିକରେ ମଧ୍ୟ ସମାଜର ଉନ୍ନତି କରୁଅଛି । ଏହି ମିଟିଂରେ ମୋ ସହିତ ଦିଲ୍‌ବେକ୍‌ର ପୂର୍ବତନ ମେୟର୍, ମୌଲିନ୍ ବେକ୍‌ର ମେୟର୍ ଏବଂ ଉକ୍କଲ୍ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି ମିଟିଂରେ ଭକ୍ତିଭାବ, ସ୍ୱାଧୀନତା, ନ୍ୟାୟ ଆଚରଣ କରିବା ପାଇଁ ପ୍ରୋତ୍ସାହନ ଏବଂ ପ୍ରତ୍ୟେକ ପ୍ରକାରର କଠୋରପନ୍ଥୀ କାର୍ଯ୍ୟକଳାପକୁ ଖଣ୍ଡନ କରିବା ପାଇଁ ଜୋର୍ ଦିଆଗଲା । ଖଲିଫା ଏକଥାକୁ ବହୁତ ଗୁରୁତ୍ୱ ଦେଇଛନ୍ତି କି ଯେଉଁ ଦେଶରେ ବସବାସ କରାଯାଉଅଛି ସେ ଦେଶ ସହିତ ଭକ୍ତିଭାବ ଏବଂ ସେ ଦେଶର କାନୁନ୍‌କୁ ମାନି ଚଳିବା ହେଉଛି ଗୁରୁତ୍ୱପୁର୍ଣ୍ଣ କଥା । ଜମାତ୍ ଅହେମଦୀୟା ଏକତା ଏବଂ ଜଣେ ଅନ୍ୟଜଣକୁ ସମ୍ମାନ ଦେବାରେ ଏକ ଉଦାହରଣ । ସେ ନା କେବଳ କହିଥାଏ ବରଂ କାର୍ଯ୍ୟରେ ମଧ୍ୟ ଏହାକୁ ପରିପ୍ରକାଶ କରିଥାଏ ।

ବେଲ୍‌ଜିୟମ୍‌ର ଜଲ୍‌ସାରେ ବ୍ରିସିଲ୍‌ଜ୍‌ର ପୋଲିସ୍ କମିଶନର୍ Christiane De Konick ସାହେବ୍ ମଧ୍ୟ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ଏହା ମୋ ପାଇଁ ବହୁତ ସମ୍ମାନ ବିଷୟ ଯେ ମୁଁ ଏଠାରେ ଆସି ଉପସ୍ଥିତ ହୋଇଛି । ମୁଁ ପୂର୍ବରୁ ଆପଣଙ୍କ ଜମାତ୍ ବିଷୟରେ ଜାଣିନଥିଲି । କିନ୍ତୁ ମୋର ଯେଉଁ ଅହେମଦୀ ପଡୋଶୀ ଜଣକ ଅଛନ୍ତି ସେ ମୋତେ ଜମାତ୍ ବିଷୟରେ ପରିଚୟ କରାଇଲେ । ଏଠାକୁ ଆସି ମୋତେ ବହୁତ ଭଲ ଲାଗିଲା । କାରଣ ବ୍ରିସିଲ୍‌ଜ୍‌ରେ ହୋଇଥିବା ଆକ୍ରମଣ ଯୋଗୁ ମୋତେ ଇସ୍‌ଲାମ୍ ସମ୍ବନ୍ଧରେ ବିରକ୍ତିଭାବ ଆସିଯାଇଥିଲା । ଏକଥା ମୋ ବୁଝାମଣାରେ ବାହାରେ କି ଲୋକମାନେ କାହିଁକି ଧର୍ମ ନାମରେ କାହାକୁ ହତ୍ୟା କରିପାରୁଛନ୍ତି ? ସେଇଥିଯୋଗୁ ମୁଁ ଇସ୍‌ଲାମ୍ ପ୍ରତି ଅପ୍ରସନ୍ନ ଥିଲି । କିନ୍ତୁ ଆପଣଙ୍କ ଜମାତ୍ ଏବଂ ଆପଣଙ୍କ ମୋଟୋ 'ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ' ଅର୍ଥାତ୍ ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ ର ପ୍ରତିବଦଳରେ ମୁଁ ଏକଥା ଜାଣିନେଲି ଯେ ଇସ୍‌ଲାମ୍ ହେଉଛି ଶାନ୍ତିପୁର୍ଣ୍ଣ ଧର୍ମ ଏବଂ ବ୍ରିସିଲ୍‌ଜ୍‌ରେ ହୋଇଥିବା ଆକ୍ରମଣ ସମ୍ବନ୍ଧରେ ଆମେ ଇସ୍‌ଲାମ୍‌କୁ ଦାୟୀ କରିପାରିବା ନାହିଁ ।

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**